

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୧ ଜୁଲାଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 11 JULY 2021
Vol.No. 32 ■ No. 175 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

କନ୍ଧମାଳ ଜିଲ୍ଲା ସୀମାନ୍ତରେ ମାଓବାଦୀ-ଯବାନ୍ ମୁହାଁମୁହିଁ

ଦୁଇ ଆହତ ଯବାନ୍ ଏମ୍ସରେ ଭର୍ତ୍ତି, ଏୟାର ଲିଫ୍ଟ କରି ଆଣିଲେ ଡିଜିପି

ଭୁବନେଶ୍ୱର,୧୦/୦୭ (ନି.ପ୍ର): କନ୍ଧମାଳ ଗୋଛାପଡ଼ା ଥାନା ଉମା ଜଙ୍ଗଲରେ କମ୍ବିଂ ଅପରେସନ ବେଳେ ସୁରକ୍ଷାକର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳିମାଡ ଫଳରେ ଏସ୍ଓଜିର ଦୁଇଜଣ କମାଣ୍ଡୋ ଗୁରୁତର ହୋଇଛନ୍ତି। ଗୁରୁତର ଯବାନଙ୍କୁ ଚିକିତ୍ସା ପାଇଁ ଏୟାର ଲିଫ୍ଟିଂର ଆବଶ୍ୟକତା ଥିବା ବେଳେ ରାଜ୍ୟ ପୋଲିସ୍ ଡିଜି ଶ୍ରୀ ଅଭୟ ନିଜ ଗସ୍ତ ବାତିଲ କରି ସେମାନଙ୍କୁ ଭୁବନେଶ୍ୱର ପହଂଚାଇଥିଲେ। ସେମାନଙ୍କୁ ଭୁବନେଶ୍ୱର ଏମସ୍ ରେ ଭର୍ତ୍ତି କରାଯାଇଥିବା ବେଳେ ବର୍ତ୍ତମାନ ଉଭୟ ଯବାନଙ୍କ ଅବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ କନ୍ଧମାଳ ଗୋଛାପଡ଼ା ଥାନା ଉମା ଜଙ୍ଗଲରେ କମ୍ବିଂ ଅପରେସନରେ ଯାଇଥିବା ସୁରକ୍ଷାକର୍ମୀଙ୍କ ଉପରକୁ ହଠାତ୍ ଆଖିବୁଜା ଗୁଳି ଚଳାଇଥିଲେ ଲାଲବାହିନୀ। ଗୁଳିବାଜି ଗୁରୁତର ଆହତ ହୋଇଥିଲେ ଏସ୍ଓଜିର ଏ ଦୁଇ କମାଣ୍ଡୋ। ସିଆରପିଏଫ ଯବାବନ୍ ମାନେ ତୁରନ୍ତ ଉଭୟଙ୍କୁ ସୀମାରେ ଥିବା ବୌଦ୍ଧ ଜିଲ୍ଲାର ପାଦେଲପଡ଼ାକୁ ଆଣିଥିଲେ। ତେବେ ଉଭୟଙ୍କୁ ଏୟାରଲିଫ୍ଟ କରିବା ପାଇଁ ଆସିବାକୁ ଥିବା ଭାରତୀୟ ବାୟୁସେନାର ଏକ ହେଲିକପ୍ଟର ଖରାପ ପାଗ ଯୋଗୁଁ ଆଗକୁ ବଢ଼ି ନପାରି ଛତିଶଗଡ଼ ମହାସମୁଦ୍ରରୁ ଫେରିଯାଇଥିଲା। ହେଲେ ସୌଭାଗ୍ୟକୁ ଏତିକି ବେଳେ ହେଲିକପ୍ଟର ଯୋଗେ କୋରାପୁଟ୍-ମାଲକାନଗିରି ଗସ୍ତରେ ଯାଉଥିବା ଡିଜିପି ଅଭୟ ତୁରନ୍ତ ଗସ୍ତ ବାତିଲ କରି ସୁନାବେଡ଼ାରୁ ସିଧା ପାଦେଲପଡ଼ା ପହଂଚିଥିଲେ। ଉଭୟଙ୍କୁ ନିଜ ହେଲିକପ୍ଟରରେ ଏୟାର ଲିଫ୍ଟ କରି ଭୁବନେଶ୍ୱର ନେଇ ଆସିଥିଲେ। ଆହତ ଏସ୍ଓଜି ଯବାନଙ୍କ ଭିତରୁ ଜଣଙ୍କ ଛାତିରେ ଗୁଳି ବାଜିଥିଲା ବେଳେ ଅନ୍ୟ ଜଣଙ୍କ ହାତରେ ଗୁଳିବାଜିଛି। ଦୁଇ ଜଣଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯିବା ପରେ ଏକ ସ୍ୱତନ୍ତ୍ର ଟିମ୍ ସହାୟତାରେ ଉଭୟଙ୍କ ଚିକିତ୍ସା ଚାଲିଛି। ଅପରେସନରେ ମାଓବାଦୀଙ୍କ ପକ୍ଷରୁ ମଧ କିଛି ଆହତ ହୋଇଥିବା ପୋଲିସ କହିଛି। ଆଇଜି ଅପରେସନଙ୍କ ସୂଚନା ଅନୁଯାୟୀ, ସଂପୃକ୍ତ ଅଂଚଳରେ ମାଓବାଦୀଙ୍କ କେକେବିଏନ୍ ଓ ବିବିଏନ୍ ଡିଭିଜନ୍ ସକ୍ରିୟ ଥିବାରୁ ଆଗକୁ ଅପରେସନକୁ ଆହୁରି ଜୋରଦାର କରାଯିବ।

ଦୁଇରୁ ଅଧିକ ସନ୍ତାନ ଥିଲେ ମିଳିବନି ସରକାରୀ ଚାକିରି

ୟୁପି ସରକାରଙ୍କ ନୂଆ ଜନସଂଖ୍ୟା ନିୟନ୍ତ୍ରଣ ବିଲକୁ ନେଇ ବିତର୍କ ଆରମ୍ଭ

ଉତ୍ତରପ୍ରଦେଶ,୧୦/୦୭ (ନି.ପ୍ର): ୨୦୨୨ରେ ନିର୍ବାଚନକୁ ଯାଉଥିବା ଉତ୍ତରପ୍ରଦେଶରେ ପ୍ରସ୍ତୁତ ହୋଇଛି ନୂଆ ଜନସଂଖ୍ୟା ନିୟନ୍ତ୍ରଣ ବିଲ । ଆଉ ଏହାର ଡ୍ରାଫ୍ଟ ଅନୁସାରେ ଦୁଇରୁ ଅଧିକ ସନ୍ତାନ ଥିଲେ ଜଣେ ସ୍ଥାନୀୟ ନିର୍ବାଚନ ଲଢ଼ିପାରିବ ନାହିଁ, ସରକାରୀ ଚାକିରି ପାଇଁ ଆବେଦନ ଉପରେ ମଧ ରୋକ୍ ଲାଗିଛି, ଯଦି ସରକାରୀ ଚାକିରି କରୁଛନ୍ତି ତେବେ ପଦୋନ୍ନତି ମିଳିବନି, ସରକାର ଯୋଗାଉଥିବା ସବସିଡିରୁ ମଧ ବ୍ୟକ୍ତି ବଞ୍ଚିତ ହେବେ, ଉତ୍ତରପ୍ରଦେଶ ପପୁଲେସନ ବିଲ୍ ୨୦୨୧ରେ ଏସବୁ ବ୍ୟବସ୍ଥା ଥିବା କଥା କହିଛନ୍ତି ଉତ୍ତରପ୍ରଦେଶ ଆଇନ୍ କମିଶନ । କମିଶନଙ୍କ ୱେବସାଇଟରେ କୁହାଯାଇଛି, ରାଜ୍ୟ ଏବେ ଜନସଂଖ୍ୟା ନିୟନ୍ତ୍ରଣକୁ ଆଣିବା ସହ ସଂଖ୍ୟାକୁ ସ୍ଥିର ରଖିବା ଏବଂ ସେମାନଙ୍କ ଉନ୍ନତି ଦିଗରେ କାର୍ଯ୍ୟ କରୁଛି । ଏହାକୁ ଆଖି ଆଗରେ ରଖି ହିଁ ଏହି ବିଲକୁ ପ୍ରସ୍ତୁତ କରାଯାଇଛି । ଯଦି ବିଲରେ ଥିବା ବ୍ୟବସ୍ଥା ଉପରେ କାହାର ଆପତ୍ତି ଥାଏ କିମ୍ବା କୌଣସି ପରାମର୍ଶ ଥାଏ, ତେବେ ଜୁଲାଇ ୧୯ ସୁଦ୍ଧା ମତ ରଖିବାକୁ ଆହ୍ୱାନ ଦିଆଯାଇଛି । ସରକାରୀ ଚାକିରିଆଙ୍କ ପାଇଁ ଦୁଇ ସନ୍ତାନ ପ୍ରାବଧାନ ବାବଦରେ ଉଲ୍ଲେଖ ରଖି କୁହାଯାଇଛି । ଯେଉଁ କର୍ମଚାରୀ ଏହାକୁ ମାନିବେ, ସେମାନଙ୍କୁ ପୂରା କ୍ୟାରିୟରରେ ଅତିରିକ୍ତ ଦୁଇ ଥର ଇନକ୍ରିମେଣ୍ଟ ମିଳିବ। ମାତୃତ୍ୱ କିମ୍ବା ପିତୃତ୍ୱ ପାଇଁ ୧୨ ମାସର

▶▶ପୃଷ୍ଠା ୭

ମହାରାଷ୍ଟ୍ର ଓ କେରଳ ଫେରନ୍ତାଙ୍କ ଉପରେ ନଜର : ଡିଏମଇଟି

ଭୁବନେଶ୍ୱର,୧୦/୦୭ (ନି.ପ୍ର): ମହାରାଷ୍ଟ୍ର ଓ କେରଳ ଫେରନ୍ତାଙ୍କ ଉପରେ ସ୍ୱାସ୍ଥ୍ୟ ବିଭାଗ କଡ଼ା ନଜର ରଖିଛି। ସେଠାରୁ ଆସୁଥିବା ଲୋକଙ୍କ ଟ୍ରେସିଂ, ଟେଷ୍ଟିଂ ଓ ଟ୍ରିଟମେଂଟ ଉପରେ ରାଜ୍ୟ ସରକାର ଅଧିକ ଫୋକସ୍ କରିଛନ୍ତି। ମହାରାଷ୍ଟ୍ର ଓ କେରଳରେ କରୋନା ସଂକ୍ରମଣ ବୃଦ୍ଧି ପାଇଛି ଓ ନୂଆ ମ୍ୟୁଟାଂଟ ଦେଖାଦେଇଛି। ଏହି ଦୁଇ ରାଜ୍ୟ ଫେରନ୍ତାଙ୍କ ଉପରେ ନଜର ରଖିବାକୁ ବିଭିନ୍ନ ଜିଲ୍ଲାର ଅଙ୍ଗନବାଡ଼ି, ଆଶା ଦିଦି ଓ ସର୍ଭେଲାନ୍ସ କରୁଥିବା ଟିମଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଡିଏମ୍ଇଟି ନିର୍ଦ୍ଦେଶକ ସି.ବି.କେ ମହାନ୍ତି କହିଛନ୍ତି। କେବଳ ରାଜ୍ୟ ସରକାର ନୁହନ୍ତି, କେନ୍ଦ୍ର ସରକାର ମଧ ପଦକ୍ଷେପ ନେବାକୁ ସେ ମତ ରଖିଛନ୍ତି।

ଖୁବଶୀଘ୍ର ରାଜ୍ୟରେ ଆରମ୍ଭ ହେବ 'ମୋହଲ୍ଲା କ୍ଲାସ'

ନେଟୱାର୍କ ନଥିବା ଅପହଂଚ ଅଂଚଳରେ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚିବେ ଶିକ୍ଷକ

ଭୁବନେଶ୍ୱର,୧୦/୦୭ (ନି.ପ୍ର): ଖୁବଶୀଘ୍ର ରାଜ୍ୟରେ ଆରମ୍ଭ ହେବ 'ମୋହଲ୍ଲା କ୍ଲାସ' । ଛତିଶଗଡ଼ ଢାଂଚାରେ ଶିକ୍ଷାଦାନ ନେଇ ଗଣଶିକ୍ଷା ବିଭାଗ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଖୁବଶୀଘ୍ର ଏନେଇ ଘୋଷଣା ହୋଇପାରେ । ନେଟୱାର୍କ ନଥିବା ସ୍ଥାନରେ ଛାତ୍ରଛାତ୍ରୀଙ୍କ ପାଖରେ ପହଂଚିବେ ଶିକ୍ଷକ । ଅନଲାଇନ୍ କ୍ଲାସରେ ସମସ୍ୟା ଉପୁଜିଥିବା ପିଲାଙ୍କ ପାଖରେ ପହଂଚି ଶିକ୍ଷାଦାନ କରିବେ ଶିକ୍ଷକ । କରୋନା ମହାମାରୀ ପାଇଁ ରାଜ୍ୟର ସରକାରୀ ସ୍କୁଲ ଗୁଡିକରେ ଶିକ୍ଷାଦାନ ବ୍ୟବସ୍ଥାରେ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି । ଭର୍ଚୁଆଲ ମାଧମରେ ଯେଉଁ ପାଠପଢା ହେଉଛି ତାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠୁଛି । କେତେକ ଛାତ୍ରଛାତ୍ରୀମାନେ ମୋବାଇଲ ନେଟୱାର୍କ ନଥିବାରୁ ଗଛ ଉପରେ, ପାଣିଟାଙ୍କି ଉପରେ ପଢୁଥିବା ଚିତ୍ର ସାମନାକୁ ଆସୁଛି । ଏହା ସହିତ ଯେଉଁଶିକ୍ଷା ଦାନ ହେଉଛି ତାହାପୁଣି ସବୁ ପିଲାଙ୍କ ନିକଟରେ ସ୍ମାର୍ଟଫୋନ୍ ନଥିବାରୁ ପହଞ୍ଚି ପାରୁନାହିଁ । ତେବେ, ମୋହଲ୍ଲା କ୍ଲାସ ହେଲେ ଛାତ୍ରଛାତ୍ରୀଙ୍କ ପାଠ ପଢାରେ ସାମାନ୍ୟ ସୁଧାର ଆସିପାରିବ ବୋଲି ଆଶା କରାଯାଉଛି ।

ଆସନ୍ତାକାଲି ହୀରାକୁଦରୁ ଛଡା ଯିବ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ

ଭୁବନେଶ୍ୱର,୧୦/୦୭(ନି.ପ୍ର): ଆସନ୍ତାକାଲି ସକାଳ ୧୧ଟାରେ ହୀରାକୁଦରୁ ଛଡାଯିବ ଚଳିତ ବର୍ଷର ପ୍ରଥମ ବନ୍ୟା ଜଳ । ଏଥପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ଡ୍ୟାମ କର୍ତ୍ତୃପକ୍ଷ । ବିଧି ଅନୁସାରେ ପୂଜାର୍ଚ୍ଚନା ପରେ ୭ ନମ୍ବର ଗେଟରୁ ଏହା ଛଡାଯିବ । ହୀରାକୁଦରୁ ପାଣି ଛଡାଯିବାର ୪୮ଘଂଟା ପରେ ମୁଣ୍ଡଳୀରେ ପହଂଚିବ ବନ୍ୟାଜଳ । ଏନେଇ ତଳମୁଣ୍ଡର ସବୁ ଜିଲ୍ଲାପାଳମାନଙ୍କୁ ସତର୍କ ସୂଚନା ଦେଇଛନ୍ତି ଡ୍ୟାମ କର୍ତ୍ତୃପକ୍ଷ । ତେବେ ଆଜି ଜଳଭଣ୍ଡାରର ଜଳସ୍ତର ୬୦୮.୩୧ ଫୁଟ ରହିଛି । ଏହାସହ ଜଳଭଣ୍ଡାରରକୁ ପ୍ରତି ସେକେଣ୍ଡରେ ୩୮ ହଜାର ୫୦୧ କ୍ୟୁସେକ ଜଳ ପ୍ରବେଶ କରୁଛି ।

ରାଷ୍ଟ୍ରୀୟ ରାଜନୀତିରେ ପ୍ରବେଶ କରିବାକୁ ମମତା ପ୍ରସ୍ତୁତ କରୁଛନ୍ତି କି ବ୍ଲୁ ପ୍ରିଣ୍ଟ

ପ୍ରଶାନ୍ତ କିଶୋରଙ୍କ ସହ ୩ ଘଂଟାର ବୈଠକ

ଭୁବନେଶ୍ୱର,୧୦/୦୭(ନି.ପ୍ର): ବିଜେପିର କଳ, ବଳ କୌଶଳକୁ ପରାଜୟ କରି ପଶ୍ଚିମବଙ୍ଗ ବିଧାନସଭାରେ ଟିଏମସିର ବିଜୟ ପରେ ମମତା ବାନାର୍ଜୀ ବେସ୍ ଉତ୍ସାହିତ ଥିବା ଭଳି ମନେ ହେଉଛି । ଏବେ ମମତା ବାନାର୍ଜୀ ରାଷ୍ଟ୍ରୀୟ ରାଜନୀତିରେ ପାଦ ଦେବାକୁ ପ୍ରସ୍ତୁତ ହେଉଛନ୍ତି । ରାଷ୍ଟ୍ରୀୟ ରାଜନୀତିରେ ପ୍ରବେଶ କରିବା ପୂର୍ବରୁ ମମତା ବାନାର୍ଜୀ ଶୁକ୍ରବାର ଦିନ ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ସହ ୩ ଘଂଟାର ବୈଠକ କରିଛନ୍ତି । ଶୁକ୍ରବାର ଦିନ ସନ୍ଧ୍ୟାରେ ପ୍ରଶାନ୍ତ କିଶୋର ମମତା ବାନାର୍ଜୀଙ୍କ ବାସଭବନରେ ୩ ଘଂଟା ରହିଥିଲେ । ଏହି ସମୟରେ ଟିଏମସି କିଭଳି ରାଷ୍ଟ୍ରୀୟ ରାଜନୀତିରେ ପ୍ରବେଶ କରିବ ସେ ନେଇ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ବୋଲି କୁହାଯାଇଛି । ଏହା ସହ ଏହି ବୈଠକରେ ଟିଏମସିର ଜିଲ୍ଲା ସ୍ତରୀୟ ସଂଗଠନରେ ବଡ ପରିବର୍ତ୍ତନ କରିବା ନେଇ ବି ଆଲୋଚନା ହୋଇଛି । ଏହା ସହ ଟିଏମସିର ଏକ ବ୍ୟକ୍ତି ଏକ ପଦ ବ୍ୟବସ୍ଥା ଜିଲ୍ଲା ସ୍ତରରୁ ଲାଗୁ ହେବ ବୋଲି ଅନୁମାନ କରାଯାଇଛି । କେବଳ ସେତିକି ନୁହେଁ ରାଷ୍ଟ୍ରୀୟ ରାଜନୀତିରେ ମୋଦୀଙ୍କ ବିରୋଧରେ ଟିଏମସି କିଭଳି ପ୍ରସ୍ତୁତ ହେବ ସେନେଇ ବି ଏହି ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି । ଅନ୍ୟପଟେ ବିଧାନସଭା ନିର୍ବାଚନ ଜିତିବା ପରେ ଟିଏମସି ପକ୍ଷରୁ ସ୍ପଷ୍ଟ କରାଯାଇଥିଲା କି ଏବେ ମମତା ବାନାର୍ଜୀ ରାଷ୍ଟ୍ରୀୟ ରାଜନୀତିରେ ସକ୍ରିୟ ଭୂମିକା ନେବାକୁ ଇଚ୍ଛା ପ୍ରକାଶ କରିଛନ୍ତି । ଏନେଇ ଟିଏମସି ପକ୍ଷରୁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି । ଯାହାକି ଜୁଲାଇ ଶେଷ କିମ୍ବା ଅଗଷ୍ଟ ପହିଲା ବେଳକୁ ସାର୍ବଜନୀନ କରାଯିବ ।

ବାମପନ୍ଥୀଙ୍କ 'ଓଡ଼ିଶା ବନ୍ଦ' ଡାକରାକୁ ବିଭିନ୍ନ ଗଣସଂଗଠନର ସମର୍ଥନ

ଭୁବନେଶ୍ୱର,୧୦/୦୭ (ନି.ପ୍ର): ଡିଜେଲ, ପେଟ୍ରୋଲ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଆକାଶଛୁଆଁ ଦରବୃଦ୍ଧି ବିରୋଧରେ ୪ଟି ବାମପନ୍ଥୀ ଦଳ ପକ୍ଷରୁ ଆସନ୍ତା ୧୫ ତାରିଖ ସକାଳ ୬ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଯେଉଁ ୬ଘଂଟିଆ 'ଓଡ଼ିଶା ବନ୍ଦ'ର ଡାକରା ଦିଆଯାଇଛି, ତାକୁ ରାଜ୍ୟର ବିଭିନ୍ନ ଗଣ ସଂଗଠନ ସମର୍ଥନ ଜଣାଇବା ସଙ୍ଗେ ସଙ୍ଗେ ଏଥିରେ ସକ୍ରିୟ ଭାବେ ସାମିଲ ହେବା ପାଇଁ ଘୋଷଣା କରିଛନ୍ତି। ଏଥିପାଇଁ ଆଜି ପୂର୍ବାହ୍ନରେ ଭଗବତୀ ଭବନଠାରେ

▶▶ପୃଷ୍ଠା ୭

ଦିନକ ପରେ ବଡ଼ ଦାଣ୍ଡରେ ଗଡ଼ିବ ରଥ

ବଡଦାଣ୍ଡରୁ ଆସିଲା କାଳିଆ ପ୍ରେମର ୪ଟି ରୋଚକ କାହାଣୀ

ପୁରୀ,୧୦/୦୭(ନି.ପ୍ର): ସାଆନ୍ତେଙ୍କ ଯାତ୍ରାକୁ ନେଇ ଚଳଚଞ୍ଚଳ ଶ୍ରୀକ୍ଷେତ୍ର । କରୋନା ଯୋଗୁଁ କଟକଣା ଲାଗିଛି ସତ, କିନ୍ତୁ ପରମ୍ପରା ଅତୁଟ ରହିଛି । ଖାଲି ସେତିକି ନୁହେଁ, ଏହି ସମୟରେ ବଡ଼ଦାଣ୍ଡର ଦୃଶ୍ୟ ମଧ ସମସ୍ତଙ୍କୁ ବିମୋହିତ କରୁଛି । ପ୍ରଭୁଙ୍କୁ ଅପେକ୍ଷା କରିଛନ୍ତି ୩ ରଥ । ଆଉ ଏହାରି ଭିତରେ କାଳିଆ ପ୍ରେମର ଅନେକ ରୋଚକ କାହାଣୀ ସାମ୍ନାକୁ ଆସିଛି । ରଥଯାତ୍ରା ପାଇଁ ଠାକୁରମୁଣ୍ଡା ଆଶ୍ରମରୁ ବଡଦାଣ୍ଡରେ ପହଞ୍ଚିଛନ୍ତି ବାବା ଭୈରବାନନ୍ଦ ସରସ୍ୱତୀ । ଆଉ ସାଙ୍ଗରେ ଆଣିଛନ୍ତି ୧୦ ଫୁଟର ଧୂପକାଠି । ମହୀଶୂରରୁ ଏହି ଧୂପକାଠି ଆଣିଛନ୍ତି ବାବା, ଯାହାର ଦାମ୍ ରହିଛି ୫ ହଜାର ଟଙ୍କା । ତେବେ ଏହି ଧୂପକାଠି ୭୨ ଘଣ୍ଟା ପର୍ଯ୍ୟନ୍ତ ଜଳିଥାଏ ଏବଂ ପୂର୍ବରୁ ସେ ୧୫ ଫୁଟର ଧୂପକାଠି ଆଣିଥିଲେ ବୋଲି କହିଛନ୍ତି । ସେହିପରି ମୁମ୍ବାଇରେ ଚାକିରି କରିଥିବା ଜଣେ ଉଚ୍ଚଶିକ୍ଷିତ ଚାକିରି ଛାଡି ଜଗା ସେବାରେ ଲାଗିଛନ୍ତି । ପୁରୀରେ ରଥ ନିର୍ମାଣ କାମରେ ଲାଗିଛନ୍ତି ଅର୍ଥନୀତିରେ ସ୍ନାତକୋତ୍ତର କରିଥିବା କମାର ସେବାୟତ ଦାଶରଥୀ ମହାରଣା । ସେ ତିନି ରଥ ପାଇଁ ୩ ଟନ୍ କଣ୍ଟା ପ୍ରସ୍ତୁତ କରୁଛନ୍ତି ଏବଂ ବାଣୀବିହାରରୁ ଅର୍ଥନୀତିରେ ପିଜି କରିଛନ୍ତି ବୋଲି କହିଛନ୍ତି । ଅନ୍ୟପଟେ ରଞ୍ଜିତ ମହାରଣା ଆଇନ ପାଠ ପଢି ମଧ କରତ କାରିଗର ଭାବେ ମହାପ୍ରଭୁଙ୍କ ସେବା କରୁଛନ୍ତି । ଖାଲି ସେତିକି ନୁହେଁ, ଦୁଇ ବର୍ଷ ଧରି କୋର୍ଟରେ ଓକିଲାତି ମଧ କରିଛନ୍ତି ରଞ୍ଜିତ । କିନ୍ତୁ ଏବେ ୧୪ ବର୍ଷ ହେଲା ପ୍ରଭୁ ଜଗନ୍ନାଥଙ୍କ ସେବାରେ ସେବାରେ ଲାଗିଛନ୍ତି ।

ମହାକାଶରେ ଚମକିବେ ତୃତୀୟ ଭାରତୀୟ ବଂଶୋଦ୍ଭବ ଶିରିସା ବନ୍ଦଲା

ନୂଆଦିଲ୍ଲୀ,୧୦/୦୭: ଆମେରିକାର ପ୍ରଶାସନିକ ସେବା ଠାରୁ ଆରମ୍ଭ କରି ରାଜନୀତି ପର୍ଯ୍ୟନ୍ତ ଭାରତୀୟ ବଂଶୋଦ୍ଭବଙ୍କ ଆଧିପତ୍ୟ ବଢୁଥିବା ବେଳେ ଆଉ ଜଣେ ଭାରତୀୟ ବଂଶୋଦ୍ଭବ ଏବେ ମହାକାଶକୁ ଯାତ୍ରା କରିବେ । ତୃତୀୟ ଭାରତୀୟ ବଂଶୋଦ୍ଭବ ଭାବେ ଶିରିସା ବନ୍ଦଲା ମହାକାଶକୁ ଯାତ୍ରା କରିବେ ବୋଲି ସୂଚନା ମଳିଛି । କଳ୍ପନା ଚାୱଲା ଓ ସୁନିତା ୱିଲିୟମ୍ସଙ୍କ ପରେ ଶିରିସା ତୃତୀୟ ଭାରତୀୟ ବଂଶୋଦ୍ଭବ ଭାବେ ମହାକାଶ ଯାତ୍ରା କରିବେ । ରିଚାର୍ଡ ବ୍ରାନସନଙ୍କ କମ୍ପାନୀ ଭର୍ଜିନ ଗାଲାକଟିକ ପକ୍ଷରୁ ତାଙ୍କୁ ଚୟନ କରାଯାଇଛି । ସେ ଆସନ୍ତା ୧୧ ତାରିଖ ଦିନ ନ୍ୟୁ ମେକ୍ସିକୋରୁ ମହାକାଶ ଯାତ୍ରା କରିବେ । ୩୪ ବର୍ଷିୟ ଶିରିସା ତାଙ୍କ ଦଳର ୫ ଜଣ ସହକର୍ମୀଙ୍କ ସହ ମହାକାଶ ଯାତ୍ରା କରିବେ । ମହାକାଶକୁ ଯିବାକୁ ଥିବା ଏହି ଟିମର ନାମ 'ୟୁନିଟ-୨୨' ବୋଲି ରଖା ଯାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଟିମରେ ଭର୍ଜିନ ଗାଲାକଟିକ କମ୍ପାନୀର ଅଧକ୍ଷ ରିଚାର୍ଡ ବ୍ରାନସନ ନିଜେ ମଧ ସାମିଲ ଅଛନ୍ତି । ସୂଚନା ଥାଉକି ଶିରିସା ବନ୍ଦଲା ଏହି ଟିମର ଚତୁର୍ଥ ସଦସ୍ୟ ଭାବେ ଯୋଗ ଦେଇଛନ୍ତି । ସେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଠାରେ ଜନ୍ମଗ୍ରହଣ କରିଥିଲେ । ସେ ହୋଷ୍ଟନ ସହରରେ ଶିକ୍ଷାଲାଭ କରିବା ସହ ସେହିଠାରେ ହିଁ ବଡ ହୋଇଛନ୍ତି । ତାଙ୍କ ମହାକାଶ ଯାତ୍ରା ବାବଦରେ ସୂଚନା ପାଇବା ପରେ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଟ୍ୱିଟ୍ ଯୋଗେ ତାଙ୍କୁ ଶୁଭେଚ୍ଛା ଦେବା ସହ ଦେଶର ନାମ ଉଜ୍ଜ୍ୱଳ କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଇଛନ୍ତି ।

୨୫୦୦ କୋଟି ଟଙ୍କାର ଧଳା ଜହର ଜବତ, ୪ ଜଣ ଗିରଫ

ନୂଆଦିଲ୍ଲୀ,୧୦/୦୭: ଦିଲ୍ଲୀ ପୋଲିସକୁ ବଡ ସଫଳତା ମିଳିଛି । ପୋଲିସ ୨୫୦୦ କୋଟି ଟଙ୍କାର ୩୫୦ କିଲୋ ଧଳା ଜହର ଜବତ କରିବା ସହ ୪ ଜଣଙ୍କୁ ଗିରଫ୍ କରିଛି । ଗିରଫ୍ ହୋଇଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ହିରିଆଣା ଓ ଜଣଙ୍କୁ ଦିଲ୍ଲୀରୁ ଗିରଫ୍ କରାଯାଇଛି । ସେମାନଙ୍କୁ ଥାନାକୁ ନେଇ ପୋଲିସ ପଚରା ଉଚରା କରୁଛି । କୁହାଯାଇଛି କି ଦିଲ୍ଲୀ ପୋଲିସର ସ୍ପେଶାଲ ହାତରେ ନିଶା କାରବାରର ଏକ ବଡ ଗ୍ୟାଙ୍ଗ ଧରାପଡିଛି । ଏହି ମାମଲା ଏବେ ଏନସିବି ହାତକୁ ଯାଇପାରେ । ଏହି ମାମଲା ଏବେ ଏନସିବି ଆଙ୍ଗେଲରେ ଯାଂଚ କରାଯାଉଛି । ଦିଲ୍ଲୀ ପୋଲିସର ସ୍ପେଶାଲ ଟିମ୍ ଏନେଇ ୪ ଜଣଙ୍କୁ ଗିରଫ୍ କରିବା ପରେ ସାମ୍ବାଦିକ ସମ୍ମିଳନୀ କରିଛି । ଏଥିରେ ଜଣେ ଅଧିକାରୀ କହିଛନ୍ତି କି ଚୋରା ଧଳା ଜହର କାରବାର କରୁଥିବା ସତୀଶକୁ ଧରିବା ପାଇଁ ପୋଲିସ ପକ୍ଷରୁ ଅନେକ ଦିନ ହେବ ପ୍ରୟାସ କରାଯାଉଥିଲା । ଦିଲ୍ଲୀ ପୋଲିସର ସୂଚନା ମୁତାବକ ଏତେ ପରିମାଣର ଧଳା ଜହରକୁ ବେପାରୀମାନେ ସମୁଦ୍ର ପଥରେ କଣ୍ଟେନର୍ସରେ ଲୁଚାଇ ଆଣିଥିଲେ । ଏହାକୁ ମଧ୍ୟପ୍ରଦେଶର ଏକ ଫ୍ୟାକ୍ଟ୍ରିରେ ଆହୁରି ଫାଇନ କରିବାକୁ ମାଫିଆ ମାନେ ଯୋଜନା କରିଥିଲେ । ଏହାସହ ଏହି ଡ୍ରଗ୍ସକୁ ଲୁଚାଇବାକୁ ଫରିଦାବାଦରେ ଏକ ଘର ଭଡା ନିଆଯାଇଥିଲା କହିରଖୁ କି କରୋନା କାଳରେ ଦେଶରେ ଅବୈଧ ନିଶା କାରବାର ବୃଦ୍ଧି ପାଇଛି । ପଡୋଶୀ ଦେଶମାନଙ୍କରୁ ଚୋରାରେ ଧଳା ଜହରଭଳି ମାରାତ୍ମକ ନିଶା ଭାରତକୁ ଆସୁଛି ।

‘ତଥାପି ତୁଳସୀ’ କବିତା ସଂକଳନ ଉନ୍ମୋଚନ

ନୂଆପଡ଼ା,୧୦/୭ (ନି.ପ୍ର): ନୂଆପଡ଼ା ଜିଲ୍ଲାପାଳଙ୍କ ସରକାରୀ କାର୍ଯ୍ୟାଳୟରେ କବୀ ଡ. ଗୀତାଶ୍ରୀ ପ୍ରିୟଂବଦାଙ୍କ କବିତା ସଂକଳନ ‘ତଥାପି ତୁଳସୀ’ ମାନ୍ୟବର ଜିଲ୍ଲାପାଳ ସ୍ୱଧାଦେବ ସିଂଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଉକ୍ତ କବିତା ସଂକଳନଟି କବୀ ଡ. ପ୍ରିୟବଂଦାଙ୍କର ୭ମ ସଂକଳନ ଅଟେ । ଉକ୍ତ ସ୍ୱତନ୍ତ୍ର ଉତ୍ସବରେ ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ଡ. ପଦ୍ମଲୋଚନ ବର୍ମା, ରାଜନୀତି ବିଜ୍ଞାନ ଅଧ୍ୟାପିକା ମୀନା ସାହା, ନୂଆପଡ଼ା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ମେଜର ଡ. ରାମଚନ୍ଦ୍ର ମିଶ୍ର, କବୀ ପ୍ରହାସିନୀ ପାଢ଼ୀ, କବି ତଥା ଗାଳ୍ପିକ ମାୟାଧର ସରାଫ ତଥା ନୂଆପଡ଼ା ଜିଲ୍ଲାର ସମସ୍ତ ସମ୍ବାଦପତ୍ରର ପ୍ରତିନିଧିମାନେ ଯୋଗଦେଇଥିଲେ । ଉକ୍ତ ଅବସରରେ ‘ତଥାପି ତୁଳସୀ’ କବିତା ସଂକଳନର ପ୍ରକାଶକ ଭୀକାରୀ ଧଳ ଆନ୍ତରିକ ଶୁଭେଚ୍ଛା ପ୍ରଦାନ କରିଥିଲେ । ‘ତଥାପି ତୁଳସୀ’ ସଂକଳନ ମଧ୍ୟସ୍ଥ କବିତା ନୂଆପଡ଼ା ଜିଲ୍ଲାର ସାହିତ୍ୟ, ସଂସ୍କୃତି, ପ୍ରଥା, ପରମ୍ପରା, ଜନଜୀବନ ଶୈଳୀ ତଥା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ । ମଧ୍ୟସ୍ଥ ସୂଚନା ସ୍ଥାନିତ ହୋଇଥିବାରୁ ଏହା ପାଠକମାନଙ୍କ ହୃଦୟକୁ ସ୍ପର୍ଶ କରିବ ବୋଲି କବୀଙ୍କର ଆଶା ଓ ବିଶ୍ୱାସ ।

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରତିଷ୍ଠା ଦିବସ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରାୟଗଡ,୧୦/୭ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଗୁଣପୁର ଶାଖ ତରଫରୁ ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରତିଷ୍ଠା ଦିବସ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଗୁଣପୁର ଶାଖ ତରଫରୁ ହଙ୍କଷଚ ୯ ତାରିଖ ରେ ୭୩ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି ଏବଂ ଏହି ଅବସରରେ ବୃକ୍ଷରୋପଣ ମଧ କରାଯାଇଛି । ବିଦ୍ୟାର୍ଥୀ ପରିଷଦ ଗୁଣପୁର ଶାଖର ସଭାପତି ଅଧ୍ୟାପକ ପ୍ରଫୁଲ୍ଲ ଲିମା ପରିଷଦ ପତାକା ଉତ୍ତୋଳନ କରିଥିବା ବେଳେ ବିଭାଗ ପ୍ରମୁଖ ଉମା ଶଙ୍କର ଦାଶ ଉଦବୋଧନ ଦେଇ କହିଥିଲେ । ସମାଜ ବଦଳିବା ନିମନ୍ତେ ବ୍ୟକ୍ତି ବଦଳିବା ନିହାତି ଜରୁରି ଓ ଦେଶ ସୁରକ୍ଷିତ ରହିବା ନିମନ୍ତେ ବର୍ତ୍ତମାନ ପରିସ୍ଥିତି ରେ ଦେଶ ବିରୋଧ ରେ ଚାଲୁଥିବା ଷଡ଼ଯନ୍ତ୍ର ପ୍ରତି ସମସ୍ତ ବିଦ୍ୟାର୍ଥୀ ସଚେତନ ରହିବା ଦରକାର ବୋଲି ଆହ୍ୱାନ ଦେଇଥିଲେ । ସ୍ଥାନୀୟ ବଂଶଧାରା କଲେଜ ନିକଟରେ ହୋଇଥିବା ଏହି ପଟକା ଉତ୍ତୋଳନ କାର୍ଯ୍ୟକ୍ରମ ପରେ ସମସ୍ତ କାର୍ଯ୍ୟ କର୍ତ୍ତା ଗୁଣପୁର ବନ ଖଣ୍ଡ ସହ ମିଶି ବଂଶଧାରା କଲେଜ ପରିସର ଓ ହଳଦିଆ ନାଳ ରାସ୍ତାରେ ୧୦୦ ରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମ ରେ ଜିଲ୍ଲା ପ୍ରମୁଖ ଶେଷ ସାୟୀ ସେନାପତି, ପୂର୍ବତନ ଜିଲ୍ଲା ପ୍ରମୁଖ ଇନ୍ଦ୍ରାଖୀ ଦାଶ, ଅଧାପକ ପ୍ରଶାନ୍ତ ହୋତା, ଅଧାପକ ପୁଣ୍ୟ ଶ୍ଳୋକ ସାହୁ, ନଗର ସମ୍ପାଦକ ସାଇ ପାଣିଗ୍ରାହୀ, କାଳିଆ ଶବର, ବି କିରଣ, ବି ସତୀଶ କୁମାର, ଏସ ଶିବାଜୀ, ଧର୍ମେନ୍ଦ୍ର ପୃଷ୍ଟି, ଚିନା କେଶବା, ଅଧାପକ ଲକ୍ଷ୍ମୀ ମହାକୁଡ଼, ପ୍ରଫୁଲ୍ଲ ଶତପଥି, ମନୋଜ ମହାରଣା ପ୍ରମୂଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ପୂର୍ଣ ବନ୍ଦେ ମାତାରମ ଗାନ କରି ସମାପ୍ତି କରାଯାଇଥିଲା ।

ରକ୍ତ ଦାନ ଶିବିର: ୫୨ୟୁନିଟ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୧୦/୭ (ନି.ପ୍ର): କରୋନା ମହାମାରୀ ସମୟରେ ଓଡ଼ିଶାରେ ରକ୍ତାଭାବକୁ ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ତଥା ବେଗୁନିଆ ର ମାନ୍ୟବର ବିଧାୟକ ରାଜେନ୍ଦ୍ର କୁମାର ସାହୁ ଙ୍କ ଆହ୍ୱାନ ରେ ଓ ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ସାଧାରଣ ସମ୍ପାଦକ, ବିଜୁ ଯୁବ ଜନତା ଦଳ ଙ୍କ ସଂଯୋଜନା ରେ ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ସ୍ଥାନୀୟ ସିମୋର ପଂଚାୟତ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଜୀବନ ବିନ୍ଦୁ କାର୍ଯ୍ୟକ୍ରମ କୁ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଉଦ୍ଘାଟନ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବନମହୋତ୍ସବ ସପ୍ତାହ ଅବସରରେ ଶ୍ରୀ ରାଜେନ୍ଦ୍ର କୁମାର ସାହୁ ବିଧାୟକ ବେଗୁନିଆ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବେଗୁନିଆ ବ୍ଲକ୍ର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ବିଜୁ ଯୁବ ଜନତା ଦଳ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ଆୟୋଜନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଯୁବ ବ୍ଲକ୍ ସଭାପତି ବିଭୂତି ଭୂଷଣ ମହାନ୍ତି , ଦୀପ୍ତିରଞ୍ଜନ୍ ସାହୁ, ମାନସ ବିଶ୍ୱାଳ, ସତ୍ୟନାରାୟଣ ପ୍ରଧାନ, ଶ୍ରୀନିବାସ ରାୟ ,ସୀମୋର ପଂଚାୟତ ସରପଂଚ ସରୋଜିନୀ ଖୁଂଟିଆ,ନବକିଶୋର ଖୁଣ୍ଟିଆ, ସିମୋର୍ ପଂଚାୟତ ଯୁବ ସଭାପତି ମୃତ୍ୟୁଞ୍ଜୟ ଜେନା,ଶୁଭକାନ୍ତ ମହାପାତ୍ର, ସୁକାନ୍ତ କୁମାର ସାହୁ, ଦିଲିପ୍ ମହାଭୋଇ, ତୃପ୍ତିରଂଜନ୍ ମହାନ୍ତି,ଶିବାନୀ ସଙ୍କର୍ ମଲିକ୍ ପ୍ରମୁଖ ଉପସ୍ଥିତ ଥିଲେ । ଜିଲା ମୁଖ୍ୟ ଚିକିତ୍ସାଳୟ ଖୋର୍ଦ୍ଧା ବ୍ଲଡ଼ ବ୍ୟାଙ୍କ ଦ୍ୱାରା ୫୨ ୟୁନିଟ୍ ବ୍ଲଡ଼ ସଂଗୃହିତ ହୋଇଥିଲା । ବିଧାୟକ ଶିମୋର ପଂଚାୟତର ରକ୍ତଦାତା ଓ ଆୟୋଜକ ମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

ଜିଲ୍ଲାସ୍ତରୀୟ ବ୍ୟାଙ୍କର୍ସ ଡି.ସି.ସି. ବୈଠକ

ବାଲେଶ୍ୱର,୧୦/୭ (ନି.ପ୍ର): ଜିଲ୍ଲାପାଳ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ସଦଭାବନା ସମ୍ମିଳନୀ ଗୃହରେ ଆଜି ଅପରାହ୍ନରେ ଡିଷ୍ଟ୍ରକ୍ଟ କନସଲଟାଟିଭ କମିଟି (ଡି.ସି.ସି.) ମିଟିଂ ଅନୁଷ୍ଠିତ ହୋଇଯାଇଛି । ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ପ୍ରୋବେସନର ଆଇ.ଏ.ଏସ. ଅଧିକାରୀ କୁନାଲ ଚୌହାନ, ଆର.ବି.ଆଇ.ର ଏଲ.ଡି.ଓ. ଅଧିକାରୀ ସନ୍ତୋଷ କୁମାର ପଟ୍ଟନାୟକ, ନାବାର୍ଡର ଡିଡିଏମ ତାପସ ରଞ୍ଜନ ପ୍ରଧାନ, ବାଲେଶ୍ୱରର ଏଲ.ଡି.ଏମ. ସୁଦୀପ ଡାକୁଆ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲା ବେଳେ ସମ୍ପୃକ୍ତ ସରକାରୀ ବିଭାଗୀୟ ଅଧିକାରୀ ଓ ବାଲେଶ୍ୱରର ସମସ୍ତ ବ୍ୟାଙ୍କର ପରିଚାଳକ ଓ କର୍ମକର୍ତାମାନେ ଉପସ୍ଥିତ ଥିଲେ । ଅନେକ ସରକାରୀ ଯୋଜନା ସଫଳ ହେବା ଦିଗରେ ବ୍ୟାଙ୍କମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଜିଲ୍ଲାପାଳ ଆଲୋକପାତ କରିଥିଲେ । ବିଶେଷ କରି କୃଷି, ମତ୍ସ୍ୟ, ଗୋପାଳନ, କୁକୁଡା ଫାର୍ମ, ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ପାଇଁ ଉଦ୍ଦିଷ୍ଟ ସହାୟତା ଯୋଜନା, ଉଚ୍ଚଶିକ୍ଷା ଆଦି ଦିଗରେ ବ୍ୟାଙ୍କମାନଙ୍କ ଜରିଆରେ ସରକାରଙ୍କର ଥିବା ଋଣ ପ୍ରଦାନ ବ୍ୟବସ୍ଥା ପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନ ହେଲେ ବିକାଶ ବାଧାପ୍ରାପ୍ତ ହେବ ବୋଲି ସେ ପ୍ରକାଶ କରିଥିଲେ । ଭୂମିହୀନ ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ବଳରାମ ଯୋଜନାରେ ଅଦ୍ୟାବଧି ଆଖିଦୃଶିଆ ସଫଳତା ମିଳି ନ ଥିବାରୁ ସେ ପ୍ରତି ଗୁରୁତ୍ୱ ଦେବାକୁ ପ୍ରବର୍ତାଇ ଥିଲେ । ସୂଚନା ମତେ ବାଲେଶ୍ୱର ଜିଲ୍ଲା ପାଇଁ ଅଦ୍ୟାବଧି ଜାତୀୟକରଣ ବ୍ୟାଙ୍କ, ଘରୋଇ ବ୍ୟାଙ୍କ, ଗ୍ରାମ୍ୟ ବ୍ୟାଙ୍କ, ଜିଲ୍ଲା କୋ-ଅପରେଟିଭ ବ୍ୟାଙ୍କ ଆଦି ଗ୍ରାମାଂଚଳରେ ଓ ସହରାଂଚଳରେ ମିଶି ସମୁଦାୟ ୨୫୧ଟି ବ୍ୟାଙ୍କ କାର୍ଯ୍ୟ କରୁଛି । ଏହି ବୈଠକରେ ଗ୍ରାମାଂଚଳରେ ବ୍ୟାଙ୍କଗୁଡିକର ଅବସ୍ଥିତି, ଜମା ଋଣ ଓ ସରକାରୀ ଯୋଜନା କାର୍ଯ୍ୟକାରିତାରେ ବ୍ୟାଙ୍କମାନଙ୍କର ପ୍ରଦର୍ଶନ, ବକେୟା ଆଦାୟ, ଏସ.ଏଚ.ଜି. ବ୍ୟାଙ୍କ କ୍ରେଡିଟ୍ ଲିଙ୍କେଜ୍, ମିଶନ୍ ଶକ୍ତି, ପି.ଏମ.ଇ.ଜି.ପି. ଆଦି ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ବାର୍ଷିକ କ୍ରେଡିଟ୍ ଯୋଜନା-୨୦୨୧-୨୨ ବୁକଲେଟ୍ ଜିଲ୍ଲାପାଳଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ବାଲେଶ୍ୱର ଜିଲ୍ଲା ପାଇଁ ଲିଡ୍ ବ୍ୟାଙ୍କ ଭାବେ କାର୍ଯ୍ୟ କରୁଥିବା ୟୁକୋ ବ୍ୟାଙ୍କ, ବାଲେଶ୍ୱର ଦ୍ୱାରା ଏହା ପ୍ରସ୍ତୁତ କରାଯାଇଥିଲା ଏବଂ ଆଗାମୀ ଦିନ ପାଇଁ ଏଥିରେ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ହାସଲ ପାଇଁ ସମସ୍ତ ଶାଖା ଚେଷ୍ଟିତ ରହିବାକୁ ପରାମର୍ଶ ଦିଆଯାଇଥିଲା ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା: ବିଜେପିର ବ୍ଲକ ଘେରାଉ ଓ ଧାରଣା

ନୂଆପଡା,୧୦/୭ (ନି.ପ୍ର): ଭାରତୀୟ ଜନତା ପାର୍ଟି ଖଡିଆଳ ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତା କରି କୋଟି କୋଟି ଟଙ୍କା ହେରଫେର କରିଥିବା ଅଭିଯୋଗରେ ଶୁକ୍ରବାର ଖଡିଆଳ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିବା ସହ ଧାରଣା ଦେଇଛନ୍ତି । ଏହି ଅବସରରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ଖଡିଆଳ ବିଡିଓ ନାରାୟଣ ସାହୁଙ୍କୁ ପ୍ରଦାନ କରାଯାଇଥିଲା । ଆଜିର ଏହି ଆନ୍ଦୋଳନରେ ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତୀ, ଜିଲ୍ଲା ସଭାପତି ସୁବ୍ରଥ ଠାକୁର, ଜିଲ୍ଲା ସମ୍ପାଦକ ନେତ୍ରାନନ୍ଦ ମନହିରା, ବିକାଶ ସିଂଘଲ, ପ୍ରଶାନ୍ତ ଦାଶ, କେଦାର ଜଗତ, ଜନକରାମ ରାଏକ, ଗୋପବନ୍ଧୁ ବନ୍ଦିଛୋର, ସୁନୀଲ ନାଗ, ଦେବ ଯୋଷୀ, ଶୁକ୍ରୁ ବାଗ, ସୁଶାନ୍ତ ବିଶି, ଦେବେନ୍ଦ୍ର ଖମାରୀ, ହରି ପ୍ରଧାନୀ, ରାନୀ ସିପକା, କେଦାର ଜଗତ, ପୁସ୍ତମ ମସରା, ଜୁଗଳ ଦଣ୍ଡସେନାଙ୍କ ସମେତ ଶତାଧିକ ବିଜେପି କର୍ମକର୍ତା ସାମିଲ ଥିଲେ ।

ପ୍ରଧାନମନ୍ତ୍ରୀ ଆବାସରେ ଅନିୟମିତତା: ବିଜେପିର ନୀଳଗିରି ବ୍ଲକ ଘେରାଉ

ନୀଳଗିରି,୧୦/୭ (ନି.ପ୍ର): ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନିୟମିତତାକୁ ନେଇ ସାରା ରାଜ୍ୟରେ ବିଜେପି ପକ୍ଷରୁ ବିଭିନ୍ନ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିବା ସହ ବ୍ଲକର ବିଡିଓ ଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଉଥିବା ବେଳେ ଶୁକ୍ରବାର ସକାଳ ୧୦ଟା ସମୟରେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ନେତୃତ୍ୱରେ ବହୁ ବିଜେପି କର୍ମକର୍ତ୍ତା, ପଦାଧିକାରୀମାନେ ଅନୁରୂପ ଭାବେ ନୀଳଗିରି ବ୍ଲକକୁ ଘେରାଉ କରି ପ୍ରତିବାଦ କରିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ସ୍ୱପ୍ନର ପ୍ରକଳ୍ପ ବୋଲି କୁହାଯାଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ରାଜନୈତିକ ଉଦ୍ଦେଶ୍ୟ ରଖି ଭ୍ରଷ୍ଟାଚାରର ବଶବର୍ତ୍ତୀ ହୋଇ ରାଜ୍ୟସରକାରଙ୍କ ଜାଣତରେ ବ୍ଲକର ବିଭାଗୀୟ ପଦାଧିକାରୀମାନେ ହିତାଧିକାରୀ ଚୟନରେ ଚଞ୍ଚକତା କରୁଥିବା ବିଧାୟକ ପ୍ରକାଶ କରିଥିଲେ । ବହୁ ଅଯୋଗ୍ୟ ହିତାଧିକାରୀ ଶାସକଦଳ ସହିତ ରାଜନୈତିକ ସଂପର୍କ ଦୃଷ୍ଟିରୁ ତାଲିକାରେ ସ୍ଥାନ ପାଇଛନ୍ତି ଏବଂ ଯୋଗ୍ୟ ହିତାଧିକାରୀମାନେ ଯୋଜନାରୁ ବଂଚିତ ହୋଇଛନ୍ତି ବୋଲି ବିଧାୟକ ଶ୍ରୀଯୁକ୍ତ ନାୟକ ନିଜ ବକ୍ତବ୍ୟରେ ଶାଣିତ କରିଥିଲେ । ୨୦୧୯ରେ ତଥ୍ୟ ପ୍ରମାଣ ସହ ରାଜ୍ୟ ସରକାରଙ୍କୁ ଚ୍ୟାଲେଞ୍ଜ କରିବା ପରେ ସରକାର ବାଧ୍ୟ ହୋଇ ୨ଥର ରାଉଣ୍ଡ ସର୍ଭେ କରିଥିଲେ । କିନ୍ତୁ ପରିତାପର ବିଷୟ ନୀଳଗିରି ବ୍ଲକ ଅଫିସରେ ଅଭିଯୋଗ ବାକ୍ସରେ ପଡ଼ିଥିବା ଆବେଦନପତ୍ର ଖୋଲି ଦେଖିବା ପରିବର୍ତ୍ତେ ରାଜ୍ୟ ସରକାର ଯେଉଁ ତ୍ରୁଟିପୂର୍ଣ୍ଣ ତାଲିକା ଥିଲା ତାକୁ ନେଇ କାର୍ଯ୍ୟାଦେଶ ଦେବା ପାଇଁ ଷଡ଼ଯନ୍ତ୍ର ଆରମ୍ଭ କରିଦେଇଛନ୍ତି ବୋଲି ଗଙ୍ଗାଧର ମିଶ୍ର, କରୁଣାକର ପଣ୍ଡା, ରାଧାଗୋବିନ୍ଦ ଖଟୁଆ, ବିନୋଦ ମହାନ୍ତି, ସୁଇଟ ବାରିକ, ଅକ୍ଷୟ ବେହେରା, ଉପେନ୍ଦ୍ର ନାୟକ, ଉପେନ୍ଦ୍ର ଦାସ, ତାପସ ମହାନ୍ତି, ଭାଗବତ ଖିଲାର , ରାଜୀବ ଦାସବାବୁ ପ୍ରମୁଖ ରାଜ୍ୟ ସରକାରଙ୍କ ହୀନ ରାଜନୀତିକୁ ସମାଲୋଚନା କରିଥିଲେ । ପରେ ବିଡିଓ ଙ୍କ ଜରିଆରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ ।

ସେବା ହିଁ ସଂଗଠନ ଅନ୍ତର୍ଗତ ଏକ ସ୍ୱେଚ୍ଛାକୃତ ରକ୍ତଦାନ

ଭଦ୍ରକ,୧୦/୭ (ନି.ପ୍ର): କୋଭିଡ଼ ବିରୁଦ୍ଧରେ ଲଢେଇରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନରେ ‘ସେବା ହିଁ ସଂଗଠନ’ ଅନ୍ତର୍ଗତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଭଦ୍ରକ ଚରମ୍ପା ସ୍ଥିତ ଅଗ୍ରୱାଲା ପ୍ୟାଲେସ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ସେବା ନିବୃତ୍ତ ବ୍ୟାଙ୍କ ଅଧିକାରୀ ପ୍ରଭାକର ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ମନସ୍ମିତା ଖୁଣ୍ଟିଆ ଯୋଗ ଦେଇ କରୋନା ମହାମାରୀ ସମୟରେ ମୋଦି ସରକାର ଦେଶରେ ଲୋକଙ୍କୁ ସେବା ଯୋଗାଇବା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ କରି ଆସୁଛନ୍ତି । ଏ ସଂକଟକୁ ଦୂର କରିବା ପାଇଁ ସରକାରୀ ସ୍ତରରେ ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି । ଏହା ପରେ ମଧ କରୋନା ସମୟରେ ଜନ ସଚେତନତା ପାଇଁ ନରେନ୍ଦ୍ର ମୋଦି ଜନଭାଗିଦାରୀଙ୍କୁ ଗୁରୁତ୍ୱ ପ୍ରଦାନ କରିଛନ୍ତି ।୨୪ ମାର୍ଚ୍ଚ ୨୦୨୦ରେ ଦେଶବ୍ୟାପୀ ଲକଡାଉନ ଘୋଷଣା କରାଯାଇଥିଲା । ପରବର୍ତ୍ତୀ ସମୟରେ ଚିକିତ୍ସାର ଭିତ୍ତିଭୂମିକୁ ସଜାଡିବା ଲାଗି ଲକ୍‌ଡାଉନକୁ ପରିବର୍ଦ୍ଧିତ କରାଯାଇଥିଲା । ବିଜେପି ସେହି ସମୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା, ମାସ୍କ ବଣ୍ଟନ କରିବା, ଗରିବ ଲୋକଙ୍କୁ ମାଗଣାରେ ରାସନ ସାମଗ୍ରୀ ଯୋଗାଇବା ଭଳି ସେବା କାର୍ଯ୍ୟକୁ ହାତକୁ ନେଇଥିଲା । ସବୁଠାରୁ ବଡ ବିଷୟ ଥିଲା ଦେଶରେ ରକ୍ତର ଅଭାବ । ଏ ସମୟରେ ଲୋକେ ସ୍ୱେଚ୍ଛାକୃତ ରକ୍ତଦାନ କରିବାକୁ ଅମଙ୍ଗ ହେଉଥିଲେ । ଭାରତୀୟ ଜନତାପାର୍ଟି ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରମାନ ଆୟୋଜନ କରି ରକ୍ତର ଆବଶ୍ୟକତାକୁ ପୂରଣ କରିପାରିଥିଲା । ‘ସେବା ହିଁ ସଂଗଠନ’ ନାମରେ ସାରା ଦେଶରେ ବିଜେପି ଏକ ଅଭିଯାନ ଆରମ୍ଭ କରି ଲୋକଙ୍କୁ ସେବା ଯୋଗାଇବା ସହ ରକ୍ତ ସଂଗ୍ରହ କରାଯାଉଛି ବୋଲି କହିଥିଲେ । ଆଜି ଅନୁଷ୍ଠିତ ଏହି ଶିବିରରେ ୪୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଭଦ୍ରକ ରେଡକ୍ରସ ବ୍ଲଡ ବ୍ୟାଙ୍କ ସହାୟତାରେ ଏହି ଶିବିର ଆୟୋଜନ ହୋଇଥିଲା । ଶିବିରରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ଦାଶ, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଶଶିକାନ୍ତ ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଚନ୍ଦନ ନାୟକ, ପ୍ରଶାନ୍ତ ନାୟକ, ଜୀବନ ନାୟକ, ଗୌତମ ଦଳେଇ, ଉମାକାନ୍ତ ଦାସ, ବାଦଲ ପଣ୍ଡା, ଉର୍ମିଳା ସେଠୀ, ରମିତା ପାଢୀ, ଉର୍ମିଳା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

କୃଷିବୀମା ପାଇଁ ବାହାରିଲା ସଚେତନ ରଥ

ନୂଆପଡା,୧୦/୭ (ନି.ପ୍ର): ଫସଲ ବୀମା ସପ୍ତାହ ଅବସରରେ ଖରିଫ ଋତୁରେ ଚାଷୀ ହେଉଥିବା ଧାନ ସମେତ ଆଉ ୭ ଗୋଟି ଫସଲ ପାଇଁ ବୀମାଭୂକ୍ତ କରିବା ଲକ୍ଷ୍ୟ ନେଇ ଚାଷୀ ମାନଙ୍କୁ ସଚେତନ କରିବା ପ୍ରୟାସରେ ନୂଆପଡା ଜିଲ୍ଲା କୃଷି ବିଭାଗ ତରଫରୁ ଏକ ସଚେତନତା ରଥ ଜିଲା ସାରା ପରିଭ୍ରମଣ କରୁଅଛି । ଚାଷୀ ମାନେ କରିଥିବା ଚାଷର କ୍ଷତି ପୂରଣ ପାଇବା ପାଇଁ ବିମାଭୁକ୍ତ ହେବା ନିହାତି ଦରକାର ବୋଲ ଅଗସ୍ତି ପ୍ରଧାନ ପ୍ରକାଶ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ସ୍କିମ ଅଫିସର ସୁଧାଂଶୁ ଶେଖର ସାହୁ, ବିଏଓ ସୁରେନ୍ଦ୍ର କୁମାର ସାହୁ, ଏଏଓ ବ୍ରଜ ସାହୁ, ଗ୍ରାମ କୃଷି ସେବକ ବିକାଶ ମହାନନ୍ଦ, ଅଞ୍ଜନା ପଣ୍ଡା, ରକ୍ମଣୀ ରୁଖା, ମୋହନ ଶବର, କୁଶ ଧରୁଆ, ପ୍ରଶାନ୍ତ ଦାଶ ଓ ରିଲାଏନ୍ସ ବୀମା କମ୍ପାନୀ ତରଫରୁ ଜୟଦେବ ବେହେରା, ବ୍ଲକ ସଂଯୋଜକ ଭକ୍ତ ପଟେଲ ଓ ପର୍ଶୁରାମ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

ଦିବଂଗତ ସାମ୍ବାଦିକଙ୍କ ପରିବାରକୁ ୧୫ଲକ୍ଷର ସହାୟତା

ବାଲେଶ୍ୱର,୧୦/୭ (ନି.ପ୍ର): ମହାମାରୀ କରୋନାରେ ମୃତ୍ୟୁବରଣ କରିଥିବା ବାଲେଶ୍ୱର ଜିଲାର କାର୍ଯ୍ୟରତ ସାମ୍ବାଦିକ ସୋଲମନ ସାହୁଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯାଇଛି । ଇ-ବ୍ୟାଙ୍କିଙ୍ଗ ଜରିଆରେ ପ୍ରଦାନ କରାଯାଇଥିବା ଏହି ଅର୍ଥ ବାବଦ ପ୍ରମାଣପତ୍ର ତାଙ୍କ ପରିବାରକୁ ଶୁକ୍ରବାର ପ୍ରଦାନ କରାଯାଇଛି । ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକ ସ୍ୱର୍ଗତ ସାହୁଙ୍କ ଉତ୍ତରାଧିକାରୀ ପତ୍ନୀ ବନ୍ଦନା ସାହୁଙ୍କୁ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଏହା ପ୍ରଦାନ କରିଥିଲେ । ପ୍ରୋବେସନର ଆଇ.ଏ.ଏସ. ଅଧିକାରୀ କୁନାଲ ଚୌହାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ । ବନ୍ଦନା ସାହୁଙ୍କ ସହ ତାଙ୍କର ପୁତ୍ର ଓ କନ୍ୟା ମଧ୍ୟ ଉପସ୍ଥିତ ଥିଲେ । ପ୍ରକାଶ ଥାଉ କି କାର୍ଯ୍ୟରତ ସାମ୍ବାଦିକମାନେ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ ସେମାନଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବା ନେଇ ରାଜ୍ୟ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଛି । ମୃତ ସୋଲମନ ସାହୁ “ଇ.ପି.ଏ. ଉଇକ୍ଲି” ର ସାମ୍ବାଦିକ ଭାବେ କାର୍ଯ୍ୟ କରୁଥିଲେ । କରୋନା ଆକ୍ରାନ୍ତ ହୋଇ ଜ୍ୟୋତି କୋଭିଡ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତ ତା ୬-୯-୨୦୨୦ରିଖରେ ତାଙ୍କର ଦେହାନ୍ତ ଘଟିଥିଲା ।

ଔପଦା ବ୍ଲକର ବିଜୁ ଯୁବ କମିଟି ଗଠିତ

ନୀଳଗିରି,୧୦/୭ (ନି.ପ୍ର): ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୃଣମୁଳ ସ୍ତରରେ ସୁଦୃଢ଼ କରିବା ପାଇଁ ଯୁବକମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଔପଦା ବ୍ଲକର ନୂତନ ବିଜୁ ଯୁବ କମିଟି ଗଠିତ ହୋଇଛି । ରାଜ୍ୟ ବିଜୁ ଯୁବ ସଭାପତି ଡ. ବ୍ୟାମକେଶ ରାୟ ଙ୍କ ନିର୍ଦ୍ଦେଶରେ ଜିଲ୍ଲା ବିଜେଡି ସଭାପତି ଇଂ. ରବୀନ୍ଦ୍ର ଜେନା ଓ ନୀଳଗିରି ବିଜେଡି ବିଧାୟକ ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କ ସହମତିରେ ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ସଭାପତି ତାପସ ପରିଡ଼ାଙ୍କ ଅନୁମୋଦନ କ୍ରମେ ଔପଦା ବ୍ଲକର ବିଜୁ ଯୁବ ଜନତା ଦଳ ର ବ୍ଲକ କମିଟି ଓ ପଞ୍ଚାୟତ କମିଟି ବ୍ଲକ ସଭାପତି ବିଜୟ ପ୍ରଧାନ ତତ୍ତ୍ୱାବଧାନରେ ଏହି କମିଟି ଗଠିତ ହୋଇଛି । ଉକ୍ତ କମିଟିରେ କାର୍ଯ୍ୟକାରି ସଭାପତି ଭାବେ ଅଦିତ୍ୟ ନାରାୟଣ ବେହେରା, ଉପସଭାପତି ଭାବେ ଅନିଲ ପୃଷ୍ଟି, ପୂର୍ଣ୍ଣଚନ୍ଦ୍ର ଭୋଳ, ବିଜୟ ଗାହାଣ, ଲକ୍ଷ୍ମୀଧର ପଣ୍ଡା, ବିଜୟ ନାୟକ, ସାଧାରଣ ସମ୍ପାଦକ ଭାବେ ସୁଶାନ୍ତ ପାଢ଼ୀ, ରମେଶ ରାଉତ, ବିଶ୍ୱଜିତ୍ ଆଚାର୍ଯ୍ୟ, ଜୟନ୍ତ ସାହୁ, ଡ. ସୌଭାଗ୍ୟ ମିଶ୍ର, ପ୍ରିୟମ୍ବଜା ବିଶ୍ୱାଳ, ଲଳିତ କିଶୋର ବାରିକ, ସନ୍ତୋଷ ଲେଙ୍କା, ସୁଶାନ୍ତ ଦାସ, ପୁରୁଷୋତ୍ତମ ମୁଦୁଲି, ସମ୍ପାଦକ ଭାବେ ସୁକାନ୍ତ ଦାସ, ଶଶିକାନ୍ତ ସେଠୀ, ଅରୁଣ କୁମାର ଝରିଆଳ, ଚକ୍ରଧର ସାହୁ, ତାପସ ପୃଷ୍ଟି, ଅନିଲ ଦାସ, ବିମଳ ଦଳେଇ, ମାନସ କୁମାର ବେଜ, ଭବାନୀ ଶଙ୍କର ପଣ୍ଡା, ହେମନ୍ତ ନାୟକ, ସଂଜୟ ରାଉତ, ରାଜେଶ କର, ସୋସିଆଲ ମିଡିଆ ସଂପାଦକ ଜଗଜ୍ୟୋତି ଜେନା, ଆଇ.ଟି. ସଂଯୋଜକ ସୁଶାନ୍ତ କୁମାର ରାଉତ ଭାବେ ମନୋନୀତ ହୋଇଛନ୍ତି । ସେହିପରି ପଞ୍ଚାୟତ କମିଟିରେ ତଳକିଆ ପଞ୍ଚାୟତର ସଭାପତି ଭାବେ ମାନସ ରଂଜନ ସେଠୀ, ଡିଜିଟାଲ ସଂପାଦକ ଶୁଭମ କୁମାର ମଲିକ, ଅଘିରାପଦା ପଞ୍ଚାୟତର ସଭାପତି ଭାବେ ରତିକାନ୍ତ ବେହେରା, ଡିଜିଟାଲ ସଂପାଦକ ଦୀପକ ମହାନ୍ତି, ବଡ଼ପୋଖରି ପଞ୍ଚାୟତର ସଭାପତି ଭାବେ ଦନାର୍ଦ୍ଦନ ରାଉତ, ଡିଜିଟାଲ ସଂପାଦକ ରତିକାନ୍ତ ସାହୁ, ଫତେପୁର ପଞ୍ଚାୟତର ସଭାପତି ଭାବେ ରତିକାନ୍ତ ନାୟକ, ଡିଜିଟାଲ ସଂପାଦକ ରାଜେଶ କୁମାର ଲେଙ୍କା, ଗଡ଼ସାହି ପଞ୍ଚାୟତର ସଭାପତି ଭାବେ ସିଦ୍ଧେଶ୍ୱର ସାହୁ, ଡିଜିଟାଲ ସଂପାଦକ ସତ୍ୟବ୍ରତ ମୁଦୁଲି, ଆର.ଆର.ପୁର ପଞ୍ଚାୟତର ସଭାପତି ଭାବେ ଚନ୍ଦ୍ରଶେଖର ବାରିକ, ଡିଜିଟାଲ ସଂପାଦକ ଚନ୍ଦନ କୁମାର ଗାହାଣ, ଈଶ୍ୱରପୁର ପଞ୍ଚାୟତର ସଭାପତି ଭାବେ ସୀତାନାଥ ପୁଥାଳ, ଡିଜିଟାଲ ସଂପାଦକ ଅନିଲ ମହାନ୍ତି, ଶ୍ୟାମସୁନ୍ଦରପୁର ପଞ୍ଚାୟତର ସଭାପତି ଭାବେ ରଜତ ସ, ଡିଜିଟାଲ ସଂପାଦକ ବିବେକ ମଲିକ, କାଣ୍ଡଗରଡ଼ି ପଞ୍ଚାୟତର ସଭାପତି ଭାବେ ଅଜୟ ମଲିକ, ଡିଜିଟାଲ ସଂପାଦକ ଜୟନ୍ତ ପରିଡ଼ା, ବାଉଁଶବଣିଆ ପଞ୍ଚାୟତର ସଭାପତି ଭାବେ ଅଜୟ ରାଉତ, ଡିଜିଟାଲ ସଂପାଦକ ସିପ୍ତିକଣ୍ଠ ମହାନ୍ତି, ଡି.ଏନ.ପୁର ପଞ୍ଚାୟତର ସଭାପତି ଭାବେ ଭବାନୀଶଙ୍କର ରାଉତ, ଡିଜିଟାଲ ସଂପାଦକ ବିଜୟ କୁମାର ମହାନ୍ତି ମନୋନୀତ ହୋଇଛନ୍ତି ।

ଧାରାବାହିକ : ଜୀବନାନୁଭୂତି

ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୩୫

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ମନୁଷ୍ୟ ଜୀବନରେ ଏପରି ବିଶିଷ୍ଟ ଘଟଣା ଘଟେ, ଯାହା ଭୁଲିହୁଏ ନାହିଁ । ଗୋଟିଏ ଗ୍ରାମରେ ଗୋଟିଏ ଆମ୍ବତୋଟା ସମ୍ପର୍କରେ ଜଣେ ବ୍ରାହ୍ମଣ ଓ ଜଣେ କୋଇରି ମଧ୍ୟରେ ମୋତେ ବନ୍ଦୋବସ୍ତ ସମୟରେ ବିବାଦ ନିଷ୍ପତ୍ତି କରିବାକୁ ହୋଇଥିଲା । ବିହାରରେ କୋଇରି ଓଡ଼ିଶାରେ ମାଳୀ ଜାତି ସମାନ । ପରିବା ଆଦିର ବଗିଚା କରିବା ଏହି ଜାତିର ଲୋକଙ୍କ ବିଶିଷ୍ଟ ବ୍ୟବସାୟ । ଉଭୟେ ବଗିଚାଟି ନିଜର ବୋଲି ଦାବିକଲେ । ଦାବି ସମ୍ପର୍କରେ ବ୍ରାହ୍ମଣ ଗୋଟିଏ ବିକ୍ରିକବଲା ପେଶ୍ କଲେ । ତହିଁରୁ ଜଣାଗଲା ଯେ ସେହି କୋଇରି ମୂଲ୍ୟ ନେଇ ସେହି ବଗିଚାଟି ବ୍ରାହ୍ମଣଠାରେ ବିକ୍ରୟ କରିଦେଇଅଛି । ଏ ସମ୍ପର୍କରେ କୋଇରି କହିଲା ଯେ, ମହାଜନ ଦେଣା ସକାଶେ ମୋକଦ୍ଦମା ଦାଏର କରି ଡିଗ୍ରି ହାସଲ କଲା ଓ ସେ ତାହାର ଦେଣା ପରିଶୋଧ କରିନପାରିବାରୁ ତାହାର ସମସ୍ତ ସମ୍ପତ୍ତି ନିଲାମରେ ଉଠିଲା । ସେତେବେଳେ ଏହି ବଗିଚାଟିକୁ ରକ୍ଷା କରିବା ପାଇଁ ତାହାର ଗୁରୁ ସେହି ବ୍ରାହ୍ମଣ ନାମରେ ବିନାମୂଲ୍ୟରେ ସେହି କବଲାଦ୍ୱାରା ବେନାମୀ ଲେଖି ଦେଇଥିଲା । ଉଭୟ ପକ୍ଷରୁ ଦଖଲ ସମ୍ବନ୍ଧରେ ସାକ୍ଷ୍ୟ ପ୍ରମାଣ ଦିଆଗଲା । ଉଭୟ ପକ୍ଷର ପ୍ରମାଣ ସମାନ । ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ଉପନୀତ ହେବା ବଡ଼ କଷ୍ଟକର ହେଲା । ସେତେବେଳେ କୋଇରି କହିଲା, ତାହାର ସେହି ଗୁରୁ ତିନି ଭାର୍ଯ୍ୟାରେ ଗୋଟିଏ ମାତ୍ର ପୁତ୍ର ପାଇଅଛନ୍ତି । ତାହା ମୁଣ୍ଡରେ ହାତଦେଇ ଯଦି ପ୍ରକୃତରେ ତାହା ବେନାମୀ ନୁହେଁ ଓ ମୂଲ୍ୟ ବିନିମୟରେ ସେ ତାହାଠାରୁ ବଗିଚା କିଣିଛନ୍ତି ଓ ସେ ତାହା ଦଖଲ କରନ୍ତି ବୋଲି ବାଛୁରୀ ପୁଚ୍ଛ, ପୀତବସ୍ତ୍ର, ତମ୍ବା, ତୁଳସୀ, ଶାଳଗ୍ରାମ ଧରି ଶପଥ କରନ୍ତି ତାହାହେଲେ ସେ ଦାବି ଉଠାଇନେବ । ବ୍ରାହ୍ମଣ ଶପଥ କରିବାକୁ ସ୍ୱୀକାର କଲା । ମୁଁ ମୋ ଠାରେ ଥିବା ଭଗବତ୍‌ଗୀତା ଖଣ୍ଡେ କନାରେ ବାନ୍ଧି ତାହା ହାତକୁ ବଢ଼ାଇଦେଲି । ଗୋଟିଏ ବାଛୁରୀ ଅଣାହେଲା । ବ୍ରାହ୍ମଣ ତାହାର ଦଶବର୍ଷ ବୟସ୍କ ପୁତ୍ରକୁ ସମ୍ମୁଖରେ ରଖି ଶପଥ ଗ୍ରହଣ କଲା । ଉଭୟ ପକ୍ଷର ସ୍ୱୀକାରମତେ ମୁଁ ବଗିଚା ଭୂମିକୁ ବ୍ରାହ୍ମଣ ନାମରେ ଲେଖିଦେବାକୁ ହୁକୁମ ଲେଖିଦେଲି । ଉପସ୍ଥିତ ଗ୍ରାମବାସୀମାନଙ୍କ ମଧ୍ୟରୁ କେହି କେହି ବ୍ରାହ୍ମଣକୁ ତିରସ୍କାର କରିବା ଶୁଣିଲି । କୋଇରି ଦୀର୍ଘ ନିଃଶ୍ୱାସଟାଏ ପକାଇ ଧୀରେ ଧୀରେ ମୋ ସମ୍ମୁଖରୁ ଚାଲିଗଲା । ଏହା ରାତ୍ର ପ୍ରାୟ ଆଠଘଣ୍ଟା ସମୟର କଥା ।

ସେହି ରାତ୍ର ଭୋର ଚାରିଟା ବେଳେ ମୋର ତମ୍ବୁ ନିକଟରେ ଭୀଷଣ କରୁଣ କ୍ରନ୍ଦନ ଧ୍ୱନି ଶୁଭିଲା । ମୋ ନିଦ ଭାଙ୍ଗିଗଲା । ତମ୍ବୁ ଭିତରୁ ବାହାରି ଦେଖିଲି ସୂର୍ଯ୍ୟୋଦୟ ହେବାକୁ ଆହୁରି ବିଳମ୍ବ ଅଛି । କେତେକ ଲୋକ ତମ୍ବୁ ଆଡ଼କୁ ଆସୁଥିବା ଲକ୍ଷ୍ୟ କଲି । ତନ୍ମଧ୍ୟରୁ ଜଣେ ବ୍ୟାକୁଳ ହୋଇ କାନ୍ଦୁଛି ଓ ମଧ୍ୟରେ ମଧ୍ୟରେ ମୁଣ୍ଡ ଓ ବକ୍ଷରେ କରାଘାତ କରୁଅଛି । ଲଣ୍ଠନ ହସ୍ତରେ ତାହା ନିକଟକୁ ଅଗ୍ରସର ହେଲି ଓ ଦେଖିଲି କାନ୍ଦୁଥିବା ଲୋକଟି ସେହି ବ୍ରାହ୍ମଣ । ମୋତେ ଦେଖି ସେ ଭୂମିରେ ଲୁଣ୍ଠିତ ହୋଇପଡ଼ିଲା ଓ ମୋ ଗୋଡ଼ଧରି କହିଲା ଯେ, ଶପଥରେ ମିଥ୍ୟା କହିଥିବା ଯୋଗୁଁ ସେହି ରାତ୍ରରେ ତାହାର ପୁତ୍ରର ମୃତ୍ୟୁ ହୋଇଅଛି । ଉପସ୍ଥିତ ଲୋକମାନେ କହିଲେ, କେଉଁଆଡ଼େ କିଛି ନଥିଲା । ରାତ୍ରରେ ପୁତ୍ରର ଦୁଇଥର ଝାଡ଼ାବାନ୍ତି ହେଲା ଓ ହଠାତ୍ ତାହାର ମୃତ୍ୟୁ ହେଲା । ସେତେବେଳେ ସମସ୍ତେ କହିଲେ, କୋଇରିର ଉକ୍ତି ସତ୍ୟ, ବ୍ରାହ୍ମଣ ମଧ ବଗିଚା ଛାଡ଼ିଦେବାକୁ କହିଲା ।

ଏହିଦିନଠାରୁ ମୁଁ ପକ୍ଷମାନଙ୍କ ନିବେଦନରେ ସୁଦ୍ଧା ମୋକଦ୍ଦମାରେ ଶପଥ କରାଇବା ପରିତ୍ୟାଗ କରିଦେଲି । ମନୁଷ୍ୟକୁ ପାପର ପରିଣାମ ନିଶ୍ଚୟ ଭୋଗକରିବାକୁ ହେବ । ଏହି ଘଟଣା ଉତ୍ତାରେ ବିବାଦକାରୀ ପକ୍ଷମାନେ ନିଜ ନିଜ ବିବାଦ ଅବିଳମ୍ବରେ ନିଷ୍ପତ୍ତି କରିପକାଇଲେ ।

ମୁଁ ମୋର ସର୍କଲର କେନ୍ଦ୍ର କରିଥିଲି ସେମରା ନାମକ ଗ୍ରାମରେ । ପନ୍ଦର ଦିନରେ ଥରେ ଅମିନ ଓ ଇନ୍‌ସପେକ୍ଟରମାନେ ସେଠାକୁ ଆସି ଏକତ୍ରିତ ହୁଅନ୍ତି ଓ ପୂର୍ବ ପନ୍ଦର ଦିନରେ ପ୍ରସ୍ତୁତ ହୋଇଥିବା କାଗଜପତ୍ର କେନ୍ଦ୍ରକୁ ପଠାଇବା ପାଇଁ ଦେଇଯାନ୍ତି ଓ ସେହି ସମୟରେ ଚଳିତ କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରନ୍ତି । ସେମରାରେ ଜଣେ ଛୋଟ ଜମିଦାର ବାବୁ ବଚନ ସିଂହ । ପୌଢ଼ବୟସ୍କ ବ୍ୟକ୍ତି, ସଙ୍ଗୀତ ପ୍ରିୟ । ତାଙ୍କ ସହିତ ମୋର ଘନିଷ୍ଠତା ହୋଇଥିଲା । ଥରେ ମୋତେ ଜ୍ୱର ହୋଇଥିଲା ଓ ସେ ମୋତେ ସଯତ୍ନ ଶୁଶ୍ରୂଷା କରିଥିଲେ । ସେଠାକୁ ଆସିଲେ ମୋ ଠାକୁ ବଡ଼ି, ଆଚାର ପଠାଇ ଦିଅନ୍ତି ।

ବିହାରର ପ୍ରାୟ ପ୍ରତ୍ୟେକ ଗ୍ରାମରେ ସଙ୍ଗୀତର ଆଦର । ଓଡ଼ିଶାର ଗୋଟିପୁଅ ପରି ନର୍ତ୍ତକ ଦେଖିଲିନାହିଁ । ଯେଉଁଠାରେ ନୃତ୍ୟଗୀତର ଆୟୋଜନ ହୁଏ, ନର୍ତ୍ତକୀମାନେ ଆସି ନୃତ୍ୟ କରନ୍ତି । ଏମାନେ ସମସ୍ତେ ମୁସଲମାନ । ହିନ୍ଦୁ ଦେବଦେବୀଙ୍କ ଜଣାଣ ସୁଦ୍ଧା ବୋଲନ୍ତି ।

କେତେକ ଭାଟଙ୍କୁ ଦେଖିଲି । ଦିନେ ଅତି ପ୍ରତ୍ୟୁଷରେ ମୋର ତମ୍ବୁର ଅନତି ଦୂରରେ ମଧୁର ସ୍ୱରରେ ଦୁର୍ଗା, କାଳୀଙ୍କ ନାମରେ ଜଣକେତେ ଲୋକ ଜଣାଣ ବୋଲୁଛନ୍ତି । ବାହାରକୁ ଆସି ଦେଖିଲି, ସମସ୍ତଙ୍କ ଲଲାଟରେ ସିନ୍ଦୂର । ନାମ ଜଗନ୍ନାଥ ଖାଁ, ସୟଦ୍ ରାମଚନ୍ଦ୍ର, ଶେଖ୍ ହନୁମାନ ଇତ୍ୟାଦି । ଏମାନେ ହିନ୍ଦୁ ଥିଲେ । ପରେ ମୁସଲମାନ ହୋଇଅଛନ୍ତି । କୌଳିକ ଭାଟ ବ୍ୟବସାୟ ଛାଡ଼ି ନାହାଁନ୍ତି ଓ ରାଜଦତ୍ତ ନିଷ୍ପତ୍ତି 'ଭଟୋତ୍ତର' ବୃତ୍ତି ଭୋଗ କରୁଅଛନ୍ତି । ହଥୁଆ ରାଜ୍ୟ ମଧ୍ୟରେ ଏହିପରି ଅନେକ ବ୍ରହ୍ମୋତ୍ତର, ପୀରୋତ୍ତର ପ୍ରଭୃତି ବୃତ୍ତି ବନ୍ଦୋବସ୍ତ କାଗଜରେ ମିଳିଥିଲା ।

ଦିନେ ରେଳପଥରେ ଆସୁଥିବା ସମୟରେ ଏକପକ୍ଷରେ ଅପ୍ରୀତିକର ଓ ଅପର ପକ୍ଷରେ ପ୍ରୀତିକର ଓ ଉପଭୋଗ୍ୟ ଗୋଟିଏ ଘଟଣା ଘଟିଥିଲା । ସେଦିନ ମୁଁ ମୋର ବନ୍ଦୋବସ୍ତ ମୁକାମରୁ ବଡ଼ଦିନ ଛୁଟିରେ ସମ୍ବଲପୁରକୁ ଯାଉଥିଲି । ଗଙ୍ଗା ପାରିହୋଇ ପାଟଣା ଷ୍ଟେସନ୍‌କୁ ଆସିଲି । ଦିଲ୍ଲୀ-ଏକ୍ସପ୍ରେସ୍ ପାଟଣା ଷ୍ଟେସନ୍‌ରେ ସକାଳ ପ୍ରାୟ ଆଠଟାବେଳେ ପହଞ୍ଚିଲା । ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ସିରିଲ୍ ପ୍ରବାଲ୍‌ଙ୍କ ସଙ୍ଗେ ସେଠାରେ ସାକ୍ଷାତ ହେଲା । ସେ ମଧ ନିଜଘର ଚାଇଁବସାକୁ ଯାଉଥିଲେ । ଦୁହେଁ ଯାଇ ଗୋଟିଏ ମଧ୍ୟମ ଶ୍ରେଣୀ (Inter class) ଡବାରେ ବସିଲୁଁ । ଡବାର ସାମନା ଦ୍ୱାରରେ ବଡ଼ ବଡ଼ ଅକ୍ଷରରେ ଲେଖାଥିଲା Reserver for European - ଇଉରୋପୀୟ ଯାତ୍ରୀମାନଙ୍କ ପାଇଁ ରକ୍ଷିତ । ସେହି ସମୟରେ ତୃତୀୟ ଓ ମଧ୍ୟମ ଶ୍ରେଣୀ ଡବାମାନ ଇଉରୋପୀୟମାନଙ୍କ ସକାଶେ ରକ୍ଷିତ ହେଉଥିଲା । ଇଉରୋପୀୟ ଅର୍ଥ ଖାଣ୍ଟିଗୋରା ଓ ଗୋରାକଳା ମିଶା ଯାହାକୁ କୁହାଯାଏ । ଏଙ୍ଗ୍ଲୋ-ଇଣ୍ଡିୟାନ୍ । ଆମ୍ଭେମାନେ ଜାଣିଥିଲୁଁ ଯେ, ଯେଉଁ ଭାରତବାସୀମାନେ ସାହେବୀ ପୋଷାକ ପିନ୍ଧିଥିବେ ସେମାନେ ସୁଦ୍ଧା ଏହି ରକ୍ଷିତ ଡବାରେ ବସିପାରିବେ । ତେଣୁ ଆମ୍ଭେ ଦୁହେଁ ଯାଇ ତହିଁରେ ବସିଲୁ। ଗାଡ଼ି ଯେତେବେଳେ ଆସି ଷ୍ଟେସନରେ ଠିଆ ହେଲା ସେହି ମଧ୍ୟମ ଶ୍ରେଣୀ ଡବାରେ ଆସିଥିବା ଜଣେ ସାହେବ-ପୋଷାକଧାରୀ ଭୀମକୃଷ୍ଣକାୟ ବ୍ୟକ୍ତି ବାହାରି ପଡ଼ିଲା ଓ ପ୍ଲାଟ୍‌ଫର୍ମ ଅତିବାହିତ କରି କେଉଁଆଡ଼କୁ ଚାଲିଗଲା । ଏହି ମଧ୍ୟରେ ଧୋତି ଜାମାଧାରୀ ଜଣେ ଶ୍ମଶ୍ରୁଳ ଦୀର୍ଘ ପକ୍ୱକେଶ ବିଶିଷ୍ଟ ବୃଦ୍ଧ ସେହି ଡବାରେ ପଶି ଗୋଟିଏ ବେଞ୍ଚରେ ବସିଗଲେ । କୁଲି ଆଣି ତାଙ୍କ ବାକ୍ସ (ସୁଟ୍‌କେଶ୍), ବିଛଣା ଓ ଜଳଖିଆ ଡବା ରଖିଦେଲା ।

ଅଳ୍ପ ସମୟ ପରେ ପ୍ରୋକ୍ତ କୃଷ୍ଣକାୟ ସାହେବ ପୋଷାକଧାରୀ ବ୍ୟକ୍ତି ଆସି ବୃଦ୍ଧଙ୍କୁ ଦେଖିବା ମାତ୍ରେ ତାଙ୍କୁ ଇଂରେଜ ଭାଷାରେ କହିଲା (ଯାହାର ଅର୍ଥ), "ଦେଖ ! ଏହି ଡବା କେବଳ ଇଉରୋପୀୟମାନଙ୍କ ପାଇଁ ରକ୍ଷିତ। କୌଣସି କଳା ଭାରତବାସୀ ଏଥିରେ ବସିବାର ଅଧିକାର ନାହିଁ ।" ବୃଦ୍ଧ ନିରବ। ପୁଣି ଦୁଇ ତିନିବାର ସେହି କଥା ସେ କହିଲା । ବୃଦ୍ଧ ଜଳଖିଆ ଡବା ଫିଟାଇ ତହିଁରୁ ଲୁଚି, ଆଳୁ ବାଇଗଣ ଭଜା, ରସଗୋଲା ଖାଇବାକୁ ଆରମ୍ଭ କଲେ ଓ ତାହା ମୁହଁକୁ ଅନାଇ ପାକୁଆପାଟି ଚାଳନ କରିବାକୁ ଲାଗିଲେ । ଆମ୍ଭେ ଦୁହେଁ ହସ ସମ୍ଭାଳି ରହିପାରିଲୁ ନାହିଁ । କୃଷ୍ଣକାୟ ବ୍ୟକ୍ତିଟି ଅତ୍ୟନ୍ତ ବିରକ୍ତ ଭାବରେ କେଉଁଆଡ଼କୁ ଚାଲିଗଲା ଓ ଅଳ୍ପ ସମୟ ମଧ୍ୟରେ ଜଣେ ଗୋରା ସାହେବ ସହ ସେଠାରେ ଉପସ୍ଥିତ ହେଲା ଓ ବୃଦ୍ଧଙ୍କୁ ଦେଖାଇ କହିଲା, "This dirty nigger has no right to occupy this compartment." (ଏହି ମଇଳା କଳା ଲୋକର ଏହି ଡବାରେ ବସିବାର ଅଧିକାର ନାହିଁ) । ଜଣାଗଲା, ଗୋରା ସାହେବଟି ଷ୍ଟେସନମାଷ୍ଟର । ବୃଦ୍ଧଙ୍କୁ ଭଦ୍ରଭାଷାରେ କହିଲେ, "ଦେଖନ୍ତୁ, ଏହି ଡବାରେ କେବଳ ଇଉରୋପୀୟମାନେ ବସିବେ । (କ୍ରମଶଃ)

ପର୍ଦ୍ଦା ପଛର କଥା -୪

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

ଭାଗ-୯

'ଚକ୍ରବ୍ୟୂହ'ରୁ 'ଭାଇ ଭାଇ' (୨)

(ପୂର୍ବ ପ୍ରକାଶିତ ଉତ୍ତାରୁ) ଯେହେତୁ ମୁଁ ପ୍ରତ୍ୟକ୍ଷ ଭାବରେ କାହାଣୀ ସହ ଜଡ଼ିତ ଥିଲି ଜଣେ ସଂଳାପ ଲେଖକ ଭାବରେ, ଥୀମ୍ ସଂଗ୍ ଲେଖିବା ଦାୟିତ୍ୱ ମୋ ଉପରେ ଦିଆଯାଇଥିଲା । ନାଟକରେ ଟାଇଟଲ୍ ସଂଗ୍ ଓ ଥୀମ୍ ସଂଗ ଲେଖିବାର କୌଶଳ ମୁଁ ବାପାଙ୍କ ଠାରୁ ଶିଖିଥିଲି, ହେଲେ 'ଚକ୍ରବ୍ୟୂହ' ପାଇଁ ଥୀମ୍ ସଂଗ୍ ରଚନାରେ ମୁଁ ସଫଳ ହୋଇ ପାରିଲି ନାହିଁ । ଅନେକ ଲାଇନ୍ ଲେଖିଲି ମାତ୍ର ତାହା ଗ୍ରହଣୀୟ ହୋଇପାରିଲା ନାହିଁ ।

ଦିନେ ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ବାବୁ ଥଟ୍ଟାରେ କହିଲେ "ରଜନୀ ବାବୁ ! କିଛି ଲାଇନ୍ ରବି ଦାଶ (ବାପା)ଙ୍କ ଠାରୁ ଆସୁ ।" କଥାଟିର ଗୁରୁତ୍ୱ ମୁଁ ଉପଲବ୍ଧି କଲି । ଘରେ ବାପାଙ୍କ ପୁରୁଣା ଡାଏରୀ ଖେଳାଇଲି, ବହୁତ ଫିଡ୍‌ବ୍ୟାକ୍ ମିଳିଲା। ବାପାଙ୍କ ପରାମର୍ଶ ନେଲି ଓ ନିଜକୁ ପ୍ରସ୍ତୁତ କରିନେଲି ।

ତା' ପରଦିନ ମ୍ୟୁଜିକ ସିଟିଂରେ ମୁଖଡ଼ା ଲେଖି ବଢାଇ ଦେଲି । "ବଡ଼ ଅମାନିଆଁ ଏଇତ ଦୁନିଆଁ" ଥିଲା ଫାଷ୍ଟ ଲାଇନ୍ । ସରୋଜ ନନ୍ଦ ସାଙ୍ଗେ ସାଙ୍ଗେ ଟ୍ୟୁନ୍ କଲେ । ତା'ପରେ ଗୋଟାକ ପରେ ଗୋଟାଏ ଲାଇନ୍ ମୁଁ ଲେଖି ଚାଲିଲି ଓ ସରୋଜ ନନ୍ଦ ଟ୍ୟୁନ୍ କରି ଚାଲିଲେ । ମୁଖଡ଼ା ପରେ ଅନ୍ତରା ଦୁଇଟି ମଧ ନିର୍ବିଘ୍ନରେ ଶେଷ ହୋଇଗଲା ପ୍ରାୟ କୋଡ଼ିଏ ମିନିଟ୍ ମଧ୍ୟରେ ।

ଗୀତ ଶେଷ ବେଳକୁ ଅଖଣ୍ଡ ନିରବତା । ପ୍ରଦ୍ୟୁମ୍ନ ବାବୁ, ଜ୍ୟୋତିଭାଇ, ନିହାର, ଅଜିତ୍ ଭାଇ ସମସ୍ତଙ୍କ ଆଖିରେ ଲୁହ । ଶବ୍ଦ ଓ ସଂଗୀତର କୋଲାବ୍ ପ୍ରତ୍ୟେକ ଛାତିକୁ ଛୁଇଁ ଯାଇଥିଲା, ସେଦିନ ସମସ୍ତେ ମତେ ପ୍ରଶଂସାରେ ପୋତି ପକାଇଥିଲେ । ମାତ୍ର ମୁଁ ଜାଣିଥିଲି ମୋ ସଫଳତା ଅପେକ୍ଷା ମୋ ବାପାଙ୍କ ଆଶୀର୍ବାଦ ଥିଲା ଢ଼େର୍ । କାରଣ ଅଧିକାଂଶ ଶବ୍ଦ ଓ ଚିନ୍ତନ ମୁଁ ତାଙ୍କରି ଠାରୁ ହିଁ ଗ୍ରହଣ କରିଥିଲି ।

ଅନେକ ବର୍ଷ ପରେ ବାପା ଥରେ ମତେ କଥା ପ୍ରସଙ୍ଗରେ କହିଥିଲେ, "ପୁଅ ହିସାବରେ ମୋର ସଂପତ୍ତିରେ ତୋର ଅଧିକାର ଅଛି, ତେଣୁ କିଛି ଭାବନା ଓ ଶବ୍ଦ ନେଇଗଲେ କିଛି ଅପରାଧ ନାହିଁ ।" ସତରେ ମୁଁ ଗୀତ ଲେଖିବାର କୌଶଳ ମୋ ବାପାଙ୍କ ଠାରୁ ହିଁ ଉତ୍ତରାଧିକାର ସୂତ୍ରରେ ହାସଲ କରିଛି ।

'ଚକ୍ରବ୍ୟୂହ'ର ଗୀତ ରେକର୍ଡ଼ି ଦିନ ଧାର୍ଯ୍ୟ ହେଲା । ପାଞ୍ଚଟି ଗୀତର ଡମି ରେକର୍ଡ଼ି ହେଲା । କଳିଙ୍ଗ ଷ୍ଟୁଡିଓରେ ସମୁଦାୟ ଏଗାରଟି ସିଫ୍ଟରେ ଟ୍ରାକ୍ ରେକର୍ଡ଼ି ସରିଲା । ଯାହାକି କଳିଙ୍ଗ ଷ୍ଟୁଡିଓ ଇତିହାସରେ ଏକ ରେକର୍ଡ ଥିଲା । ସବୁ ଗୀତରେ ଡମି ସିଙ୍ଗର ଭାବରେ ସୌରଭ ନାୟକ (ବିଷ୍ଣୁ) କଣ୍ଠଦାନ କରିଥିଲେ । ସେତେବେଳେ ସୌରଭ ସଂଗୀତ ଦୁନିଆରେ ନିଜର ସଂଘର୍ଷ ଜାରି ରଖିଥାନ୍ତି । ମୋର ଦୁଇଟି ଗୀତରେ ମଧ ସୌରଭ କଣ୍ଠଦାନ କରିଥାନ୍ତି ।

ତେବେ ଅନ୍ୟ ଗୋଟିଏ ସମସ୍ୟା ଆସି ପହଞ୍ଚିଲା । ଥୀମ୍ ସଂଗ୍‌ଟି ଏତେ ଚମତ୍କାର ହୋଇଥିଲା ଯେ କଣ୍ଠଶିଳ୍ପୀ ମନୋନୟନ କ୍ଷେତ୍ରରେ କମ୍ପ୍ରୋମାଇଜ୍ କରିବାକୁ ସଂଗୀତ ନିର୍ଦ୍ଦେଶକ ସରୋଜ ନନ୍ଦ ଆଦୌ ପ୍ରସ୍ତୁତ ନଥିଲେ ।

ଥୀମ୍ ସଂଗ୍ ଗାଇବା ନିମନ୍ତେ ବହୁ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ କଥା ଚିନ୍ତା କରାଗଲା । ମାତ୍ର କେହି ଉପଯୁକ୍ତ ମନେ ହେଲେ ନାହିଁ ।

ସରୋଜ ନନ୍ଦ ଜଣେ କଣ୍ଠଶିଳ୍ପୀକୁ ଡକାଇଲେ । ଭଲ ମଧ ଗାଇଥିଲେ । ମାତ୍ର ସରୋଜ ନନ୍ଦ ତାଙ୍କୁ ରିଜେକ୍ଟ କରିଦେଲେ ଏବଂ ମୁଁ ମଧ ଗ୍ରହଣ କରିପାରିନଥିଲି । ଯଦି ଏ କଣ୍ଠଶିଳ୍ପୀ ଜଣେ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଓ ଭଲ ମଧ ଗାଇଥିଲେ । ତାଙ୍କୁ ଡାକି ରିଜେକ୍ଟ କରିବାର କାରଣ ଥିଲା ନିହାତି ବ୍ୟକ୍ତିଗତ ।

କଥା ପ୍ରସଙ୍ଗରେ ଅବସର ସମୟରେ ସରୋଜ ନନ୍ଦ ତାଙ୍କର ମନର କଥା କହିଲେ ମୋ ଆଗରେ । ସଂଘର୍ଷ ସମୟରେ ସରୋଜ ନନ୍ଦ ଏକ ଷ୍ଟୁଡିଓରେ ଏକ ଆଲ୍‌ବମ୍‌ର ଆରେଞ୍ଜିଂ କରିଥାନ୍ତି । ସେହି କଣ୍ଠଶିଳ୍ପୀ ଜଣକ ଗାୟକ ଭାବରେ ଆସିଥାନ୍ତି । ସରୋଜ ନନ୍ଦଙ୍କ ଉଦ୍ଦେଶ୍ୟରେ ଏକ କଟୂ ମନ୍ତବ୍ୟ ସମସ୍ତଙ୍କ ସାମ୍ନାରେ ପ୍ରଦାନ କରିଥିଲେ । ମନ୍ତବ୍ୟଟି ଥିଲା ଏହିପରି, "କୁଆଡୁ ସବୁ ଚାଲିଆସୁଛନ୍ତି ସଂଗୀତ କରିବା ପାଇଁ । ଏମାନଙ୍କୁ ସଂଗୀତର 'ସ' ଅକ୍ଷର ମାଲୁମ୍ ନାହିଁ ।"

ସେଦିନ ସେଇ କଥା କଦକ ସରୋଜ ନନ୍ଦଙ୍କ ଛାତିକୁ ଖୁବ୍ ଆଘାତ ଦେଇଥିଲା । ଏବେ ସୁଯୋଗ ପାଇ ତାକୁ ରିଜେକ୍ଟ କରି ନିରବ ପ୍ରତିଶୋଧ ନେଇଥିଲେ ।

ଅନୁରୂପ ଭାବରେ ମୋର ମଧ ବ୍ୟକ୍ତିଗତ ଅନୁଭୂତି ଥିଲା । ସେଇ କଣ୍ଠଶିଳ୍ପୀ ଜଣକ ପ୍ରଥମ କରି ବାପାଙ୍କ ଗୀତରେ, ନାଟକରେ ଓ ପରେ ଚଳଚ୍ଚିତ୍ରରେ କଣ୍ଠଶିଳ୍ପୀ ଭାବରେ ସୁଯୋଗ ପାଇଥିଲେ । ମାତ୍ର ଏକ ନାଟକରେ ମୁଁ ଗୀତିକାର ଭାବରେ ଥିବାବେଳେ ତାଙ୍କଠୁ ସେଭଳି ରେସ୍‌ପନ୍ସ ପାଇନଥିଲି ଯାହା କି ମତେ ବହୁତ ଆଘାତ ଦେଇଥିଲା ।

ସେଦିନ ସରୋଜ ନନ୍ଦ ଗୋଟାଏ କଥା ମତେ କହିଥିଲେ । କଳା କ୍ଷେତ୍ରରେ କାହାକୁ ଅଣ୍ଡର ଏଷ୍ଟିମେଟ୍ କରିବା ଅନୁଚିତ୍ । ଅହଙ୍କାର ମଣିଷକୁ ଅନେକ ତଳକୁ ନେଇଯାଇପାରେ । ସେଇ କଣ୍ଠଶିଳ୍ପୀଙ୍କ କ୍ଷେତ୍ରରେ ସେଇଆ ହିଁ ଘଟିଲା । ପ୍ରତିଭା ଥାଇ ମଧ ସେ ଯେଉଁଭଳି ଆସନକୁ ଯିବା କଥା ଯାଇ ପାରିଲେ ନାହିଁ । ମୋର ଥୀମ୍ ସଂଗ୍‌ଟିକୁ ଦେବାଶିଷ ମହାପାତ୍ର ଗାଇଲେ ।

କିନ୍ତୁ ଚଳଚ୍ଚିତ୍ରଟି ଅଟକି ଗଲା । ମୋର ବହୁତ ଆଶାଥିଲା, ତାହା ପୂରଣ ହୋଇ ପାରିଲା ନାହିଁ; ମୋର ଏକ ଅବସୋସ ହୋଇ ରହିଗଲା । ତେବେ ସଂଗୀତ ଦୁନିଆରେ ସୌରଭ ନାୟକଙ୍କ ପାଇଁ ଏକ ବଳିଷ୍ଠ ଭିତ୍ତିପ୍ରସ୍ତର ପଡ଼ିଗଲା । (କ୍ରମଶଃ)

କବିତା.... ଆମ ସମୟର

॥ ଲୋହିତ କବିତା ॥

ଡ. ଗୀତାଶ୍ରୀ ପ୍ରିୟମ୍ବଦା

ସବୁ ନିରବତା ଯଦି କବିତାର ଶବ୍ଦ
ତେବେ, ସ୍ମୃତି ସବୁ ଅଲୋଡ଼ା, ଅଶୁଣା
ଅଦେଖା ହୋଇଥାନ୍ତା, ନିଆରା ପଣରେ ।

ଅଶ୍ରୁଏ ପାଣିରୁ ବେକଯାଏ
ଯିବା ପରେ ବି ଧରାଦିଏନି କଇଁ
ନୀଳ ଆକାଶର ରଙ୍ଗ ବୁଝିପାରେନି
ଧରାର ନୀଳ ଆମନ୍ତ୍ରଣ
ଅଜସ୍ର ଆକୁଳତା ମଥାପିଟୁ ନ ଥାନ୍ତା
ଭେଳାବନ୍ଧା ବେଳାରେ ।

ମସ୍ତକବିହୀନ କାଗଜଫୁଲ
ବିଶ୍ୱାସର ଆତ୍ମାହୁତି, ଆଶାର ସମାଧି
ଅପୂର୍ଣ୍ଣ କବିତାର ଅସଜଡ଼ା ପାଣ୍ଡୁଲିପି
ଜାଣେନି ପରିଣତି ସଂପର୍କ ସର୍ଜନାର
ବିରହ ଓ ଯନ୍ତ୍ରଣାର
ତଥାପି, ସ୍ୱରବାନ୍ଧେ ଜୀବନର
ଫଗୁଣ ବଉଳରେ, ପୁବେଇ ପବନରେ
ଉତୁର ରୂପା ବଗିଚାରେ ।

+ ଅଧ୍ୟାପିକା, ଶିକ୍ଷାବିଭାଗ,
ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଖଡ଼ିଆଳ, ନୂଆପଡ଼ା
(ମୋ) ୯୪୩୭୨୮୦୫୧୨

॥ ଜହ୍ନ ଭାବନା... ॥

ଭଗବାନ ସାହୁ

ହବ କି ପୂନେଇ ତିଥି
ବାରି ପଛ ଗହିରର ଶାଗୁଆ ଭେଡରୁ
ମୁହଁଟେକି ଉହୁଁକୁଛି ଜହ୍ନ ..
ଆଲୁରା ବାଲୁରା ଆଉ ଅବସିଆ ଚେହେରାକୁ
ଅନିଦ୍ରା ଅଘଷା ପରି
ମୁହଁ ବି' ତା' ଦିଶୁଛି ମଳିନ ।

ଆଗରୁ ତ ଆସୁଥିଲା
ହସି ଖେଳି ନାଚୁଥିଲା,
ଅଝଟିଆ ସଂଜ ସାଥେ-
ନୀଡଫେରା ପକ୍ଷୀ ଗୀତେ
ରଂଗଣୀ ଗଜରା ଆଉ
ନବାକ୍ଷରୀ ଛନ୍ଦେ ଛନ୍ଦିହୋଇ,
ଏବେ କାଇଁ ଏମିତି ସେ
ଉଦାସ ମଳିନ ଦିଶେ
ସ୍ପୃହା ନାହିଁ ଖୁସି ନାହିଁ
ଅଧରେ ବି ହସ ନାଇଁ,
ଲାଗୁଛି ସତେ ଯେମିତି
ମନରେ ତା' ମନେ ଦୁଃଖ
କହିବ ହେଉଛି ସିନା -
କିନ୍ତୁ କିଛି କହିପାରୁ ନାହିଁ ।

ଚାରିଆଡେ ଧୂଆଁ ଧୂଳି
ହଣାମରା ଚୋରି ନାରୀ
ଅଣ ନିଶ୍ୱାସୀ ସଂପର୍କ
ଦରମରା ଶାନ୍ତି- ସ୍ୱପ୍ନ
ବୋଧେ ସେଥି ପାଇଁ ଜହ୍ନ
ହସୁନାହିଁ ଆଉ ଆଗଭଳି ...

ବନ୍ଧୁତ୍ୱରେ ମୂଲଚାଲ
ଫାଇଦା ଶୋଷଣ ମୂଳ
ଦେବା ନେବା ନାଁ' ଦୁନିଆ
ସଂପର୍କ ଯା' ମିଛ ନାଁ
ସ୍ପୃହାହୀନ ଭାବ ଦେଖି
ମନ ବି ତା' ଗଲାଣି ମଉଳି ?

ଯେତେ ଲୋଭି ସ୍ୱାର୍ଥପର
ସବୁ ଏବେ ଏକାକାର
ଖୋଦ୍ ନିଜ ଭବିଷ୍ୟତ
ନିଜେ ହିଁ କରନ୍ତି ଧ୍ୱଂସ
ଯେତେ କ୍ଲେଶ ଭୋଗିଲେ ବି
ମାନନ୍ତିନି ବୁଝନ୍ତିନି -
ବରଂ ଦୋଷ ଦିଅନ୍ତି ଆନରେ ..

ବୋଧେ ସେଥିପାଇଁ ଜହ୍ନ
ମୁହଁରେ ବିଷାଦ ଚିହ୍ନ
ଚିନ୍ତାଗ୍ରସ୍ତ ଭାବନେଇ
ଆଗରୁ ଦିଏ ଚେତାଇ -
ରେ' ମଣିଷ, ସୁଧୁରିଯା,
ବେଶି ଦୂର ନୁହେଁ ଶେଷ
ହୋଇବା ଆଗରୁ ଧ୍ୱଂସ
ପ୍ରାୟଶ୍ଚିତ କରି ଚାଲ୍ -
ଯା' କିଛି କରିଛୁ ଭୁଲ୍
ଜ୍ଞାତ ହେଉ ଅବା ଅଜ୍ଞାତରେ .. ?

+ ତୁରିନ୍ତିରା , ବାଲିପାଟଣା , ଖୋର୍ଦ୍ଧା
ମୋ:୮୨୪୯୨୪୮୬୧୨ /
୯୮୬୧୪୬୩୬୫୧

॥ ମଦହୋସ୍ ॥

ଡ. ନୃସିଂହ ଷଡ଼ଙ୍ଗୀ



ମଦହୋସ୍ ମୁଁ ଯେ ମଧୁଶାଳା ମୋର ରାତି ନାହିଁ, ନାହିଁ ଦିନ,
ରାତିର ଅନ୍ଧାର ଶୋଇଗଲା ପରେ ମୋ ଦେହରେ ହୁତାଶନ ।
ମୁଁ ତ' ଜଗୁଆଳ, ମୁଁ ତ ଭାଗୁଆଳ କେତେ ମୁଜୁରାର ଶୋଷ,
ମୋ ଭିଡ଼ ଭିତରେ ଭିଡ଼ି ହେଉଥାଏ ମସଗୁଲ୍ ଦେବଦାସ ।

ମୋ ଚାରିକାନ୍ଥର ଛଇଳ ଛଟାରେ କା' ହୃଦୟ କାରୁବାନ୍,
ମୋ ପାଇଁ ଦରଦ କେତେ ବେଦରଦ ଆଲ୍ଲା ହେ ଭଗବାନ୍ ।
ମୋ ଦରବାରରେ ଦରଜ୍ ଲୋଡ଼େନି ଶିଖ୍ ସିହାଇ ଭେଦ,
ମୁଁ ଗୀତା, କୋରାନ, ବାଇବେଲ ପୁଣି ନିଷିଦ୍ଧ ନିହାଣ ଶବ୍ଦ ।

କା' ପାଦ ପାଉଁଜି, କା' କେଶ ଗଜରା ମୋ ଗଜାପଣକୁ ଛୁଏଁ,
ଉସ୍ମାନେ କେଉଁ ଉସ୍ମାନ ତାରା ଇସ୍କିରେ ରାତି ପାହେ ।
କେଉଁ ଚନ୍ଦ୍ରମଣି ମଣି ହାରିବାକୁ ହାଇ ମାରେ ଘରମଣି,
ଏ ପଟେ ଦଶ୍, ସେପଟେ ଦଶ ପାଦଗଣେ ଚନ୍ଦ୍ରମଣି ।

ଗୋଟିଏ ରାତିର କୋଟିଏ ପୋଷ୍ଟର ପାଲଟେ ମୁଁ ମଧୁଶାଳା,
କଳାପଟା ପରି ଏ ଦେହ ଭୋଗିଛି ରଂଗିନ୍ ଖଡ଼ି ଗାରା ।

+ ମହାନଦୀ ବିହାର,
ନୂଆବଜାର, କଟକ-୪
(ମୋ) ୯୩୩୭୮୧୮୦୦୬

॥ ବିକଳାଙ୍ଗ ॥

ବିକେଶ ସାହୁ

ଆଖି, ନାକ, କାନ, ପାଟି,
ହାତ, ଗୋଡ଼, ପିଠି-
ସବୁକିଛି ଠିକ୍ ଥାଇ ବି ଯେ ଜଣେ
ବିକଳାଙ୍ଗ !

ନିଶ୍ଚୟ, କଥାଟା ଅସଙ୍ଗତ ହୋଇପାରେ
ତଥାପି ବେଳେବେଳେ ମଣିଷ ହୁଏ
ବିକଳାଙ୍ଗଠୁ ଆହୁରି ବିକଳ
କାହିଁକି ନା ତା'ର ବିକଳାଙ୍ଗ ପରି
ବଞ୍ଚିବାର ଅଭ୍ୟାସ ନ ଥାଏ ।

ସେ ଜାଣି ନ ଥାଏ
ବିକଳାଙ୍ଗ ହେଲେ କେମିତି
ବଞ୍ଚିବାକୁ ହୁଏ ?
ବାରମ୍ବାର ନିୟତି କେମିତି ଅଟ୍ଟହାସ କରେ,

ଅବଶ୍ୟ ଏ ଆକସ୍ମିକ ଦୁର୍ବିସହ ।

ଦିନେ ଯିଏ ଚିଲ ପରି ଦେଖିପାରୁଥିଲା
ନଈ ସୁଅ ପରି କଥା କହି ପାରୁଥିଲା
ବିଜୁଳି ବେଗରେ ଚାଲିପାରୁଥିଲା
ହସୁଥିଲା, କାନ୍ଦୁଥିଲା,
ଅଭିମାନେ ଜଳୁଥିଲା ।

ସେ ଯେତେବେଳେ ହଠାତ୍
ନିର୍ବାକ୍ ନିସ୍ପନ୍ଦ
ପାଷାଣଟେ ପାଲଟିଯାଏ
ସତରେ କେଡ଼େ ଅକଳ୍ପନୀୟ !

ତଥାପି ମଣିଷ ବିକଳାଙ୍ଗ ହୁଏ ।

ମୁଁ ଦେଖୁଛି ସେହି ମଣିଷର ବିକଳାଙ୍ଗତ୍ୱ
କେମିତି ସେ ଗୋଡ଼ ଥାଇ ଚାଲିପାରେନା
ଆଖି ଥାଇ ଦେଖିପାରେନା
ହାତ ଥାଇ ବି କାହାକୁ ଛୁଇଁପାରେନା
ପାଟି ଥାଇ ବି କାହାକୁ କିଛି କହିପାରେନା

ପିଠି ଥାଇ ବି କାହାର ବୋଝ
ସେ ପିଠେଇ ପାରେନା ।

ଆଃ.. କେଡ଼େ ଅସହାୟ ସେ !

କେବଳ ଜୀଇଁଥାଏ ନିଷ୍ପ୍ରାଣଟେ ହୋଇ
କେଉଁ ଏକ ସଢ଼ିବା ଆରମ୍ଭ କରିଥିବା
ପରିତ୍ୟକ୍ତ କାଠଗଣ୍ଡି ପରି ।

+ସ୍ନାତକୋତ୍ତର ଓଡ଼ିଆ ଭାଷା
ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ
ମୋ - ୯୩୩୭୧୬୬୧୭୨

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର, ରବିବାର, ୧୧ ଜୁଲାଇ, ୨୦୨୧

ଇଂରେଜମାନେ ଯାଇଛନ୍ତି, ମାନସିକତା ରହିଯାଇଛି

ଗୋପାଳ ମହାପାତ୍ର

ଭାରତ ବର୍ଷରେ ଦଙ୍ଗା ଫସାଦ ବା ସାମ୍ପ୍ରଦାୟିକ ଦଙ୍ଗା ହେଉନଥିଲା । ସମସ୍ତ ଭାରତୀୟ ହିନ୍ଦୁ ହୁଅନ୍ତୁ ବା ମୁସଲମାନ ଭାଇଭାଇ ଭଳି ଚଳୁଥିଲେ । ସବୁ କଥାକୁ ସମସ୍ତେ ସମାନ ନଜରରେ ଦେଖୁଥିଲେ ଏବଂ ସବୁ ଘଟଣାକୁ ସମାନ ଢଙ୍ଗରେ ଆପଣେଇ ନେଉଥିଲେ ଓ ସ୍ୱୀକାର କରୁଥିଲେ ମଧ୍ୟ । ହିନ୍ଦୁ-ମୁସଲିମ ଏକତା ଉଦାହରଣ ସୃଷ୍ଟି କରିଥିଲା । ଶତାବ୍ଦୀ ଶତାବ୍ଦୀ ଧରି ଏକଜୁଟ ରହିବା କାରଣରୁ ଦୁଇ ସମ୍ପ୍ରଦାୟ ମଧ୍ୟରେ ସୁସମ୍ପର୍କ ରହିଥିଲା । ଅତି ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ସେ ସମୟରେ ସାମାଜିକ ବାତାବରଣ ଉତ୍ତେଜକ ବା ସାଂପ୍ରଦାୟିକ ଦଙ୍ଗା ସୃଷ୍ଟି ହେବା ଭଳି ନଥିଲା । କହିବାକୁ ଗଲେ ଏବେ ଯେଭଳି ଦୁଇ ସଂପ୍ରଦାୟ ମଧ୍ୟରେ ମୁହାଁମୁହିଁ ଅବସ୍ଥା ସୃଷ୍ଟି ହୋଇଛି ସେଭଳି ପରିସ୍ଥିତି ସେ ସମୟରେ ନଥିଲା । ଇଂରେଜମାନେ କିନ୍ତୁ ପରସ୍ପର ମଧ୍ୟରେ ତିକ୍ତତା ସୃଷ୍ଟି କରିବା ଏବଂ ବିଭାଜନକାରୀ ପ୍ରକ୍ରିୟା ଆରମ୍ଭ କରିଦେଇଥିଲେ । ଏ କଥା ମଧ୍ୟ ସତ୍ୟ ଯେ 'ଗୋରା' ବା ଇଂରେଜମାନଙ୍କର ହିନ୍ଦୁମାନଙ୍କ ଉପରେ ଅଧିକ ଭରସା ଥିଲା ।

ଇଷ୍ଟ ଇଣ୍ଡିଆ କମ୍ପାନୀର ମୁଖ୍ୟ ବ୍ରିଟିଶ ପାର୍ଲିଆମେଣ୍ଟରେ ଯେଉଁ ଭାଷଣ ଦେଇଥିଲେ ସେଥିରେ ସେ ସ୍ପଷ୍ଟ ଭାବରେ କହିଥିଲେ ନ୍ତଈଶ୍ୱର ଆମକୁ ହିନ୍ଦୁସ୍ଥାନ ଭଳି ବିଶାଳ ରାଜ୍ୟ ଏଇଥିପାଇଁ ପ୍ରଦାନ କରିଛନ୍ତି ଯେ ଆମେ ଦେଶର ଗୋଟିଏ ପଟରୁ ଅନ୍ୟପଟ ପର୍ଯ୍ୟନ୍ତ ଇଶା ମସୀହାଙ୍କ ବିଜୟ ଛତ୍ର ଉଡ଼ାଇ ପାରିବା । ଏବେ ଆମ ସମସ୍ତଙ୍କର କାମ ହେଉଛି ସମ୍ପୂର୍ଣ୍ଣ ଭାରତବର୍ଷର ଲୋକଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରାଇବା ପାଇଁ ଉଦ୍ୟମ କରିବା ଆବଶ୍ୟକ ।ନ୍ତ ଇଷ୍ଟ ଇଣ୍ଡିଆ କମ୍ପାନୀର ମୁଖ୍ୟଙ୍କ ଏହି ଭାଷଣକୁ ସମର୍ଥନ କରି ରବର୍ଟ ମାଉଣ୍ଟ ଗୁମରି କହିଥିଲେ ନ୍ତଆପଣଙ୍କ ବକ୍ତବ୍ୟକୁ ସମର୍ଥନ କରି ମୁଁ ଏତିକି କହିବାକୁ ଚାହେଁ ଯେ ଯେତେ ଅସୁବିଧା ଆସିଲେ ମଧ୍ୟ ଭାରତରେ ଆମର ସାମ୍ରାଜ୍ୟ କାଏମ ରହିବ, ସେ ପର୍ଯ୍ୟନ୍ତ ଆମେ ଭୁଲିଯିବା ଉଚିତ ନୁହେଁ ଯେ ଆମର କାମ ହେଉଛି ସମ୍ପୂର୍ଣ୍ଣ ଭାରତକୁ ଖ୍ରୀଷ୍ଟିଆନରେ ପରିଣତ କରିବା । ଏହି ଭାବନାରେ ପ୍ରେରିତ ହୋଇ ୧୮୩୬ରେ ମାକଲେ ଗର୍ବୋକ୍ତି ପ୍ରକାଶ କରି କହିଥିଲେ ୩୦ ବର୍ଷ ଭିତରେ ଜଣେ ବି ମୂର୍ତ୍ତୀ ପୂଜକ ଭାରତରେ ରହିବେ ନାହିଁ । ଏହି ଦୃଷ୍ଟିକୋଣକୁ ନେଇ ତତ୍‌କାଳୀନ ରେଭରେଣ୍ଡ କେନେଡି କହିଥିଲେ ନ୍ତଯେପର୍ଯ୍ୟନ୍ତ ଭାରତରେ ଆମ ସାମ୍ରାଜ୍ୟ ରହିଛି ସେ ପର୍ଯ୍ରନ୍ତ ଖ୍ରୀଷ୍ଟଧର୍ମର ବିସ୍ତାର ପାଇଁ କାମ କରିବାକୁ ପଡ଼ିବ ।ନ୍ତ ବ୍ରିଟିଶମାନଙ୍କ ଏହି ମାନସିକତାକୁ ଅଧିକ ଭାବରେ ପ୍ରୋତ୍ସାହିତ ତଥା କାର୍ଯ୍ୟକାରୀ କରିଥିଲେ ମିଶନାରୀମାନେ । ମିଶନାରୀମାନେ ଦେଶରେ ଏବେ ଖୋଲାଖୋଲି ଭାବରେ ଧର୍ମାନ୍ତରଣ କରି ଚାଲିଛନ୍ତି ।

ଚିନ୍ତା କରିବାର କଥା । କେତେ ଦୂରଦର୍ଶୀ ଥିଲେ ସେମାନେ । ଲୋକଙ୍କୁ ବିଭାଜିତ କରି ଶାସନ ସୁଖ ଭୋଗ କରିବାରେ ଏମାନେ ଥିଲେ ଓସ୍ତାଦ । ବ୍ରିଟିଶ ଶାସକ ମାକଲେଙ୍କୁ ଦାୟିତ୍ୱ ଦେଇଥିଲେ ଭାରତବର୍ଷର ଶିକ୍ଷା ପଦ୍ଧତିରେ ପରିବର୍ତ୍ତନ କରିବା ପାଇଁ । ମାକଲେ ମଧ୍ୟ ଶିକ୍ଷା ପଦ୍ଧତିକୁ ଏମିତି ବଦଳେଇ ଦେଇଥିଲେ ଯେ ଗୌରବଶାଳୀ ଇତିହାସ ଓ ସଂସ୍କୃତି ଶିକ୍ଷା ପଦ୍ଧତିରୁ କିଛି ପରିମାଣରେ ଗାଏବ ହୋଇଯାଇଥିଲା । ଇଂରେଜମାନଙ୍କ ଉଦ୍ଦେଶ୍ୟ କିନ୍ତୁ ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇପାରିନଥିଲା । କିନ୍ତୁ ମାକଲେ ଆମ ପୌରାଣିକ ଏବଂ ପରମ୍ପରାଗତ ଶିକ୍ଷାକୁ ଓଲଟା ଦିଗକୁ ନେଇଯାଇଥିଲେ । ଏଯାବତ୍ ଭାରତ ସରକାର ମଧ୍ୟ ଶିକ୍ଷା ପଦ୍ଧତିକୁ ପରିବର୍ତ୍ତନ କରିବାରେ ସମ୍ପୂର୍ଣ୍ଣ ଫଳପ୍ରଦ ପଦକ୍ଷେପ ନେଇପାରୁନାହାନ୍ତି । ଇଂରେଜମାନେ ଏକ ଭିନ୍ନ ନୀତିକୁ ଆପଣେଇଥିଲେ । ସେମାନେ ହିନ୍ଦୁମାନଙ୍କୁ ମୁସଲମାନଙ୍କ ଅପେକ୍ଷା ଅଧିକ ଗୁରୁତ୍ୱ ଦେଉଥିଲେ । ପରିଣାମ ସ୍ୱରୂପ ଉଭୟ ସଂପ୍ରଦାୟ ମଧ୍ୟ ଦୂରତା ଓ ତିକ୍ତତା ବଢ଼ିଲା ଯାହା କାଳାନ୍ତରରେ ଉଭୟ ସଂପ୍ରଦାୟକୁ ପରସ୍ପରର ଶତ୍ରୁରେ ପରିଣତ କରିଦେଲା । ଇଂରେଜମାନେ ଯୋଜନାବଦ୍ଧ ଭାବରେ ସବୁ କାର୍ଯ୍ୟ କରୁଥିଲେ କିନ୍ତୁ ତାକୁ କାର୍ଯ୍ୟକାରୀ କରୁଥିଲେ ଭାରତବର୍ଷରେ ଥିବା ସେମାନଙ୍କର ଉଚ୍ଚ ଅଧିକାରୀମାନେ । ଇଂରେଜମାନଙ୍କର ଯୋଜନା କାର୍ଯ୍ୟ କରିଥିଲା ଓ ଭାରତରେ ହିନ୍ଦୁ-ମୁସଲିମ ବିଭେଦ ବଢ଼ିବାରେ ଲାଗିଲା । ଏହି ନୀତିକୁ ଆପଣେଇ ୩୮ କୋଟିର ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶକୁ ମାତ୍ର ଲକ୍ଷେ ବା ତା'ଠାରୁ କମ୍ ଇଂରେଜ ଶାସନ କରିବାରେ ଲାଗିଲା ।

ଇଂରେଜମାନେ ଚାହୁଁଥିଲେ ଯେ ଭାରତୀୟମାନଙ୍କୁ ପଙ୍ଗୁ କରି ଦିଆଗଲେ ସେମାନେ କେବେ ବି ଶିକ୍ଷା, ଯୁଦ୍ଧକୌଶଳ ଏବଂ ନୀତି-ନିର୍ମାଣ କ୍ଷେତ୍ରରେ ଆଗେଇ ପାରିବେ ନାହିଁ । ଇଂରେଜମାନେ ଭାରତବର୍ଷ ସମେତ ବିଶ୍ୱର ଅନେକ ଦେଶକୁ ଶହଶହ ବର୍ଷ ଧରି ଶାସନ କରିଥିଲେ ଓ ଲୁଟ୍ କରିଚାଲିଥିଲେ । ନେତାଜୀ ସୁବାସ ଚନ୍ଦ୍ର ବୋଷ ମଧ୍ୟ କହୁଥିଲେ ଯେ ୩୮ କୋଟି ଲୋକଙ୍କୁ ମାତ୍ର ଲକ୍ଷେ ବିଦେଶୀ ଶାସନ କରିପାରୁଛନ୍ତି କେମିତି ? ଗାନ୍ଧୀ ଓ ନେତାଜୀଙ୍କ ଚିନ୍ତା ଓ କାର୍ଯ୍ୟଧାରା ଭିନ୍ନ ଥିଲା । ଗାନ୍ଧୀ ଓ ତାଙ୍କ ଅନୁଗାମୀମାନେ ଆଲୋଚନା ମାଧ୍ୟମରେ ଓ ଅହିଂସା ଆନ୍ଦୋଳନ କରି ଇଂରେଜଙ୍କୁ ପରାସ୍ତ କରିବାକୁ ଚାହୁଁଥିଲେ । ଦେଶକୁ ସ୍ୱାଧୀନ କରିବା ପାଇଁ ଅନେକଙ୍କୁ ଶହୀଦ ହେବାକୁ ପଡ଼ିଛି, ସତ୍ୟାଗ୍ରହ ଆନ୍ଦୋଳନ ହୋଇଛି । ଏ ସବୁ ପରେ ଇଂରେଜମାନେ ଭାରତକୁ ସ୍ୱାଧୀନତା ଦେବା ପାଇଁ ରାଜି ହୋଇଥିଲେ । କିନ୍ତୁ ଦେଶକୁ ଦୁଇଭାଗ କରି ଦିଆଯାଇଥିଲା । ମୁସଲିମ ବହୁଳ ଅଞ୍ଚଳ ପାକିସ୍ଥାନରେ ପରିଣତ ହୋଇଗଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବର୍ଷ ସ୍ୱାଧୀନ ହେଲା । ହେଲେ ନ୍ତବିଭାଜନ କର-ରାଜକରନ୍ତ ଯେଉଁ ଯୋଜନା ଇଂରେଜମାନେ କରି ଦେଶକୁ ଶାସନ କରୁଥିଲେ ସେଇ ଯୋଜନା ଏବେ ବି ଏ ଦେଶରେ ରହିଯାଇଛି । ମାକଲେଙ୍କ ଶିକ୍ଷା ନୀତି ଏବେ ବି ଦେଶରେ ରହିଛି । ଆମ ସଭ୍ୟତା-ସଂସ୍କୃତିକୁ ବିକୃତ କରାଯାଇଛି । ଏ ସବୁକୁ ଠିକ୍ ରାସ୍ତାକୁ ଅଣାଯାଇପାରୁନାହିଁ । ସେହିପରି ହିନ୍ଦୁ-ମୁସଲିମଙ୍କ ମଧ୍ୟରେ ଲଢ଼େଇ କରି ଶସାନ ଗାଦି ଅକ୍ତିଆର କଥା ମଧ୍ୟ ଚାଲିଛି ଓ ନେତାମାନେ ଏଥିରେ ସଫଳ ହେଉଛନ୍ତି । ଦେଶବାସୀ ତିକ୍ତତା, ଅସହିଷ୍ଣୁତାର ଜାଲରୁ ମୁକୁଳି ପାରୁନାହାନ୍ତି । ଦୁର୍ଭାଗ୍ୟର କଥା ଯେ ଏଭଳି ଘଟଣାକ୍ରମକୁ ରାଜନୈତିକ ବ୍ୟକ୍ତିବିଶେଷମାନେ ବିରୋଧ କରିବା ପରିବର୍ତ୍ତେ ପ୍ରୋତ୍ସାହିତ କରି ଚାଲିଛନ୍ତି ।

ଯେକୌଣସି ଦେଶର ଜନତାଙ୍କର ଭାଗ୍ୟ ବିଧାତା ହେଉଛନ୍ତି ସେ ଦେଶର ସରକାର । କିନ୍ତୁ ଦେଶର ସାମାଜିକ ଅବକ୍ଷୟକୁ ଦୂର କରିବା ପାଇଁ କୌଣସି ସରକାର ଉଦ୍ୟମ କରୁନାହାନ୍ତି । ଓଲଟା ଅନେକ ସମୟରେ ନିଆଁରେ ଘିଅ ଢାଳିବା ପରି କାର୍ଯ୍ୟ କରାଯାଉଛି । ସମସ୍ୟାର ଜଡ଼ ଖୋଜିବା ଓ ତା'ର ନିରାକରଣ ଦିଗରେ ପଦକ୍ଷେପ ନେବା ପରିବର୍ତ୍ତେ ସମସ୍ୟାକୁ ଅଧିକ କରାଯାଉଛି ଓ ସେଥିରୁ ନିର୍ବାଚନର ଲାଭକ୍ଷତିକୁ ହିସାବ କରାଯାଉଛି । ଲୋକଙ୍କୁ ନୂଆନୂଆ ସ୍ୱପ୍ନରେ ବିଭୋର କରାଯାଉଛି ଓ ଭୋଟବ୍ୟାଙ୍କ ପାଇଁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି । କ'ଣ ଏ ଦେଶରେ ଶିବାଜୀଙ୍କ ଭଳି ବୀର ଗୁରୁ ଗୋବିନ୍ଦ ସିଂହଙ୍କ ଭଳି ମହାପୁରୁଷ ଜନ୍ମ ନେବେ ନାହିଁ ଯିଏ ଏଭଳି ଅତ୍ୟାଚାରୀ (ବ୍ରିଟିଶ ମାନସିକତାବାଦୀ)ମାନଙ୍କୁ ଦେଶରୁ ବାହାର କରିଦେଇପାରିବେ ?

+ ରାମଚନ୍ଦ୍ରପୁର, ରଣପୁର, ମୋ-୯୪୩୮୪୮୫୦୯୪

ଧାରାବାହିକ ଉପନ୍ୟାସ

ନାତି

ଡ. ରତିକାନ୍ତ ବେହେରା

♥ କୃଷ୍ଣନଗର, ଅଙ୍ଗାରଗଡିଆ,
ବାଲେଶ୍ୱର, (ମୋ)୯୪୩୯୪୪୨୯୪୨

ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଚ୍ଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ଭାଗ-୩୫
(ପୂର୍ବ ପ୍ରକାଶିତ ଉତ୍ତାରୁ..)

ଆଉ ଏ ପାଖରେ ଦେବାନନ୍ଦବାବୁ ବୃକ୍ଷ ସଦୃଶ ସ୍ଥିର ରହି ସମସ୍ତ ଘଟଣାକ୍ରମକୁ କେବଳ ଯାହା ଅବଲୋକନ କରୁଥିଲେ ଏବଂ ସମୟ ହାତରେ ସବୁ ସମର୍ପିଦେଇ ନିଶ୍ଚଳ ଭାବେ ଆଶା ଆଶଂକା ପ୍ରତି ସ୍ଥିତପ୍ରଜ୍ଞ ଥିଲେ ।

କିନ୍ତୁ ଏବେ ସମସ୍ତଙ୍କର ଦୃଷ୍ଟିର କେନ୍ଦ୍ରବିନ୍ଦୁ ଥିଲେ ଡା. ପଟ୍ଟନାୟକ । ପିଲା ସ୍ୱାସ୍ଥ୍ୟରେ ସେମିତି କିଛି ସମସ୍ୟା ନ ଥିଲେ ମଧ୍ୟ ସେ ଶୁଭଦା ଓ ତା' ପୁଅକୁ ରିଲିଭ୍ କରିବାର କୌଣସି ଲକ୍ଷଣ ଦେଖାଉ ନଥିଲେ । ସେଠି ରହିବାର ଦଶମ ଦିନ ଅତିକ୍ରମ କରିଥିବା ସତ୍ତ୍ୱେ ବି ଆଉ ଗୋଟେ ଯୋଡ଼େ ପରୀକ୍ଷା ହେବ ବୋଲି କହିଥିଲେ । ଅଥଚ କିଛି ପରୀକ୍ଷା ସେ ପର୍ଯ୍ୟନ୍ତ ହେଉ ନଥିଲା ।

ଏଣେ କଜ୍ଜଳତାଙ୍କର ଦେହ ଆଦୌ ଭଲ ରହୁ ନଥିଲା । ନିରବଚ୍ଛିନ୍ନ ଘରକାମ, ଆବେଗ ଓ ଉତ୍ତେଜନା ଭିତରେ ଦେହ ତାଙ୍କର ଅସୁସ୍ଥ ଲାଗୁଥିଲା । ସେଦିନ କଲେଜରୁ ଫେରି ଦୀନନାଥ ଦେଖିଲେ ଯେ, କଜ୍ଜଳତା ଜ୍ୱରରେ ଶୋଇଛନ୍ତି । ପାଖରେ ବସିଛନ୍ତି ଲତିକା । ଶୁଭକାନ୍ତ ମା' ପାଇଁ ଫୋନ୍‌ରେ ବତେଇଥିବା ଔଷଧ ପାଇଁ ଲିପୁ ଯାଇଛି ବାହାରକୁ ।

ଏ ପରିସ୍ଥିତିରେ ବଡ଼ ହଡ଼ବଡ଼େଇ ଗଲେ ଦୀନନାଥ । କଜ୍ଜଳତାଙ୍କ ବାରଣ ସତ୍ତ୍ୱେ ପୁଣିଥରେ ପୁଅ ପାଖକୁ ଫୋନ୍ ଲଗେଇଲେ ସେ । ପୁଅ କହିଲା -

"ମା'ଙ୍କୁ ଜ୍ୱର ହେବା କଥା ଫୋନ୍‌ରେ ଜାଣିଛି । ତାଙ୍କୁ ଭାଇରାଲ୍ ଫିଭର୍ । ଔଷଧ ଦି'ଟା ଫୋନ୍‌ରେ ଡାକି ଦେଇଛି । ସଂଗେ ସଂଗେ ଦେଇ ଦିଅନ୍ତୁ । ମୁଁ ଏବେ କଟକରୁ ବାହାରୁଛି । ରାତି ଆଠଟାରେ ଘରେ ପହଞ୍ଚିବି । କାଲି ସକାଳେ ତାଙ୍କ ରକ୍ତପରୀକ୍ଷା କଲାପରେ ଯାଇ ଯାହା କିଛି ବ୍ୟବସ୍ଥା କରିବି ।"

"ଶୁଭଦା ଆଉ ନାତି ସେଠୁ କେବେ ରିଲିଭ୍ ହେବେ ?" - ପଚାରିଲେ ଦୀନନାଥ ।

"ସେ ସଂପର୍କରେ ଏବେ କିଛି କହିହେବ ନାହିଁ ବାପା ! ପୁଅର ଆହୁରି ଗୋଟେ ଯୋଡ଼େ ପରୀକ୍ଷା ହେବ ବୋଲି ଡା. ପଟ୍ଟନାୟକ କହିଛନ୍ତି । ତାହା ହୋଇସାରିଲା ପରେ ସେ ଯାହା କିଛି କରିବେ ।" - କହିଲା ଶୁଭକାନ୍ତ ।

"ନାତି ଉପରେ ଏ ପର୍ଯ୍ୟନ୍ତ ଯାହା କିଛି ପରୀକ୍ଷା ନିରୀକ୍ଷା ହୋଇଛି, ତହିଁରୁ କିଛି ଜଟିଳତା ବାହାରିଛି ?" - ଟିକେ ଜେରା କଲାଭଳି ପଚାରିଲେ ଦୀନନାଥ ।

"ନାଇଁ, କିଛି ବାହାରି ନାହିଁ । ସବୁ ଠିକ୍‌ଠାକ୍ ଅଛି ।"

"ଆଉ କିଛି ପରୀକ୍ଷା କରିବା ଦରକାର ନାହିଁ । ଛୋଟ ପିଲାଟା ଉପରେ ସେମାନେ ଅନେକ ପରୀକ୍ଷା ନିରୀକ୍ଷା କଲେଣି । ଏବେ ସେ ସବୁ ବନ୍ଦ କରି ଡାକ୍ତରଙ୍କୁ କହି ରିଲିଭ୍ ହୋଇଆସ । ଆବଶ୍ୟକ ପଡ଼ିଲେ ପରେ ଯାଇହେବ । ମୋର ଦୃଢ଼ଧାରଣା, ତା'ର ପରୀକ୍ଷା କଲାଭଳି କିଛି ସମସ୍ୟା ନାହିଁ ।" - ଶେଷଆଡ଼କୁ ତୀବ୍ର ଏବଂ କଠୋର ଶୁଣା ଯାଉଥିଲା ଦୀନନାଥଙ୍କର ସ୍ୱର ।

"ବାପା ! ସେଇଟା ତ ଆଉ ଆମ ହାତର କଥା ହୋଇ ରହିନାହିଁ । ଡାକ୍ତର ଯେତେବେଳେ ଉଚିତ୍ ମଣିବେ, ସେତେବେଳେ ରିଲିଭ୍ କରିବେ । ତା'ଛଡ଼ା ବିଭିନ୍ନ ପରୀକ୍ଷା ନିରୀକ୍ଷା ଦ୍ୱାରା ଆମେ ପିଲା ଭିତରେ କୌଣସି ଜଟିଳ ସମସ୍ୟା ନାହିଁ ବୋଲି ତ ନିଶ୍ଚିତ ହୋଇପାରୁଛୁଁ । ନଚେତ୍ ସାମାନ୍ୟ ସାମାନ୍ୟ ଅସୁବିଧାରେ ସନ୍ଦେହରେ ଘାଣ୍ଟିହେବା ସାର ହୁଅନ୍ତା !" - ଦୀନନାଥଙ୍କ କଣ୍ଠସ୍ୱରର ଅନୁରୂପ ପ୍ରତିକ୍ରିୟା ପ୍ରକାଶ କଲା ଶୁଭକାନ୍ତ ।

ଦୀନନାଥ ଆଉ ସେ ପ୍ରସଂଗରେ କୌଣସି ପ୍ରଶ୍ନ ନ ଉଠେଇ ଚୁପ୍ ରହିଲେ ଏବଂ ଫୋନ୍ ଅଫ୍ କଲେ । ତତ୍‌କ୍ଷଣାତ୍ ଲିପୁ ଔଷଧ ଧରି ଆସି ପହଞ୍ଚିଲା । ଦିଦିଙ୍କୁ ଔଷଧ ଖାଇବାକୁ ଦେଇ ଲତିକା ନିଜ ଘରକୁ ବାହାରିଲେ ଆଉ କହିଗଲେ - "ରାତି ପାଇଁ ଆପଣ କିଛି ବ୍ୟସ୍ତ ହେବେନାହିଁ । ମୁଁ ଆପଣଙ୍କ ପାଇଁ ଆଉ ଦିଦିଙ୍କ ପାଇଁ ଖାଇବା ଆଣି ଦେଇଯିବି । ଶୁଭ କହିଥିବା ଅନୁଯାୟୀ ୟା'ର ପର ଔଷଧଟି ଦିଦିଙ୍କୁ ଦେଇଥିବେ ।"

ସଂଧ୍ୟାରେ ଭବେଶ ସହିତ କଥାହେଲେ ଦୀନନାଥ । ଠିକ୍ ସମାନ କଥା ହିଁ କହିଲା ଭବେଶ । "ପୁଅର ଆଉ ଦୁଇଟା ପରୀକ୍ଷା ହେବା କଥା କହିଛନ୍ତି ଡାକ୍ତର । ଏଣୁ ଆମକୁ ଆହୁରି ଚାରିପାଞ୍ଚ ଦିନ ଅପେକ୍ଷା କରିବାକୁ ପଡ଼ିପାରେ !"

ଦୀନନାଥ ମନେ ମନେ ବିରକ୍ତି ହେଲେ । ମୂଳରୁ ଏ ପର୍ଯ୍ୟନ୍ତ ସମସ୍ତ ଘଟଣାକ୍ରମ ଆୟତ୍ତ ବାହାରେ ହିଁ ଥିଲା । ଶୁଭକାନ୍ତ ମଝିରେ ଗୋଟାଏ ଦିନ ରହି ମା'ଙ୍କର ରୋଗକଥା ବୁଝାବୁଝି ସାରି ପୁଣି କଟକ ଫେରିଗଲା । ସେଦିନ ସଂଧ୍ୟାରେ ଡାକ୍ତର ପଟ୍ଟନାୟକଙ୍କ ସହିତ ପରାମର୍ଶ କରି ଶୀଘ୍ର ରିଲିଭ୍ କରିବାପାଇଁ କହିଲା । ଏବେ ଆଉ ଅଧିକ ଦିନ ସେ ମେଡ଼ିକାଲ୍‌ରୁ ଛୁଟି ନେଇ ରହି ପାରିବ ନାହିଁ । ପୁଣି ଭବେଶର ବି ଛୁଟି ସରି ଆସୁଛି । ଡାକ୍ତର ପଟ୍ଟନାୟକ ପରିସ୍ଥିତିକୁ ଲକ୍ଷ କରି ପରଦିନ ସକାଳେ ପିଲାର ଇ.ସି.ଜି. ଓ ଅଡ଼ିଓ ଟେଷ୍ଟ୍ ପାଇଁ ଲେଖିଦେଲେ । ଦୁଇଟାଯାକ ଟେଷ୍ଟ୍ ପାଇଁ ବାହାରକୁ ଯିବାକୁ ହେବ । କାରଣ ସେ ସୁବିଧା ସେଠି ତାଙ୍କ ପାଖରେ ଉପଲବ୍ଧ ନ ଥିଲା ।

ପରଦିନ ସକାଳେ ଭେଣ୍ଟିଲେଟର୍ ଭିତରୁ ପିଲାକୁ ବାହାରକୁ ଅଣାଗଲା । ଏଇଟା ଥିଲା ଦୀର୍ଘ ସମୟ ଧରି ପିଲାକୁ ଭେଣ୍ଟିଲେଟର୍ ବାହାରେ ରଖିବା । ଏଇ କେତେଦିନ ଶୁଭଦା ଆସିଲା ପରେ ପୁଅକୁ ସାମୟିକ ବାହାରକୁ ଅଣାଯାଉଥିଲା କ୍ଷୀର ଖାଇବା ପାଇଁ । କ୍ଷୀର ଖାଇସାରିଲା ପରେ ତାକୁ ପୁଣି ଫେରେଇ ନିଆଯାଉଥିଲା ସେହି ଅଦ୍ଭୁତ ବାକ୍ସ ସଦୃଶ ଯନ୍ତ୍ର ଭିତରକୁ ।

ଦୀର୍ଘ ସମୟଧରି ପିଲାକୁ ଭେଣ୍ଟିଲେଟର୍ ବାହାରେ ରଖିବା ଥିଲା ପିଲାପାଇଁ ଆଉ ଏକପ୍ରକାର ପରୀକ୍ଷା । ଭବେଶର ଏ ନେଇ ସନ୍ଦେହ ଥିଲା ଯେ, ଏତେ ସମୟ ଧରି ପୁଅ କ'ଣ ଭେଣ୍ଟିଲେଟର୍ ବାହାରେ ରହିପାରିବ ?

'ନିଉ ବର୍ନ ବେବିକେୟାର୍ ସେଣ୍ଟର୍' ବାହାରେ ଗାଡ଼ି ଛିଡ଼ା ହୋଇଥିଲା, ଆଉ ଶୁଭଦା ତଳୁ ଯାଇଥିଲା ଉପରକୁ ପୁଅକୁ ଆଣିବ ବୋଲି । ସାଂଗରେ ଭବେଶ ଆଉ ଶୁଭ ବି ଥିଲେ । ସେଇଠି ଶୁଭଦା ପଚାରିଲା ନର୍ସକୁ -

"ଏତେ ସମୟ ପୁଅ ଭେଣ୍ଟିଲେଟର୍ ବାହାରେ ରହିଲେ ତା'ର କିଛି ଅସୁବିଧା ହେବ ନାହିଁ ?"

ଶୁଭଦା ଏବେ ପ୍ରତିକ୍ଷଣ ପୁଅ କଥା ହିଁ ଭାବୁଥିଲା । ତା'ର ସାମାନ୍ୟତମ ଅସୁବିଧା ହେଉ ବୋଲି ଚାହୁଁ ନଥିଲା । ।

"ନାଇଁ, କିଛି ହେବନାହିଁ । ସେ ଏବେ ଠିକ୍‌ଠାକ୍ ହୋଇଗଲାଣି, ବିନା ଭେଣ୍ଟିଲେଟର୍‌ରେ ରହିପାରିବ ।" - ନର୍ସଟି କିଛି କହିବା ପୂର୍ବରୁ ଶୁଭକାନ୍ତ କହିପକେଇଲା ।

ଭାଇର କଥା ଉପରେ ଶୁଭଦାର ପୂରା ଭରସା ଥିଲା । ତେଣୁ ହସି ହସି ସେ ନର୍ସ ହାତରୁ ପୁଅକୁ ଆଣି ଛାତିରେ ଜାକି ଧରି ଗାଡ଼ି ପର୍ଯ୍ୟନ୍ତ ଆସିଲା । ତଳେ ଗାଡ଼ି ପାଖରେ ଯାଇ ଛିଡ଼ା ହୋଇ ସାରିଥିଲେ ଭାଗ୍ୟବତୀ ଦେବୀ ।

ଗାଡ଼ି ଭିତରେ ପଛ ସିଟ୍‌ରେ ଠିକ୍ ମଝାମଝିରେ ପୁଅକୁ ଧରି ବସିଲା ଶୁଭଦା । ଦୁଇ ପାଖରେ ଭାଗ୍ୟବତୀ ଦେବୀ ଓ ଭବେଶ । ସାମ୍ନାରେ ଶୁଭକାନ୍ତ ।

ସେତେବେଳକୁ ସମୟ ପ୍ରାୟ ନ'ଟା ପାଖାପାଖି । ବିଶେଷ ଗରମ କି ଗୁଳୁଗୁଳି ନ ଥିଲେ ବି ଗାଡ଼ିର ଏ.ସି. ଦେବାକୁ କହିଲା ଭବେଶ । ଶୁଭକାନ୍ତ ଗାଡ଼ିବାଲାକୁ ନିର୍ଦ୍ଦେଶ କଲା -

"ରାଣୀହାଟ ଚାଲ, ସି.ଟି.କ୍ଲିନିକ୍ ।"

ଦେଖିବାକୁ ଗଲେ କଟକ ମେଡ଼ିକାଲ୍ ଆଖପାଖରେ ଥିବା କ୍ଲିନିକ୍ ଭିତରେ ଏଇଟା ଥିଲା ଏକ ନାମକରା କ୍ଲିନିକ୍ । ଶୁଭକାନ୍ତ ଯେହେତୁ ଏଇ କଟକରୁ ମେଡ଼ିକାଲ୍ ପାଶ୍ କରିଥିଲା ସେଥିପାଇଁ ପ୍ରତ୍ୟେକ କ୍ଲିନିକ୍‌ର ଅବସ୍ଥା ତାକୁ ବେଶ୍ ଭଲଭାବେ ଜଣାଥିଲା ।

ରାସ୍ତାରେ କେତେ ନା କେତେ ଗାଡ଼ିମୋଟର, ବିପଣୀ ଓ ଅଟ୍ଟାଳିକା ଅତିକ୍ରମ କରି ରାଣୀହାଟ ଅଭିମୁଖେ ଧୀର ଅଥଚ ମନ୍ଥର ଗତିରେ ଗାଡ଼ି ଗଡୁଥିଲା । ହେଲେ କୁଆଡ଼କୁ ବି ନଜର ନଥିଲା ଶୁଭଦାର, ନିଷ୍ପଲକ ନୟନରେ ଦେଖୁଥିଲା ପୁଅକୁ । ଦୃଷ୍ଟି ତା'ର ନିବଦ୍ଧ ଥିଲା ପୁଅ ଉପରେ । ରାସ୍ତା ମଝିରେ ଥରେ ମାତ୍ର ଭାଇକୁ ପଚାରିଥିଲା -

"ଇ.ସି.ଜି. ଆଉ ଅଡ଼ିଓ ଟେଷ୍ଟ କଲେ ପୁଅକୁ କଷ୍ଟ ହେବନି ଭାଇ ! ତାକୁ କ'ଣ ଇଞ୍ଜେକ୍‌ସନ୍ ଦିଆହେବ ।"

ଇ.ସି.ଜି ଏବଂ ଅଡ଼ିଓ ଟେଷ୍ଟ୍ ସମ୍ପର୍କରେ ଆଦୌ କୌଣସି ଅଭିଜ୍ଞତା ଓ ଜ୍ଞାନ ନ ଥାଇ ଶୁଭଦା ପ୍ରଶ୍ନଟି ପଚାରି ଭାଇ ମୁହଁକୁ ଚାହିଁ ରହିଥିଲା ଉତ୍ତର ଅପେକ୍ଷାରେ । ହେଲେ ଶୁଭକାନ୍ତ କ'ଣ କହିବ ବୋଲି ଉଦ୍ୟତ ହେଲାବେଳକୁ ତା'ର ମୋବାଇଲ୍ ରିଂରେ ପୁଅ ଚମକି ଉଠିଲା । ଭାଗ୍ୟବତୀ ଦେବୀ ନାତି ଉପରେ ଥୁକୁଲ୍ ପକେଇ ତା' ମୁଣ୍ଡ ଆଉଁଶି ଦେଲେ ଆଶ୍ୱାସନାରେ ।

ଶୁଭକାନ୍ତ କଥା ହେଲା ବାପାଙ୍କ ସହିତ । କହିଲା -

"ହଁ ବାପା ! ଆମେ ଏଇ ରାଣୀହାଟ ସିଟି କ୍ଲିନିକ୍ ଯାଉଛୁଁ ପୁଅର ଇ.ସି.ଜି. ଆଉ ଅଡ଼ିଓ ଟେଷ୍ଟ୍ ପାଇଁ । ମା'ଙ୍କ ଦେହ ଆଜି କେମିତି ଅଛି ?"

"ମା' ତୋର ଠିକ୍ ଠାକ୍ ଅଛି । ଏବେ ବ୍ୟସ୍ତଥିବୁ, ପରେ କଥା ହେବି ।" - କହି ଦୀନନାଥ ଫୋନ୍ କାଟିଦେଲେ ।

"ଇ.ସି.ଜି.ରେ ଇଂଜେକ୍‌ସନ୍ ଲାଗିବ ନାହିଁ । କିନ୍ତୁ ଅଡ଼ିଓ ଟେଷ୍ଟ୍ ତ ବିନା ଇଂଜେକ୍‌ସନ୍‌ରେ ସଂଭବ ନୁହେଁ ।" - ଭଉଣୀକୁ କହିଲା ଶୁଭକାନ୍ତ । ସଂଗେ ସଂଗେ ଶୁଭଦାର ମୁହଁ ଶୁଖିଗଲା । ଭାଗ୍ୟବତୀ ଦେବୀ କହିଲେ -

"ଆମେ ଆଉ ନାତିର ଅଡ଼ିଓ ଟେଷ୍ଟ କରିବା ନାହିଁ । ଦେଖିଲ ନାଇଁ, ସାମାନ୍ୟ ମୋବାଇଲ୍ ରିଂରେ ଯେଉଁ ପିଲା ଚମକି ପଡୁଛି, ତା' ପାଇଁ ଅଡ଼ିଓ ଟେଷ୍ଟ୍ ଅନାବଶ୍ୟକ । କାନକୁ ତା'ର ଭଲଭାବରେ ଶୁଭୁଛି ।"

ତାଙ୍କ କଥାରେ ଭବେଶ ବି ଏକମତ ହେଲା । ଶୁଭଦା କହିଲା -

"ହଁ ଭାଇ ! ପୁଅର ଅଡ଼ିଓ ଟେଷ୍ଟ୍ କରିବା ନାହିଁ । ମୁଁ ତ ସବୁବେଳେ ତାକୁ ସାମାନ୍ୟ ସାମାନ୍ୟ ଶବ୍ଦରେ ଚମକି ପଡ଼ି ଚାହୁଁଥିବାର ଲକ୍ଷ୍ୟ କରିଛି । ଅଡ଼ିଓ ଟେଷ୍ଟ୍ ଆଉ କ'ଣ ପାଇଁ ହେବ ?"

ତାହା ହିଁ ହେଲା। ଲୋକଭିଡ଼ ଭିତରେ ଦୁଇଘଣ୍ଟା ଅପେକ୍ଷା ପରେ ନାତିର ଇ.ସି.ଜି. କରାଗଲା । ହେଲେ ସାମାନ୍ୟତମ ବ୍ୟତିକ୍ରମ ବି ନଥିଲା ପିଲା ଭିତରେ । ପଲସ୍ ରେଟ୍, ହାର୍ଟବିଟ୍, ହାର୍ଟର ଆକାର ପ୍ରକାର ଓ କାର୍ଯ୍ୟକାରୀତା ସବୁ ଠିକ୍‌ଠାକ୍ ଥିଲା । ରିପୋର୍ଟ ସହ ପୁଅକୁ ଧରି ଫେରି ଆସିଲେ ସମସ୍ତେ 'ନିଉ ବରନ୍ ବେବିକେୟାର ସେଣ୍ଟର୍ ।' ସେତେବେଳକୁ ଚାରିଆଡ଼େ ଡାଙ୍ଗଣବିନ୍ଧା ଟାଇଁ ଟାଇଁ ଖରା । ତା' ସାଂଗକୁ ଅସହ୍ୟ ଗୁଳୁଗୁଳି ଓ ଗରମ ।

ପୁଅର ଶେଷତମ ଟେଷ୍ଟ୍ ପରେ ଭବେଶ ଯେତିକି ଆନନ୍ଦିତ ହେଉଥିଲା, ସେତିକି ଆଶ୍ଚର୍ଯ୍ୟ ବି ହେଉଥିଲା । ଗୋଟାଏ ପରେ ଗୋଟାଏ ଟେଷ୍ଟ୍ କରାଯିବା ସତ୍ତ୍ୱେ ସାମାନ୍ୟତମ ବ୍ୟତିକ୍ରମ କି ଅସୁବିଧା ବାହାରିଲା ନାହିଁ । ତେବେ କ'ଣ ପାଇଁ ଏତେ ସବୁ ଘଟଣା ଘଟିଗଲା ?

ଏବେ କିଏ ତାକୁ ଏହାର ସଠିକ୍ ଉତ୍ତର ଦେବ ? ଡାକ୍ତର ନୀଳମାଧବ ନା ଡାକ୍ତର ପଟ୍ଟନାୟକ ? ତଥାପି ସେ ଶଂକାମୁକ୍ତ ନ ଥିଲା ।

(କ୍ରମଶଃ)

ମା'ର ମନ

ଅଣୁ ଗଳ୍ପ

ଇଂ.ପ୍ରେମାନନ୍ଦ ନାୟକ

କେନାଲ କୂଳରେ ବଡ ବଡ ପିଜୁଳି ଗଛ । ପିଜୁଳି ପାଚିଲେ ଭିତରଟା ପୁରା ଲାଲ୍ । ମଂଜି କମ୍ । ଭାରି ମିଠା । ସ୍କୁଲ ଛୁଟି ହେଲେ ପିଲାମାନେ ପିଜୁଳି ଗଛ ମୂଳରେ ରୁଣ୍ଡ ହୁଅନ୍ତି । ପିଜୁଳି ଖାଇ ଘରକୁ ଫେରନ୍ତି । ଦିନେ ପିଲାମାନେ ଦେଖିଲେ, ଗଛର ସବାଅଗ ଡାଳରେ ପିଜୁଳି ଭର୍ତ୍ତି ହୋଇଛି । ପାଚି ହଳଦୀ ଗୁରୁଗୁରୁ ଦିଶୁଛି । କଥା ହେଲେ ରବିବାର ଦିନ ନଗି କି କାତେଣି ଆଣି ପିଜୁଳି ତୋଳିବେ ।

ପିଲାମାନେ ଚାଲିଗଲେ । ଦୁମ୍ ଦୁମ୍ ହେଇ ମାଙ୍କଡଟା ପେଟ ତଳେ କୁନି ପିଲାଟିକୁ ଧରି ଗଛକୁ ଚଢିଗଲା । ନଜର ପଡିଲା ତା'ର ପାଚିଲା ପିଜୁଳି ଉପରେ । ଦି'ଦିନ ଭିତରେ ମାଙ୍କଡ ସବୁ ପାଚିଲା ପିଜୁଳି ଖାଇଦେଲା । ପିଲାମାନେ ନଗି ଧରି ଆସିଲେ । ଦେଖିଲେ ଆଗ ଡାଳରେ ପିଜୁଳି ନାହିଁ । ମାଙ୍କଡଟା ଛୁଆକୁ ଧରି ବସିଛି । ଆରେ-ଆରେ ମାଙ୍କଡଟା ସବୁ ପିଜୁଳି ଖାଇ ଦେଇଛି ! ୟା'କୁ ଯେମିତି ହେଉ ପାନେ ଦବାକୁ ହବ । ନହେଲେ ସେ ଗଛରେ ଆଡ୍ଡା କରିବା । କଷି ମଷି ସବୁ ପିଜୁଳି ଖାଇଦବ । ଚାଲ ଏଠୁ ଚାଲି ଯିବା । ମାଙ୍କଡ ଗଛରେ ରହୁଛି କି ନାହିଁ, ତଳକୁ ଆସୁଛି କି ନାହିଁ ନଜର ରଖିବା । ତା' ପରେ ଉପାୟ ଖୋଜିବା ।

ୟା' ଭିତରେ ଦଶହରା ଛୁଟି ହେଲା । ପିଲାମାନେ ଏକାଠି ହେଇ ଉପାୟ ଚିନ୍ତା କଲେ କେମିତି ମାଙ୍କଡ ପିଜୁଳି ଗଛରୁ ଯିବ । ସେମାନେ କେନାଲ କୂଳକୁ ଗଲେ । ଦେଖିଲେ, ମାଙ୍କଡ ଛୁଆଟି ଗଛ ମୂଳରେ ବସି ପେଟ କୁଣ୍ଡେଇ ହଉଛି । ମାଙ୍କଡ କେନାଲରୁ ପାଣି ପିଉଛି । ଦି'ଟା ପିଲା ଚୁପ୍-ଚୁପ୍ ଯାଇ ମାଙ୍କଡ ଛୁଆକୁ ଗାମୁଛାରେ ଗୁଡେଇ-ଗାଡେଇ ଚମ୍ପଟ୍ ମାରିଲେ ।

ମାଙ୍କଡ ପାଣି ପିଇସାରି ଆସି ଦେଖେତ ତା' ଛୁଆ ନାହିଁ । ଗଛକୁ ଚଢି ଯାଇନି ତ !! ନା, ତ ଗଛରେ ନାହିଁ! କେନାଲ ପାଣିରେ ବୁଡି ଯାଇନିତ !! ମାଙ୍କଡ କେନାଲ କୂଳେ କୂଳେ କିଛି ବାଟ ଗଲା । ନା, ସେ କେନାଲରେ ବୁଡି ଯାଇନି । ମାଙ୍କଡର ଛାତି ଫାଟିଗଲା ପରି ଲାଗିଲା । ମୁଣ୍ଡକୋଡି କାନ୍ଦିଲା ତ କାନ୍ଦିଲା । ତା' ଛୁଆ ଗଲା କୁଆଡେ !! କେହି ନେଇ ଯାଇନିତ !! କେମିତି ଜାଣିବ କିଏ ନେଇଛି ବୋଲି !! କୋଉଠି ନେଇ ରଖିଥିବ ! କ'ଣ ଖାଇବାକୁ ଦଉଥିବ ! ଛୁଆଟି ତା'କୁ ଝୁରି ହଉଥିବ ନା ! ଖିଆପିଆ କରୁଥିବ ନା ନାହିଁ! ତା'କୁ କିଏ ବାଡାବାଡି କରୁ ନଥିବେତ !! ଛୁଆଟା ମୋତେ ନପାଇ ଖିଆପିଆ କରୁନଥିବ । କେତେ କଷ୍ଟ ପାଉନଥିବ! ଯିଏ ନେଇଛି ଯଦି ଜାଣି ପାରନ୍ତି, ତା'କୁ କାମୁଡି ଝୁଣି ପକାନ୍ତି ।"

ମାଙ୍କଡ ଗାଁ ଭିତରକୁ ଗଲା । ଗୋଟି ଗୋଟି କରି ସବୁ ଘର ଛାତ ଉପରକୁ ଗଲା । ଚୁପ୍‌ଚାପ୍ କାନେଇଲା । କାଳେ ତା' ଛୁଆ କାନ୍ଦୁଥିବ। ନା, ସେ ତା'ଛୁଆର କାନ୍ଦ କୋଉଠି ଶୁଣିପାରିଲାନି। ତାହା ହେଲେ ତା' ଛୁଆକୁ କିଏ ଦୂର ଗାଁକୁ ନେଇ ଯାଇଛି ନା କଣ!!

ମାଙ୍କଡ ଜମା ଖିଆପିଆ କଲାନି । ସବୁବେଳେ ତା'ଛୁଆ କଥା ଭାବି କାନ୍ଦିଲା । ଛୁଆକୁ ହରାଇବାର କଷ୍ଟ କେବଳ ମା'ଜାଣେ । ଛୁଆ ପାଇଁ ସବୁ ସୁଖ, ସପନ । ମାଙ୍କଡ ହେଲେ କ'ଣ ହବ, ସେ ତ ଗୋଟିଏ ମା' । କେମିତି ତା' ମନ ବୁଝିବ!!

ଆଠ ଦିନ ଚାଲିଗଲା । ମାଙ୍କଡ ଏ ଗାଁ ସେ ଗାଁ ଖୋଜି ଖୋଜି ନୟାନ୍ତ ହେଲା । ତଥାପି ସେ ତା' ଛୁଆକୁ ଖୋଜି ପାଇଲାନି । ଏଥର ମାଙ୍କଡ ଚୁପ୍ ହେଇ ବସିଲାନି । ତା' ମୁଣ୍ଡକୁ ରାଗ ଚଢିଗଲା । ଗାଁର ସବୁ ସଜନା ଗଛ, ଅମୃତଭଣ୍ଡା ଗଛ ଭାଙ୍ଗିଦେଲା । ଗାଁ ଲୋକ କୁହାକୁହି ହେଲେ ମାଙ୍କଡଟା ପାଗଳ ହେଇ ଯାଇଛି । କାମୁଡା କାମୁଡି କରିବ । ହେ, ପିଲାମାନେ ହୁସିଆର୍‌ରେ ଥିବରେ । ମାଙ୍କଡ ସାଙ୍ଗରେ ଜମା ଲାଗିବନି ।

ମାଙ୍କଡର ମନ ମାନିଲାନି । ରାଗଟାରେ ସିନା ଗଛ ଗୁଡା ଭାଙ୍ଗିଦେଲା, ହେଲେ ତା' ଛୁଆକୁ କ'ଣ ପାଇଲା !! କ'ଣ ସେ କରିବ! ଏଇ କଥା ଭାବୁ ଭାବୁ ତା' ଆଖିରୁ ଧାର ଧାର ଲୁହ ନିଗିଡି ଗଲା । ଏହି ସମୟରେ ତା' କାନରେ ଚେଁ ଚେଁ ଶବ୍ଦ ବାଜିଲା । ମାଙ୍କଡ ଅନୁମାନ କଲା ଇଏ ତା' ଛୁଆର କାନ୍ଦ । ସେ ଗଛରୁ ଚାଳ ଉପରକୁ ଡେଇଁଲା। ଦେଖିଲା, ତା'ଛୁଆ ବେକରେ ସରୁ ଜଂଜିରଟିଏ ବନ୍ଧା ହୋଇଛି । ଦି'ଟା ପିଲା ତା'କୁ ସାବୁନ ଲଗେଇ ଗାଧୋଇ ଦଉଛନ୍ତି । ଛୁଆଟା ଚେଁ-ଚେଁ ହୋଇ କାନ୍ଦୁଛି। ମାଙ୍କଡ ଖେଁ-ଖେଁ ହେଲା । ଛୁଆ ତା'ଆଡକୁ ଚାହିଁଲା । ସବୁ ଦୁଃଖ ନିମିଷକ ଭିତରେ କୁଆଡେ ଉଭେଇଗଲା । ଯାହାହଉ ମୋ ଛୁଆର ଠାବ ମୁଁ ପାଇଗଲି । ଏଣିକି କେମିତି ତା'କୁ ନେବି ସେକଥା ଚିନ୍ତା କରିବି ।

ତା'ପରେ ଦିନ ସକାଳୁ ବୁଢୀ ମାଉସୀଟିଏ ତା'ନାତିକୁ କାଖେଇ ଦାଣ୍ଡରେ ଯାଉଥାଏ। ମାଙ୍କଡ ଛକି ଛକି ଆସି ବୁଢୀ ମାଉସୀ କାଖରୁ ତା' ନାତିକୁ ନେଇ ଗଛକୁ ଚଢିଗଲା । ବୁଢୀ ମାଉସୀ ହାଉଳି ଖାଇ କହିଲା - ଆରେ, ଧାଇଁ ଆସରେ ମୋ ନାତିକୁ ମାଙ୍କଡ ନେଇଗଲା ।

ବୁଢୀ ପାଟି ଶୁଣି ଗାଁ' ଲୋକମାନେ ଧାଇଁ ଆସିଲେ । ସମସ୍ତେ ହୋ' ହୋ' ହେଲେ । ଉପାୟ ପାଇଲେନି କେମିତି ମାଙ୍କଡ ପାଖରୁ ପିଲାଟିକୁ ଆଣିବେ ବୋଲି । କିଏ କଦଳୀ ଦେଖାଇଲା ତ କିଏ ପିଜୁଳି । ମାଙ୍କଡ ସେସବୁକୁ ଚାହିଁଲାନି । ଖେଁ-ଖେଁ ହୋଇ କହିଲା ତମ ପିଲାକୁ ଏଇ ଘଡିକ ଆଗରୁ ମୁଁ ନେଇ ଅସିଚି, ତମକୁ ବହୁତ କଷ୍ଟ ଲାଗୁଛି । ହେଲେ ମୋ ଛୁଆକୁ ତମେ ପନ୍ଦର ଦିନ ହେଲା ନେଇ ଆସିଲଣି, ମୁଁ କେତେ କଷ୍ଟ ପାଉଚି କେବେ ଚିନ୍ତା କରିଚ? ତମେ ଦେଉଥିବା କଦଳୀ, ପିଜୁଳି ଖାଇଲେ ମୋ ପେଟ ପୂରିବ । ହେଲେ ମୋ ଛାତିରୁ ଯୋଉ ରକତ ଝରୁଛି, ସେ କ'ଣ ବନ୍ଦ ହେଇଯିବ?

ଏହି ସମୟରେ କେହି ଜଣେ କହିଲା - ଆରେ ଏଯୋଉ ମାଙ୍କଡ ଛୁଆକୁ ପିଲାମାନେ ଆଣିଛନ୍ତି ସିଏ ଏ ମାଙ୍କଡର ନୁହେଁ ତ? ମାଙ୍କଡ ଛୁଆକୁ ଛାଡିଦିଅ । ଦେଖିବା କ'ଣ ହଉଛି! ପିଲାମାନେ ମାଙ୍କଡ ଛୁଆ ବେକରୁ ଜଂଜିର ଖୋଲି ଦେଇ ଚାଲିଗଲେ । ମାଙ୍କଡ ତଳକୁ ଆସି ବୁଢୀ ମାଉସୀ ନାତିକୁ ଛାଡିଦେଇ ନିଜ ଛୁଆକୁ ନେଇ ଗଛକୁ ଚଢିଗଲା । କୁଆଡେ ଗଲା ଯେ କେହି ପତ୍ତା ପାଇଲେନି ।

+ ମାତୃ ନିଳୟ, ସାଲେପୁର, କଟକ

ଚିନ୍ତା ଅନୁଚିନ୍ତା (୧୬)

ବିଦ୍ୟା, ଜ୍ଞାନ ଓ ନୈତିକ ଶିକ୍ଷା

କବି ଓ ପ୍ରାବନ୍ଧିକ **କାଳୀପଦ ପଣ୍ଡା** ଧ୍ୱନି ପ୍ରତିଧ୍ୱନି ପାଠକମାନଙ୍କର ଗୋଟେ ଚିହ୍ନାମୁହଁ । ଏହା ପୂର୍ବରୁ ଶ୍ରୀ ପଣ୍ଡାଙ୍କର ଚିନ୍ତା ଚତୁରଙ୍ଗ, ଚିନ୍ତା ତରଙ୍ଗ, ଚିନ୍ତା ଚେତନା ଆଦି ସ୍ତମ୍ଭ ପ୍ରକାଶ ପାଇ ପାଠକୀୟତା ହାସଲ କରି ସାରିଛି । ଏଇ ନୂତନ ସ୍ତମ୍ଭ 'ଚିନ୍ତା ଅନୁଚିନ୍ତା'ରେ ଆପଣ ଭେଟିବେ ଲେଖକଙ୍କ ମାନସମନ୍ଥନକୁ ଗୋଟେ ନିଆରା ଢଙ୍ଗରେ ।

ସୂନାରୂଇ, ବି.କଟିସାହି, ସିଂଲା , ବାଲିଆପାଳ, ବାଲେଶ୍ୱର
(ମୋ) ୯୪୩୭୦୮୯୨୪୧/ ୮୯୧୭୨୫୫୪୯୩

ବ୍ୟକ୍ତିକୁ ସୁସ୍ଥ ସବଳ ହେବା ସହ ତାହାକୁ ବିଦ୍ୟାବନ୍ତ ହେବାକୁ ପଡ଼ିଥାଏ । ବିଦ୍ୟାର୍ଜନ ଦ୍ୱାରା ଆହରିତ ଜ୍ଞାନଲାଭରେ ସେ ନିଜକୁ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ ହେବାକୁ ଚେଷ୍ଟିତ ହୁଏ । ତେବେ ଜ୍ଞାନ ଯେବେ ନୈତିକ ଶିକ୍ଷାର ପ୍ରତିଫଳନ କରୁ ନଥାଏ, ସେଭଳି ଜ୍ଞାନ ଜୀବନ ବିକାଶରେ ବାଧକ ହୁଏ କହିଲେ ଅତ୍ୟୁକ୍ତି ହେବନାହିଁ । ଜ୍ଞାନ ଯେବେ ଆଚରଣ ସିଦ୍ଧ ହୁଏ ସେତେବେଳେ ତାହା ନୈତିକ ଶିକ୍ଷା ରୂପେ ପ୍ରତିପାଦିତ ହୋଇଥାଏ । ସୁସ୍ଥ ସମାଜ ଗଠନ ସମ୍ଭବ ହୁଏ ନୈତିକ ଆଚରଣ ଦ୍ୱାରା । ସେଥିପାଇଁ କୁହାଯାଇଛି ବୁଦ୍ଧି ତୀକ୍ଷ୍ଣ ହେଲେ ବି ଯାହାଙ୍କର ନୀତି କଳୁଷିତ ସେ ନିଜ ସହ ସମାଜର ଅମଙ୍ଗଳ କରିଥାଏ । ଅର୍ଥାତ୍ ଏକ ଉଦାହରଣରେ କୁହାଯାଇପାରେ ଯେ ଗୋଟିଏ ନଡ଼ାଛପର ଘରେ ଯଦି ନିଆଁ ଲାଗେ ସେ ଯେମିତି ଅନାୟାସରେ ଆଖପାଖର ଘରକୁ ବିଜୁଳି ବେଗରେ ବ୍ୟାପି ସେ ଅଞ୍ଚଳକୁ ଧ୍ୱଂସବିଧ୍ୱଂସ କରିପକାଏ । ସେହିପରି ନୀତିହୀନ ବ୍ୟକ୍ତିର କାର୍ଯ୍ୟକଳାପରେ ଅଧିକ ଲୋକ ସଂକ୍ରମିତ ହୋଇଯାନ୍ତି । ଏ ସଂପର୍କରେ ଶାସ୍ତ୍ରରେ କୁହାଯାଇଛି ଦୁର୍ଜନ ବ୍ୟକ୍ତି ବିଦ୍ୟାରୂପକ ଅଳଙ୍କାରରେ ପରିଶୋଭିତ ହୋଇ ଯେଉଁ ଜ୍ଞାନ ଅର୍ଜନ କରିଥାଏ ବା ଜ୍ଞାନୀରୂପେ ପରିଗଣିତ ହେଉଥିଲେ ମଧ୍ୟ ପରିତାଜ୍ୟ ।

ଜୀବନକୁ ପରିମାର୍ଜିତ କରିବାରେ ନୈତିକ ଶିକ୍ଷା ଅପରିହାର୍ଯ୍ୟ । ମାତ୍ର ଏହାର ପାଳନ ଖୁବ୍ କଷ୍ଟସାଧ । ବିଦ୍ୟାର୍ଜନ ଜନିତ ଜ୍ଞାନଲାଭରେ ବ୍ୟକ୍ତି କୁନୀତି ଓ ସୁନୀତି କ'ଣ ଜାଣିପାରିଥାଏ କିନ୍ତୁ ସେ ଯେ ନୈତିକଶିକ୍ଷାର ଅଧିକାରୀ ହେଲା ଏହା କୁହାଯାଇ ନପାରେ । କାରଣ କାର୍ଯ୍ୟତଃ ନୀତି ଯାହାକୁ ଆଚରଣ କରିବା, ଯାହା ଦୁର୍ନୀତି ତାହା କାୟ ମନୋବାକ୍ୟରେ ପରିତ୍ୟାଗ କରିବା ହିଁ ନୈତିକ ଶିକ୍ଷାର ବୈଶିଷ୍ଟ୍ୟ ଅଟେ । ଏହାର ପାଳନ ବହୁ କଷ୍ଟସାଧ । ଏଥି ନିମନ୍ତେ ସାଧନା ଲୋଡ଼ା ହୁଏ । ନୈତିକ ଶିକ୍ଷା ପ୍ରଧାନତଃ କର୍ମବିଷୟକ । ଏଣୁ କର୍ମରେ ସାଧୁତା ବା ନିଷ୍ଠାର ପ୍ରତିଫଳନ ଅନେକ ଯତ୍ନ ସହ ଅଭ୍ୟାସ ଆବଶ୍ୟକ ହୋଇଥାଏ ଏବଂ ମନରେ ଶାନ୍ତ ସ୍ଥିରଭାବ ପୋଷଣ କରିବାକୁ ପଡ଼େ । ନୈତିକ ଶିକ୍ଷାର ଅଧିକାରୀ ବ୍ୟକ୍ତି ସଦାବେଳେ ଅନେକ ପ୍ରତିବନ୍ଧକକୁ ସମ୍ମୁଖୀନ ହେବାକୁ ବାଧ ହୋଇଥାଏ । ନୀତିହୀନ କାର୍ଯ୍ୟ ଦ୍ୱାରା ଦୈବ ଦୁର୍ବିପାକ ଜନିତ କ୍ଷୟକ୍ଷତି ଠାରୁ ଅଧିକ କ୍ଷତି ଘଟେ ସମାଜ ଓ ପରିବାର ଜୀବନରେ, ଯାହା ଦୁଃଖର କାରଣ ହୁଏ । ନୀତିହୀନ ବା ଅନୈତିକ କାର୍ଯ୍ୟ ଦ୍ୱାରା ଭବିଷ୍ୟତ ସମୟକୁ ଦୁର୍ଗତି ଡାକିଆଣୁ । ଉଦାହରଣରେ କୁହାଯାଇପାରେ ଯେ ଯେଭଳି ଅତି ଭୋଜନ ଏବଂ ଅସଂଯତ ଇନ୍ଦ୍ରିୟଲାଳସାର ଚରିତାର୍ଥ ଜନିତ କାର୍ଯ୍ୟରେ ନାନାପ୍ରକାରର ଦୁଃଖଯନ୍ତ୍ରଣାକୁ ସମ୍ମୁଖୀନ ହେବାକୁ ପଡ଼ିଥାଏ। ନୀତିଶୂନ୍ୟ ଅନୈତିକ କାର୍ଯ୍ୟ ଦ୍ୱାରା ନିଜର ଦୁର୍ଗତିକୁ ଡାକି ଅଣାଯାଏ । ଏପରିକି ଅକାଳ ଗ୍ରାସରେ ପତିତ ହେବାକୁ ପଡ଼େ । ଲୋଭ, ଈର୍ଷା, ଦ୍ୱେଷ, ପରାଶ୍ରୀକାରତା ପ୍ରଭୃତି ଦୃଷ୍ଟବୃତ୍ତିରେ ବାରମ୍ବାର ମାନସିକ ସଂଘାତ ଘଟେ । ମାନସିକ ଅସ୍ଥିରତାରେ ପରିବାରରେ ଅଶାନ୍ତି ସହ ସ୍ଥିରତା ବ୍ୟାଘାତ ଲଭେ । ଯାହାଫଳରେ ନିଜର କ୍ଷତି ସହ ସାମଗ୍ରୀକ ଭାବେ ପରିବାର ଓ ସମାଜ ଜୀବନରେ ଅକଲ୍ୟାଣ ହୁଏ । ନୈତିକ ଶିକ୍ଷାର ପ୍ରତିଫଳନ ବିନା ବ୍ୟକ୍ତି ଦ୍ୱାରା ଯେଉଁ ନୀତିହୀନ କାର୍ଯ୍ୟ ସଂପାଦିତ ହୁଏ ତଦ୍ୱାରା ଲାଞ୍ଛନା ଓ ଅପମାନକୁ ବରଣ କରିବାକୁ ପଡ଼େ । ଏଣୁ ଇନ୍ଦ୍ରିୟ ସଂଯମ ଜନିତ ଦୁଷ୍ଟ ପ୍ରବୃତ୍ତିରୁ ନିବୃତ୍ତ ନହେଲେ ଶିକ୍ଷାର ଯେଉଁ ଉଦ୍ଦେଶ୍ୟ ତାହା ପୂର୍ଣ୍ଣାଙ୍ଗ ହୁଏ ନାହିଁ । ଭୋଗ ଲାଳସାକୁ ବଢ଼ାଇ ଇନ୍ଦ୍ରିୟମାନଙ୍କୁ ସ୍ୱେଚ୍ଛାଚାରୀ କରି ସଂଯମଶୂନ୍ୟ ଆଚରଣ ଅଧୋଗତିର କାରଣ । ନୀତିରେ ଅଟଳ ରହି କାର୍ଯ୍ୟକରିବା ଖୁବ୍ କଷ୍ଟସାଧ । ଯିଏ ଏଥିରେ ବ୍ରତୀ ରହିପାରନ୍ତି ସେ ଧନ୍ୟ କେବଳ ନୁହଁନ୍ତି ଚିର ବନ୍ଦନୀୟ । ମାନବର ପ୍ରକୃତ ମାନବତ୍ୱ ପ୍ରକାଶିତ ହୁଏ ନୈତିକ ଜୀବନଧାରଣାରେ । ଆଇନ ବା ନିୟମ ଯାହା ରହିଛି, ତାହା ପାଳନକୁ କେବଳ ନୈତିକ ଶିକ୍ଷାର ପାଳନ କୁହାଯାଇ ନପାରେ ବରଂ ନୈତିକ ଆଚରଣ ପ୍ରଦର୍ଶନ ହିଁ ସୁସ୍ଥ ଓ ସୁଖଦ ଜୀବନଧାରଣ ଜନିତ ସୁସମାଜ ଗଠନର ମୂଳଭିତ୍ତି କୁହାଯାଇପାରେ । ଉଚ୍ଚାକାଂକ୍ଷା ପୋଷଣ ବା ଉଚ୍ଚ ସ୍ୱପ୍ନାଭିଳାଷୀ ହେବା ବ୍ୟକ୍ତିକୁ ସଂଗ୍ରାମଶୀଳ କରାଏ । କିନ୍ତୁ ସେହି ସଂଗ୍ରାମ ରୂପି ଆକାଂକ୍ଷାର ଫଳ ଯଦି ପରପୀଡ଼ନ ସମାଜ ଶୋଷଣରେ ଅଭିପ୍ରେତ, କେବଳ ନିଜର ବସ୍ତୁଗତ ଆନନ୍ଦ ବା ପାଣ୍ଡିବୃଦ୍ଧି ଜନିତ ତେବେ ତାହା ନୈତିକ ଶିକ୍ଷାର ପରିପନ୍ଥୀ, ସମାଜରେ ଅମଙ୍ଗଳର କାରଣ ହୋଇଥାଏ ।

କାମନା ତ ସୀମାହୀନ । ଏହି କାମନା ରୂପି ରାକ୍ଷସର ଶିକାର ହୋଇଗଲେ ବ୍ୟକ୍ତି ଯେତେ ବିଦ୍ୟାବନ୍ତ ହୋଇ ଜ୍ଞାନୀଗୁଣୀ ହୋଇଥିଲେ ବି ନୀତିହୀନ ହୋଇଯାନ୍ତି । ଏଠାରେ ଆବଶ୍ୟକ ହୁଏ ନୈତିକ ଶିକ୍ଷାର ପ୍ରତିଫଳନ । ଯାହା କର୍ମ ଓ ଆଚରଣରେ ପ୍ରତିଫଳିତ । ନୈତିକ ଶିକ୍ଷାର ଅଧିକାରୀ ହେଲେ ଉଭୟ ପରିବାର ଓ ସମାଜ ଜୀବନରେ ପ୍ରଭୂତ ମଙ୍ଗଳ ସାଧିତ ହୁଏ । ନୈତିକତା ପ୍ରତିଫଳନ ହୁଏ ଆଚରଣରେ, କର୍ମରେ ।

> ଉଚ୍ଚାକାଂକ୍ଷା ପୋଷଣ ବା ଉଚ୍ଚ ସ୍ୱପ୍ନାଭିଳାଷୀ ହେବା ବ୍ୟକ୍ତିକୁ ସଂଗ୍ରାମଶୀଳ କରାଏ । କିନ୍ତୁ ସେହି ସଂଗ୍ରାମ ରୂପି ଆକାଂକ୍ଷାର ଫଳ ଯଦି ପରପୀଡ଼ନ ସମାଜ ଶୋଷଣରେ ଅଭିପ୍ରେତ, କେବଳ ନିଜର ବସ୍ତୁଗତ ଆନନ୍ଦ ବା ପାଣ୍ଡିବୃଦ୍ଧି ଜନିତ ତେବେ ତାହା ନୈତିକ ଶିକ୍ଷାର ପରିପନ୍ଥୀ, ସମାଜରେ ଅମଙ୍ଗଳର କାରଣ ହୋଇଥାଏ ।

ପ୍ରେମରେ ପ୍ରେମରେ ଗୀତି ....(୯)

ବିପିନ ମହାନ୍ତି

୩୩, ଗଡ ମହାବୀର ବିହାର,
ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

॥ ପିଇଯାଉ ମୋର ଓଠ ॥

ମୋ' ଆଖି ଲୁହକୁ ପୋଛିବାକୁ ତୁମ
ପଣତ ବି ହେବ ଛୋଟ,
ବୋହିଯାଉ ସିଏ ବୋହିବାକୁ ଦିଅ
ପିଇଯାଉ ମୋର ଓଠ ।

ନିଜ ଲୁହ ନିଜେ ଯେବେଠୁ ପିଇବା
ଶିଖିଗଲି ମୁହିଁ ଗୋରୀ !
ସେବେଠାରୁ ଖୁସି ମଣିଷଟେ ବୋଲି
ଦୁନିଆ ନେଇଛି ଧରି,
ହେଲେ ମୋ' ଖୁସିର ସହରେ ଶ୍ରାବଣ
ନିଇତି କରୁଛି ନାଟ ।

ମୋର ଦୁଇ ଆଖି ଲୁହ ସାଥେ ସଖୀ !
କରିଛନ୍ତି ରାଜିନାମା,
ଯେତେ ପାରୁ ସେତେ ବୋହିଯାଉ ଲୁହ
ଦୁନିଆ ନଜାଣୁ ଜମା,
ହେଲେ ନିରୋଳାରେ ବେଳ ଅବେଳରେ
ଲୁହ ସାଥେ ହୁଏ ଭେଟ ।

ଅଳ୍ପ କଥା

ଗୁଣ୍ଡା

ହେମନ୍ତ କୁମାର ଘୋଷାଲ୍

ଗୁଣ୍ଡା ହେମନ୍ତ ଘୋଷାଲ୍। ବୁଲେଟ୍‌ରେ ଭୁଜାଲି ଝୁଲେଇ ବୁଲେ। କଥାରେ କଥାରେ ଦୋଅକ୍ଷରୀ, ବିଧା ଚାପୁଡ଼ା, ଭୁଜାଲି ମାଡ଼। ସାରା ଇଲାକା ଥରହର ଡରରେ।

ଅଧ୍ୟାପକ ଶିବୁ ବେହେରା। ହେମନ୍ତର ଗାଁ, ବାଲ୍ୟ, ସ୍କୁଲ, କଲେଜ୍ ସାଙ୍ଗ। ଭାରି ଘୃଣା କରେ ତାକୁ। ବାରମ୍ବାର ବୁଝାଏ। ଏ ହିଂସ୍ର ପ୍ରବୃତ୍ତି ଛାଡ଼। ସମାଜରେ ସଭ୍ୟ ହୋଇ ବଞ୍ଚ। ନିୟମ କାନୁନ୍ ମାନି ଚଳ। ବେପରୁଆ ହେମନ୍ତ ଘୋଷାଲ୍। କହେ ଏଠି କଣ୍ଟା ଅଧିକ। କଣ୍ଟାକୁ କଣ୍ଟାରେ କଢ଼ାଯାଏ। ତୁ ବୁଝୁବୁନି ଶିବୁ। ଶିବୁ ବେହେରା ନାକ ଟେକେ। ତା'ଠୁ ଯଥା ସମ୍ଭବ ଦୂରରେ ରହେ।

ସେଦିନ କଲେଜ୍ ଯାଉଥିଲା ଶିବୁ ବେହେରା। ପାଖ ଗାଁ ଦାଣ୍ଡରେ ଅଚାନକ ତା ମଟର ସାଇକେଲ୍ ସାମନାକୁ ଗଞ୍ଜାଟେ ଚାଲି ଆସିଲା। ସେ ପଡ଼ିଗଲା। ଆଣ୍ଠୁଗଣ୍ଠି ଛିଡ଼ିଗଲା। ଗାଡ଼ି ଚକ ବଙ୍କା ହୋଇଗଲା। ଗଞ୍ଜାଟା କିନ୍ତୁ ମରି ଯାଇଥିଲା।

ସାଙ୍ଗେ ସାଙ୍ଗେ ପାନଦୋକାନରୁ, ଚା' ଚାଳିଆରୁ, ଭଣ୍ଡାରୀ ଦୋକାନରୁ, ସାଇକେଲ୍ ଦୋକାନରୁ, ଛକ ଖଟିରୁ ଲୋକେ ଆସି ଘେରିଗଲେ ତାକୁ। କେହି ଜଣେ ପଚାରିଲେନି ତା ହାତଗୋଡ଼ ଖଣ୍ଡିଆ ହେବା କଥା। ସମସ୍ତେ ଏକ ସ୍ୱରରେ ଚିଲେଇଲେ: ଏ ଗଞ୍ଜାଟା ମାରିଦେଲା ହୋ। ଗଞ୍ଜା ମାଲିକ ବୋଲି ନିଜକୁ କହୁଥିବା ଟୋକାଟା କହିଲା ଦିଅ ପାଞ୍ଚ ହଜାର।

ଶିବୁ ବେହେରା କହିଲା: ଆଜ୍ଞା ମୁଁ ତ ବାଁ ହାତି ଯାଉଥିଲି। ଗଞ୍ଜା ଆସି ମୋ ଚକ ତଳେ। ଓଲଟି ମୁଁ ଖଣ୍ଡିଆ ଖାବରା ହେଲି। ମୁଁ ପୁଣି ପଇସା ଦେବି।

: ଅଲବତ୍ ଦବୁ ବେ ! ଜଣେ ଚିଲେଇଲା।

ଆଉ ଜଣେ କହିଲା: ଶଳା ଲାତ୍‌ର ଭୂତ ବାତ୍‌ରେ ମାନିବନି। ଶିବୁ ବେହେରା ଡରିଗଲା। ନିଜକୁ ବଞ୍ଚାଇବାକୁ ଯାଇ କହିଲା: ପଇସା ଦେବି ଯେ ହେଲେ ପାଞ୍ଚ ହଜାର କ'ଣ। ଆପଣମାନେ ଗଞ୍ଜାର ଦାମଟା ପଚାଶ ଟଙ୍କା ନିଅନ୍ତୁ। ଆଉ ମରା ଗଞ୍ଜାଟା ବି ନେଇଯାନ୍ତୁ। ଜଣେ ଚିଲେଇଲା: ଆରେ ହେ ପଚାଶ ଟଙ୍କା କ'ଣ ଶୁଙ୍ଘଉଛୁ। ଜାଣିଛୁ ଏ ଗଞ୍ଜାର ମୂଲ୍ୟ କେତେ। ଶୁଣ ବେ ବିନା ଗଞ୍ଜାରେ କୁକୁଡ଼ା ଅଣ୍ଡା ଦିଏନି ଜାଣୁ। ଏ ଗଞ୍ଜା ଯଦି ଅତିକମ୍‌ରେ ଗୋଟେ କୁକୁଡ଼ାକୁ ଅଣ୍ଡା ଦବାରେ ସାହାଯ୍ୟ କରେ ତେବେ ସେ କୁକୁଡ଼ା ଯଦି ଅତିକମ୍‌ରେ ଦଶଟା ଅଣ୍ଡା ଦିଏ, ଆଉ ସେ ଦଶଟା ଅଣ୍ଡାରୁ ଯଦି ଦଶଟା ଛୁଆ ହେଇ, ସେ ଦଶଟା ଛୁଆ ବଡ଼ ହେଇ ପ୍ରତ୍ୟେକ ଦଶଟା ଲେଖା ଅଣ୍ଡା ଦିଅନ୍ତି, ତାପରେ ସେ ଦଶଟା ଅଣ୍ଡାରୁ....ଏମିତି ହିସାବ କରିଚାଲିଲେ ଏ ଗଞ୍ଜା ଦ୍ୱାରା ଲକ୍ଷ ଲକ୍ଷ ଟଙ୍କା ରୋଜଗାର ହେବ। ତୋତେ ପାଞ୍ଚ ହଜାର ବେଶି ହୋଇଗଲା ନୁହଁ। ଶଳା ଦେ ନହେଲେ ତୋ ଗାଡ଼ି ଛଡ଼େଇ ରଖିବୁ।

ଏହି ସମୟରେ ବୁଲେଟ୍‌ର ଶବ୍ଦ ହେଲା। ହେମନ୍ତ ଘୋଷାଲ୍ ଅଚାନକ ପହଞ୍ଚିଗଲା ସେଠି। ଦେଖିଲା ଅସହାୟ ସାଙ୍ଗକୁ। ଶୁଣିଲା ସବୁ କଥା। କାଢ଼ିଲା ଭୁଜାଲି। ଚିଲେଇଲା: କୋଉ ମା....ର(ଗାଳି ଦେଲା) ଏ ଗଞ୍ଜା। ଶଳାକୁ ଥାନାରେ ଦେବି। କୁକୁଡ଼ାକୁ ଭାଡ଼ିରେ ନ ରଖି ରାସ୍ତାରେ ଛାଡ଼ିଛି। ଶଳା ଉପରେ 'ଆଟେମ୍ପଟ୍ ଟୁ ମର୍ଡ଼ର' କେଶ୍ ଲାଗିବ। କିଏ ସେ ?

'ଆମର କ'ଣ ଯାଏ ଆସେ। ଯାହାର ଗଞ୍ଜା ସେ ବୁଝୁ' କହି ଭିଡ଼ରୁ ଜଣ ଜଣ କରି ଖସିବା ଆରମ୍ଭ କଲେ। କୁକୁଡ଼ା ମାଲିକ ଡରରେ ଥରି ଥରି ଓଲଟି ପାଞ୍ଚ ଶହ ଟଙ୍କା ଦେଲା ଶିବୁର ଶରୀର ଓ ଗାଡ଼ି ଠିକ୍ କରିବା ପାଇଁ।

ନିରୋଳା ଦେଖି ହେମନ୍ତ ଘୋଷାଲ୍ କହିଲା: ସାଙ୍ଗ ଦେଖିଲୁ ତ, ଏ ଶାନ୍ତ, ନିରୀହ ଦିଶୁଥିବା ଲୋକଗୁଡ଼ାକ କେମିତି ହିଂସ୍ର ହୋଇ ଉଠିଲେ ଅଚାନକ। ହିଂସ୍ର ପ୍ରବୃତ୍ତି ସମସ୍ତଙ୍କ ଭିତରେ ଥାଏ। ମୌକା ଅନୁକୂଳ ହେଲେ ବାହାରି ପଡ଼େ ଆପଣା ଛାଏଁ। ଏହି ଲୁକ୍‌କାୟିତ ପ୍ରବୃତ୍ତି ପାଇଁ ଶିକ୍ଷକ ଛାତ୍ରକୁ ମାରେ, ସ୍ୱାମୀ ସ୍ତ୍ରୀ ଉପରେ ହାତ ଉଠାଏ, ସ୍ତ୍ରୀ ଛୁଆକୁ ମାରେ, ଛୁଆ ଚଢ଼େଇକୁ ଟେକା ଫୋପାଡ଼େ, ମାଲିକ ଚାକରକୁ ଶୋଧେ, ଅଫିସର୍ କର୍ମଚାରୀକୁ ଗାଳିଦିଏ, ସାଧୁ ଚେଲାକୁ ବିଗିଡ଼େ। ଆଉ ମୋ କଥା, ମୁଁ କେବେ ନିରୀହଙ୍କୁ ହାତ ଉଠାଏ ନାହିଁ। କେବଳ ବଦମାସ୍‌ମାନଙ୍କୁ ସାବାଡ଼ କରେ। ଏହା କହି ସେ ଚାଲିଗଲା।

ଶିବୁ ବେହେରା ତା ଯିବା ରାସ୍ତାକୁ ଚାହିଁ ରହିଥିଲା ପଲକ ନ ପକେଇ।

♥ ଏମ୍.ଆଇ.ଜି-୨/୪୫୯, ହୁଡ଼କୋ, ଭିଲାଇ, ଦୁର୍ଗ,
ଛତିଶଗଡ଼-୪୯୦୦୦୯

॥ କଳି ଯୁଗର ବାଲ୍ମୀକି : ରାମାନନ୍ଦ ସାଗର୍ ॥

ଦୀପକ ରଂଜନ ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ)

ପ୍ରଥମ ଗପରୁ ହିଁ ତାଙ୍କ ଭିତରେ ଯେ କେତେ ପାକଳ ଅନୁଭୂତି ସମ୍ପନ୍ନ ଲେଖକୀୟ ସତ୍ତାଟିଏ ବିଦ୍ୟମାନ ଥିଲା ତାହାର ଅନୁମାନ କରିହୁଏ । କଲେଜ୍‌ରେ ଦୁଇବର୍ଷ ପଢ଼ିବା ପରେ ପୁଣି ରାମାନନ୍ଦ ଫେରିଯାଆନ୍ତି ଲାହୋର । ୧୯ ବର୍ଷ ବୟସରେ ସେ ସିନେମାରେ କାମ କରିବା ଆରମ୍ଭ କରନ୍ତି 'କ୍ଲାପର ବୟ' ଭାବରେ । ପିଲାଟି ସିନେମାରେ କାମ କରୁ କରୁ କାଳେ ହାତରୁ ଖସିଯିବ ଭାବି ଛନ୍ଦିଦେବାର ଯୋଜନା କରନ୍ତି ଭାଗୋସାହୀ । ମୋଟା ଅଙ୍କର ଯୌତୁକ ବି ଏଇ ଆଳରେ ହାତେଇ ହେବ । ଲାହୋରର ଜଣେ ଲୁଗା ବ୍ୟବସାୟୀ ଭବାନୀଦାସଙ୍କ ବଡ଼ଝିଅ ସହିତ ତାଙ୍କର ବିବାହ ସମ୍ପନ୍ନ ହୁଏ । ପଇସାପତ୍ର ନେଣଦେଣର କିଛି ଟେର୍ ବି ପାଆନ୍ତିନି ରାମାନନ୍ଦ । ବାହାଘରର ବର୍ଷେ ଭିତରେ ଭୀଷଣ ଅସୁସ୍ଥ ହୋଇପଡ଼େ ନବବଧୂ । ପ୍ରସବ ସମୟରେ ହିଁ ଦେହାନ୍ତ ଘଟେ ତା'ର । ସାନଭଉଣୀ ଲୀଳାବତୀ ଖୁବ୍ ସେବା କରୁଥାଏ ସେଇ ସମୟରେ । ମା' ଛେଉଣ୍ଡ ଶିଶୁଟିକୁ ବି ଦୁଇମାସ ସମ୍ଭାଳେ । ହେଲେ ଛୁଆଟି ବି ମରିଯାଏ ।

ରାମାନନ୍ଦ ଆସ୍ତେ ଆସ୍ତେ ତାଙ୍କ ଶ୍ୱଶୁର ଯୌତୁକ ବାବଦରେ ମା'ଜୀଙ୍କୁ ଦେଇଥିବା ପଇସା କଥା ଜାଣି ଖୁବ୍ ଆଘାତ ପାଆନ୍ତି । ସେ ମୂଳରୁ ହିଁ ଏଇ ଯୌତୁକପ୍ରଥାର ଘୋର ବିରୋଧୀ । ପ୍ରାୟଶ୍ଚିତ ଉଦ୍ଦେଶ୍ୟରେ ସେ ଶାଶୁ, ସୁହାଗବତୀଙ୍କ ଆଗରେ ବିନା ଯୌତୁକରେ ଲୀଳାବତୀର ପାଣିଗ୍ରହଣର ପ୍ରସ୍ତାବ ରଖନ୍ତି । ଶାଶୁ ରାଜୀ ହୋଇଯାଆନ୍ତି ଜୋଇଁଙ୍କ କଥାରେ । ହେଲେ ଭାଗୋସାହୀ କି ଭବାନୀଦାସ ଏଇ ପ୍ରସ୍ତାବରେ ଆଦୌ ସମ୍ମତ ନଥାନ୍ତି । କେବଳ ସୁହାଗବତୀଙ୍କ ପ୍ରଚେଷ୍ଟାରେ ଦୁହିଁଙ୍କ ବିବାହ ଏକ ମନ୍ଦିରରେ ସମ୍ପନ୍ନ ହୁଏ । ଗୋଟେ ଟୋଙ୍ଗାରେ ନବଦମ୍ପତ୍ତି ଘରକୁ ଫେରନ୍ତି । ବାଟରେ ପ୍ରଚୁର ବର୍ଷା ଯୋଗୁଁ ଗୋଟାପଣେ ଭିଜି ଯାଇଥାନ୍ତି ଦୁହେଁ । ଗାଡ଼ିରୁ ଓହ୍ଲାଇଲା ବେଳେ ରାମାନନ୍ଦ ଦେଖନ୍ତି ଭଡ଼ା ଦେବାପାଇଁ ତାଙ୍କ ପାଖରେ ପଇସାଟିଏ ନାହିଁ । ସାଙ୍ଗରେ ଫେରିଥିବା ବନ୍ଧୁ ଜଗଦୀଶଚନ୍ଦ୍ର ଭକ୍ରି ନିଜ ଅଣ୍ଟିରୁ କାଢ଼ି ପାଞ୍ଚଅଣା ପଇସା ଦିଅନ୍ତି ଗାଡ଼ିଭଡ଼ା । ଏଣେ ଘର ଭିତରୁ କବାଟ ବନ୍ଦ । ଡାକି ଡାକି ଥକିଗଲେ ବି ଭାଗୋସାହୀ କବାଟ ଖୋଲନ୍ତି ନାହିଁ । ପ୍ରାୟ ଦେଢ଼ଘଣ୍ଟା ପରେ ବନ୍ଧୁ ଜଗଦୀଶଚନ୍ଦ୍ର ସେମାନଙ୍କୁ ତାଙ୍କ ନିଜ ଘରକୁ ଡାକି ନିଅନ୍ତି । ସେଇ ପାଖରେ ରାସ୍ତାକଡ଼େ ଗୋଟେ ଦୁଇବଖୁରିଆ ଘରେ ସେମାନେ ରହୁଥାନ୍ତି । ସାମ୍ନା ବାରଣ୍ଡାରେ କରିଥାନ୍ତି ସାଇକେଲ ମରାମତି ଦୋକାନ । ସେଇ ବନ୍ଧୁଙ୍କ ଘରେ ଚାରି ପାଞ୍ଚଦିନ ରହନ୍ତି ରାମାନନ୍ଦ । ପଛକୁ ଭାଗୋସାହୀଙ୍କ ମନ ବଦଳିବାରୁ ପୁଅବୋହୂଙ୍କୁ ଘରକୁ ଆସିବାକୁ ଅନୁମତି ମିଳେ ।

ଲୀଳାବତୀ ଶାଶୁଘରେ ପାଦଦେବା ପରେ ତାଙ୍କ ସ୍ୱାମୀ ଘରର ପ୍ରତ୍ୟେକ କାମ କରୁଥିବା ଦେଖି ଆଶ୍ଚର୍ଯ୍ୟ ହୋଇଯାଆନ୍ତି । ସବୁକାମ ଛଡ଼େଇ ନିଜେ କରନ୍ତି ପତି ଅନୁଗତା ସାଜି । ବର୍ଷେ ନପୂରୁଣୁ ବଡ଼ପୁଅ ସୁବାସର ଜନ୍ମ । ଭାଗୋସାହୀଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ି ଚାଲିଥାଏ । ସେ ପୁଅ ଉପରେ ଚାପ ପକାଉଥାନ୍ତି ଲୀଳାବତୀକୁ ଛାଡ଼ିଦେବାପାଇଁ । ତେବେ ସିନା ଆଉ କୋଉ ଭଲ ଜାଗାରେ ପ୍ରସ୍ତାବ ପକାଇ ମୋଟା ଅଙ୍କର ପଇସା ଯୌତୁକ ରୂପେ ପୁଣି ଅସୁଲ କରିପାରିବେ । ପୁଅ କିନ୍ତୁ ନଛୋଡ଼ବନ୍ଧା । ଶେଷକୁ ସେମାନେ ଅନ୍ୟତ୍ର ଭଡ଼ାଘର ଠିକ୍ କରି ରହନ୍ତି । ବିଭିନ୍ନ କାମ କରି ରୋଜଗାର କରିବା ସହ ରାମାନନ୍ଦ ପାଠ ବି ପଢ଼ି ଚାଲିଥାନ୍ତି । ୧୯୪୨ ମସିହାରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ତରଫରୁ ସେ ପାରସୀ ଭାଷାରେ ପି.ଏଚ୍.ଡି. ଡିଗ୍ରୀ (ମୁନ୍ସି ଫଜଲ) ପାଆନ୍ତି । ଉର୍ଦ୍ଦୁ ତଥା ପାରସୀ ଭାଷାରେ ସର୍ବୋଚ୍ଚ ନମ୍ବର ରଖି ସ୍ୱର୍ଣ୍ଣପଦକ ବି ଲାଭ କରନ୍ତି । କିନ୍ତୁ ଦୁଃଖର କଳା ବାଦଲ ଘନେଇ ଆସେ ତାଙ୍କ ଜୀବନରେ । ସିନେମା କମ୍ପାନୀରେ ଅଭିନୟ କଲାବେଳେ ସହଅଭିନେତ୍ରୀ ନୀଲମ୍‌ଙ୍କ ପାଖରୁ ତାଙ୍କୁ ସଂକ୍ରମିତ ହୋଇଯାଏ ଟି.ବି. । ସେତେବେଳେ ସେଇ ରୋଗର କୌଣସି ଚିକିତ୍ସା ନଥିଲା । ଲୋକେ ଥଣ୍ଡା ପରିବେଶ, ଶୈଳନିବାସ ମାନଙ୍କରେ ଥିବା ସାନିଟୋରିୟମ୍‌ରେ ଚିକିତ୍ସିତ ହେବା ସହ ଅପେକ୍ଷା କରି ରହୁଥିଲେ ମୃତ୍ୟୁକୁ । ରାମାନନ୍ଦ ଶ୍ରୀନଗର ନିକଟସ୍ଥ ଟାନମର୍ଗ ସାନିଟୋରିୟମ୍‌ରେ ଭର୍ତ୍ତି ହୁଅନ୍ତି । ଆସନ୍ନ ମୃତ୍ୟୁକୁ ଅପେକ୍ଷମାଣ ରାମାନନ୍ଦ ତାଙ୍କ ଭାବନାଗୁଡ଼ିକୁ ଲିପିବଦ୍ଧ କରିବାକୁ ଲାଗନ୍ତି । ମୃତ୍ୟୁକୁ ଆପଣା ସହଯୋଗୀ ଭାବେ ଗ୍ରହଣ କରିଥିବା ଜଣେ ମଣିଷ ଜୀବନକୁ କେମିତି ଦେଖୁଛି । ସହରୋଗୀଙ୍କ ଅଭିଜ୍ଞତା ମଧ୍ୟ ତାଙ୍କ ଲେଖାରେ ରୂପନେବା ଆରମ୍ଭ କରେ । ସେଇ ଲେଖାଗୁଡ଼ିକ ଧାରାବାହିକ ଭାବେ "ଆଦବ୍ ଏ ମୁଶ୍‌ରିକ୍" ନାମକ ଉର୍ଦ୍ଦୁ ପତ୍ରିକାରେ "ମୌତ୍ କେ ବିସ୍ତର ସେ" ସ୍ତମ୍ଭରେ ପ୍ରକାଶିତ ହେବାକୁ ଲାଗେ । ଆସନ୍ନ ମୃତ୍ୟୁର ପ୍ରତୀକ୍ଷାରେ ଥିବା ମଣିଷଟିଏ ଅନ୍ୟମାନଙ୍କୁ ଜୀବନର ରାହା ଦେଖାଉଛି । ଖୁବ୍ ଲୋକପ୍ରିୟ ତଥା ଚର୍ଚ୍ଚିତ ହୁଏ ସ୍ତମ୍ଭଟି । ବଡ଼ବଡ଼ ସାହିତ୍ୟିକଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୁଅନ୍ତି ରାମାନନ୍ଦ । କିମ୍ବଦନ୍ତୀ ବର୍ଣ୍ଣିତ ମୃତ୍ୟୁର ପାଉଁଶରୁ ଜିଇଁ ଉଠିଥିବା ଫିନିକ୍ସ ଚଢ଼େଇ ପରି ଆସ୍ତେ ଆସ୍ତେ ସେ ସୁସ୍ଥ ହେବାକୁ ଲାଗନ୍ତି । ତାଙ୍କ ଆରୋଗ୍ୟଲାଭ ପଛରେ ଜଣେ ହକିମ୍‌ଙ୍କ ହାତଥିବା କଥା ସେ କହନ୍ତି । ହକିମ୍ ଜଣକ ରହୁଥାନ୍ତି ଟାନ୍‌ମର୍ଗରେ । ଜଣେ ଟି ବି ରୋଗୀ ତାଙ୍କ ପାଖରୁ ଯାଇ ନିୟମିତ କିଛି ୟୁନାନୀ ଔଷଧ ଆଣି ଖାଉଥାଏ । ହଠାତ୍ ତା'ଭିତରେ ଆରୋଗ୍ୟର ଲକ୍ଷଣ ଦେଖି ଖୋଦ୍ ହକିମ୍ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଆନ୍ତି । କିଛିଦିନ ପରେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯାଏ । ସେ କ'ଣ କ'ଣ ଔଷଧ ଖାଉଥିଲା ତଥା ତା'ର ଦିନଚର୍ଯ୍ୟା କିପରି ଥିଲା ସେସବୁ ବିଷୟରେ ଟିକିନିଖି ପଚାରି ବୁଝନ୍ତି ହକିମ୍ । ଲୋକଟି ପ୍ରତିଦିନ ତାଙ୍କ ପାଖରୁ ସାନିଟୋରିୟମ୍‌କୁ ସନ୍ଧ୍ୟାରେ ଫେରିବା ବେଳେ ଗୋଟେ ଆଖୁ କିଆରୀରୁ ଆଖୁ ଭାଙ୍ଗି ଖାଉଥିଲା । ତେବେ ଆଖୁରସରେ ତ ଆରୋଗ୍ୟପ୍ରଦାନକାରୀ ଶକ୍ତି ନାହିଁ । ଯା'ରୋଗ ଠିକ୍ ହେଲା କେମିତି ? ଶେଷକୁ ହକିମ୍ ସେଇ ଆଖୁ କିଆରୀ ର ଯେଉଁଠାରୁ ସେ ଭାଙ୍ଗି ଖାଉଥିଲା ସେଇ ଜାଗାକୁ ଲୋକ ଲଗାଇ ଖୋଳାନ୍ତି । ଭିତରୁ ଗୋଟେ ବଡ଼ ସାପର କଙ୍କାଳ ବାହାରେ । ଚୀନ୍‌ରେ ସାପ ବିଷକୁ ପ୍ରୟୋଗ କରି ବିଭିନ୍ନ ରୋଗର ଚିକିତ୍ସା କରାହେଉଥିଲା ସେତେବେଳେ । ତେବେ ସେଇ ସାପର ଦେହାଂଶ ର ମଧ୍ୟ କିଛି ପ୍ରଭାବ ଥାଇପାରେ । ସେଇଠୁ ଆରମ୍ଭ ହୁଏ ପରୀକ୍ଷା । ହକିମ୍ ବିଷଧର ସାପମାନଙ୍କୁ ମାରି, ଆଖୁ କିଆରୀରେ ପୋତି ସେଠିକା ଆଖୁ ରୋଗୀମାନଙ୍କୁ ନିୟମିତ ଖାଇବାକୁ ଦିଅନ୍ତି । ସେଇ ଆଖୁ ରାମାନନ୍ଦ ବି ଖାଇଛନ୍ତି । ଆରୋଗ୍ୟଲାଭ କରି ଟାନ୍‌ମର୍ଗ ସାନଟୋରିୟମ୍‌ରୁ ଫେରିଲା ବେଳେ ବାଟରେ ଭେଟହୁଏ ପ୍ରଖ୍ୟାତ ଉର୍ଦ୍ଦୁ ଲେଖକ କ୍ରିଷ୍ଣ ଚନ୍ଦର୍‌ଙ୍କ ସହ । ପୂର୍ବରୁ କେବେ ପରିଚିତି ନଥିଲେ ସୁଦ୍ଧା ତାଙ୍କ ସ୍ତମ୍ଭ ପଢ଼ି ସେ ଖୁବ୍ ପ୍ରଭାବିତ ହୋଇଥାନ୍ତି । ଲେଖାଲେଖିକୁ ଅଧିକ ପ୍ରାଧାନ୍ୟ ଦେବାପାଇଁ ସେ ଆଗ୍ରହ ପ୍ରକାଶ କରନ୍ତି । ତାଙ୍କର ଏଇ କଥାର ରାମାନନ୍ଦଙ୍କ ଉପରେ ଖୁବ୍ ପ୍ରଭାବ ପଡ଼େ । ସେ ସିନେମାରେ କାମ କରିବା ସହ ଉର୍ଦ୍ଦୁ ପତ୍ରିକା 'ଡେଲି ମିଲାପ୍' ଓ 'ଡେଲି ପ୍ରତାପ୍' ରେ ମଧ୍ୟ ଲେଖାଲେଖି ଆରମ୍ଭ କରନ୍ତି । କ୍ରମେ ତାଙ୍କ ବନ୍ଧୁତା ଫୈଜ୍ ଅହମଦ୍ ଫୈଜ୍, ରଜୀନ୍ଦର୍ ସିଂହ ବେଦୀ, ସଆଦତ୍ ହସନ୍ ମଣ୍ଟୋ ତଥା ପୃଥ୍ୱୀରାଜ କପୁରଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ହୁଏ । କ୍ରିଷ୍ଣ ଚନ୍ଦର୍ ଓ ମଣ୍ଟୋ ତାଙ୍କୁ ବାରମ୍ବାର ଉତ୍ସାହିତ କରନ୍ତି ବମ୍ବେ ଯାଇ ଫିଲ୍ମ ନିର୍ମାତା ମହବୁବ୍ ଖାନ୍‌ଙ୍କୁ ସାକ୍ଷାତ କରିବା ପାଇଁ । ହେଲେ ସେତେବେଳେ ଛୋଟ ଛୋଟ ଛୁଆଙ୍କ ଦାୟିତ୍ୱ ଲୀଳାବତୀଙ୍କ ଉପରେ ଦେଇ ବମ୍ବେ ଯିବା ସମ୍ଭବ ହୁଏନି ।



ଆସନ୍ନ ମୃତ୍ୟୁ ସମ୍ମୁଖରୁ ବର୍ତ୍ତିଯିବା ପରେ ପରିସ୍ଥିତି ସୁଧୁରି ଜୀବନ ରାଜରାସ୍ତାରେ ଗଡ଼ିବା ଆରମ୍ଭ କଲାବେଳେ ପୁଣି ଘାଟି ଦେଖାଦିଏ । ଆପଣା ଆଖିରେ ତଥାକଥିତ ଧର୍ମର ଅନ୍ଧ ପୁଟୁଳି ବାନ୍ଧି ମଣିଷ ରକ୍ତମୁଖା ସାଜେ । ହିନ୍ଦୁସ୍ଥାନ ଜିନ୍ଦାବାଦ୍ .... ପାକିସ୍ତାନ୍ ଜିନ୍ଦାବାଦ୍ । ସେତେବେଳକୁ ରାମାନନ୍ଦଙ୍କୁ ମାତ୍ର ୩୦ ବର୍ଷ ବୟସ । ଲାହୋରରୁ କୌଣସିମତେ ଚାଲିଆସି ଶ୍ରୀନଗର ଏୟାରପୋର୍ଟରେ ମୁଣ୍ଡ ଗୁଞ୍ଜିଥାନ୍ତି ତାଙ୍କ ପରିବାରର ୧୩ ଜଣ ସଦସ୍ୟଙ୍କ ସହିତ । କଂସେଇ ସମ୍ମୁଖରେ ହଣା ଖାଇବାକୁ ଅପେକ୍ଷାରତ ଥିବା ପଲେ ମେଣ୍ଢାଙ୍କ ଭଳି ଜାକିଜୁକି ହୋଇ ଏକତ୍ର ବସିରହିଥାନ୍ତି ସମସ୍ତେ । ସେତେବେଳର ପରିସ୍ଥିତି ଖୁବ୍ ଭୟାନକ । କବିଲେଇ ପଠାନ୍‌ମାନଙ୍କୁ ପାକିସ୍ତାନୀ ସୈନିକଙ୍କ ପୋଷାକ ପିନ୍ଧାଇ ପାକିସ୍ତାନ ପଠାଇଥାଏ କାଶ୍ମୀର ଆକ୍ରମଣ ଉଦ୍ଦେଶ୍ୟରେ । ମହାରାଜା ହରିସିଂ ଭାରତରେ କି ପାକିସ୍ତାନରେ ଯୋଗ ନଦେଇ ନିଜର ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିବାକୁ ଇଚ୍ଛୁକ ଥାଆନ୍ତି । ଆକ୍ରମଣକାରୀମାନେ ବାରମୁଲାରେ ପହଞ୍ଚି ସେଠିକା ସହରରେ ଆରମ୍ଭ କରିଦିଅନ୍ତି ଲୁଟ୍, ହତ୍ୟା ତଥା ଧର୍ଷଣ । ପରିସ୍ଥିତି ଅସମ୍ଭାଳ ହେବାରୁ ଅନନ୍ୟୋପାୟ ହୋଇ ମହାରାଜା ଦିଲ୍ଲୀ ସହ ଯୋଗାଯୋଗ କରନ୍ତି । ରାତିର ଘନ ଅନ୍ଧକାର ଭିତରେ ନିଜେ କାର ଚଳାଇ ତଥା ପଛରେ ଆଣ୍ଠୁ ଯନ୍ତ୍ରଣା ଯୋଗୁଁ ପଙ୍ଗୁପ୍ରାୟ ଯୁବରାଜ କରନ୍ ସିଂହ ଙ୍କୁ ବସେଇ ମହାରାଜା ଶ୍ରୀନଗରରୁ ଚାଲିଆସନ୍ତି ଜମ୍ମୁ । ଭାରତରେ ମିଶିବାର ଚୁକ୍ତିପତ୍ର ସ୍ୱାକ୍ଷରିତ ହୁଏ । ମାଉଣ୍ଟବେଟେନ୍ ଭାରତୀୟ ବାୟୁସେନାକୁ କାଶ୍ମୀର ଯିବାକୁ ଆଦେଶ ଦିଅନ୍ତି । ୧୯୪୭ ମସିହା ଅକ୍ଟୋବର ମାସ ୨୭ ତାରିଖ । ଗତ ଚାରିଦିନ ହେଲା କିଛି ନଖାଇ ନପିଇ ରାମାନନ୍ଦଙ୍କ ପରିବାର ସେଇ ଏୟାରପୋର୍ଟରେ ମୁଣ୍ଡଗୁଞ୍ଜି ପଡ଼ିରହିଛନ୍ତି । ଆଉ ମାତ୍ର ଦେଢ଼ କିଲୋମିଟରେ ଦୂରରେ ପାକିସ୍ତାନୀ ଆକ୍ରମଣକାରୀ । ମହାରାଜାଙ୍କର ଡୋଗ୍ରା ରେଜିମେଣ୍ଟର ସୈନିକମାନେ ଶ୍ରୀନଗରରେ ଉପସ୍ଥିତ ଥିଲେ ସୁଦ୍ଧା ସେମାନଙ୍କ ପାଖରେ ଗୁଳି ଗୋଳାର ଘୋର ଅଭାବ । ବହୁ ସୈନିକ ସେଥିଯୋଗୁଁ ମୃତ୍ୟୁମୁଖରେ ପଡୁଥାନ୍ତି । ଚତୁର୍ଥ କୁମାୟୁଁ ରେଜିମେଣ୍ଟର ମେଜର ସୋମନାଥ ଶର୍ମା ଆପଣା ଦୁଇ ପ୍ଲାଟୁନ୍ ଫୋର୍ସ ସହିତ ଦୀପାବଳିର ବାଣ ସବୁକୁ ଏୟାରପୋର୍ଟ ନିକଟସ୍ଥ ବିଲରେ ଫୁଟେଇବାକୁ ଲାଗନ୍ତି । ଦେଢ଼ କିଲୋମିଟର ଦୂରରେ ଥିବା ଆକ୍ରମଣକାରୀଙ୍କୁ ତାହା ବନ୍ଧୁକ ଶବ୍ଦ ଭଳି ଶୁଭେ । ଭାରତୀୟ ସେନା ସେମାନଙ୍କୁ ଭୟଭୀତ କରିବା ଉଦ୍ଦେଶ୍ୟରେ ଗୁଳି ଫୁଟାଉଛନ୍ତି ବୋଲି ସେମାନେ ଭାବନ୍ତି । ଗୁଳି ସବୁ ସରିଗଲେ ସେମାନେ ଆକ୍ରମଣ କରିବାର ଯୋଜନା କରି ଅପେକ୍ଷା କରନ୍ତି ।

ଏପଟେ ପାହାନ୍ତିଆ ବେଳେ ବାୟୁସେନାକୁ ନିର୍ଦ୍ଦେଶ ମିଳେ ଶ୍ରୀନଗରକୁ ସୈନ୍ୟ ସହାୟତା ଯୋଗାଇବାପାଇଁ । ପରିସ୍ଥିତି ଖୁବ୍ ସାଂଘାତିକ୍ । ଦିଲ୍ଲୀରୁ ବିମାନ ଉଡ଼ିଲେ ବି ଶ୍ରୀନଗରରେ ଓହ୍ଲାଇ ପାରିବ କି ନାହିଁ ସନ୍ଦେହ । ଖୁବ୍ ଅଳ୍ପଦୂରରେ ଯେ ଆକ୍ରମଣକାରୀ । ଏମାନେ ପହଞ୍ଚିଲାବେଳେ ଯଦି ଏୟାରପୋର୍ଟ କବ୍‌ଜା କରିନେଇଥିବେ ତେବେ ? ପାଇଲଟ୍ ମିଷ୍ଟର ବିଜୟାନନ୍ଦ ପଟ୍ଟନାୟକ (ବିଜୁ ପଟ୍ଟନାୟକ : ପରବର୍ତ୍ତୀ କାଳରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ) ବୀରଦ୍ୱର ସହ ବାହାରିଆସନ୍ତି ସେନା ନେଇ କାଶ୍ମୀର ଯିବାକୁ । ଯାହା ହେବ ଦେଖାଯିବ । ଓଡ଼ିଆ ଘରର ବୀର ପୁଅ ଯେ ! ପଛଘୁଞ୍ଚା ନାହିଁ ବୀରର ଜାତକେ ନମରେ କେବେ ସେ ପରାଣ ଆତଙ୍କେ । ସକାଳ ସାଢ଼େ ଛ'ଟା ବେଳକୁ ଦିଲ୍ଲୀର ସଫ୍‌ଦର୍‌ଜଙ୍ଗ୍ ଏୟାରପୋର୍ଟରୁ ଡେକୋଟା-୩ ବିମାନ ବୀର ଜବାନ୍‌ମାନଙ୍କୁ ନେଇ ଆକାଶକୁ ଉଠେ । ଚାଳକର ଆସନ ସମ୍ଭାଳିଥାନ୍ତି ମିଷ୍ଟର ପଟ୍ଟନାୟକ । ଶ୍ରୀନଗର ଏୟାରପୋର୍ଟରେ ପହଞ୍ଚେ ୮.୩୦ ବେଳକୁ । ସୈନିକମାନେ ବିମାନରୁ ଓହ୍ଲାଇ ତତ୍‌କ୍ଷଣାତ୍ ଯୁଦ୍ଧପାଇଁ ପ୍ରସ୍ତୁତ ହୋଇଯାଆନ୍ତି । ବିମାନ ଶ୍ରୀନଗରରେ ପହଞ୍ଚିବାରେ ଆଉ କିଛି ସମୟ ବିଳମ୍ବ ହୋଇଥିଲେ ଏୟାରପୋର୍ଟ କବ୍‌ଜା କରି ନେଇଥାନ୍ତେ ଆକ୍ରମଣକାରୀ । ଆଉ ସୈନିକଙ୍କ କାଶ୍ମୀର ମାଟିରେ ଓହ୍ଲେଇବା ସମ୍ଭବ ହୋଇ ନଥାନ୍ତା । ପାକିସ୍ତାନ ଅଧିକାର କରିନେଇଥାନ୍ତା କାଶ୍ମୀରକୁ । ପ୍ରଥମ ବିମାନ ସୁରକ୍ଷିତ ଓହ୍ଲାଇବା ପରେ ଖବର ପାଇ ଦିଲ୍ଲୀରୁ ଆଉ କିଛି ବିମାନ ଉଡ଼େ ଜବାନ୍‌ଙ୍କୁ ନେଇ । ଫେରନ୍ତା ଯାତ୍ରାରେ ସେମାନେ କିଛି କିଛି ଶରଣାର୍ଥୀଙ୍କୁ ନେଇଆସିବାର ଯୋଜନା ହୁଏ । ସେଇଠି ଚାରି ପାଞ୍ଚଦିନ ହେଲା ମୁଣ୍ଡଗୁଞ୍ଜି ରହିଥିବା ଲୋକଙ୍କୁ କୁହାଯାଏ ସାଥିରେ କିଛି ଜିନିଷପତ୍ର ନନେଇ ସେମିତି ଖାଲିହାତରେ ବିମାନ ଉପରକୁ ଚଢ଼ିଯିବା ପାଇଁ । ଲୋକେ ପ୍ରାଣ ବିକଳରେ ଧାଆନ୍ତି ଜିନିଷପତ୍ର ଫିଙ୍ଗିଦେଇ । ରାମାନନ୍ଦ କିନ୍ତୁ ମୋଟିଆଙ୍କ ଭଳି ବଡ଼ ଲୁହା ଟ୍ରଙ୍କଟିଏ ମୁଣ୍ଡାଇ ଛୁଆପିଲାଙ୍କ ସହ ଯାଆନ୍ତି । ତାଙ୍କ ଶାଶୁ ଅଣ୍ଟାରେ ଖୋସିଥାନ୍ତି କିଛି ରୁପା ତଥା ସୁନାର ଅଳଙ୍କାର । ଲୀଳାବତୀ ସେତେବେଳେ ଚାରିମାସର ଗର୍ଭବତୀ । ରାମାନନ୍ଦ ଅଡ଼ି ବସନ୍ତି ଟ୍ରଙ୍କ୍ କୁ ସାଙ୍ଗରେ ନେଇକରି ହିଁ ଯିବେ ବୋଲି । ଯଦି ଟ୍ରଙ୍କଟି ନେବାକୁ ଅନୁମତି ନମିଳେ ତେବେ ତାଙ୍କ ପରିବାରର କେହି ବି ବିମାନରେ ଯିବେନାହିଁ । ଏଇଠି ରହିବେ, ମଲେ ମରିବେ । ମିଷ୍ଟର ପଟ୍ଟନାୟକ ବିଳମ୍ବ ହେଉଥିବା ଯୋଗୁଁ ଚିତ୍କାର କରି କହନ୍ତି, "କି ଲୋଭୀ ମଣିଷଟେ ତୁମେ ଦେଖ ତ ! ସାଧାରଣ ଟ୍ରଙ୍କଟିଏ ପାଇଁ ତୁମ ସମଗ୍ର ପରିବାରକୁ ମୃତ୍ୟୁମୁଖକୁ ଠେଲିଦେବାକୁ ତୁମେ ରାଜି ।" ରାମାନନ୍ଦଙ୍କ ମୁଣ୍ଡ ଉପରୁ ଟ୍ରଙ୍କଟିକୁ ଟାଣି ଆଣିବାକୁ ଉଦ୍ୟମ କଲାବେଳେ ମଝିକୁ ଚାଲିଆସନ୍ତି ଶାଶୁ, ସୁହାଗବତୀ । ଛ'ଫୁଟ୍‌ରୁ ଅଧିକ ଉଚ୍ଚତା ବିଶିଷ୍ଟ ପଞ୍ଜାବୀ ଜାଟ୍ ମହିଳା । ଟ୍ରଙ୍କ୍ ସମେତ ପରିବାରର ସମସ୍ତଙ୍କୁ ଜାହାଜ ଭିତରକୁ ଠେଲିଦେଇ ମିଷ୍ଟର ପଟ୍ଟନାୟକଙ୍କ ଆଖିରେ ଆଖି ମିଶାଇ କହନ୍ତି, "ତୁମଠାରେ ଲାଜସରମ କିଛି ନାହିଁକି ? ସିଏ ଆମ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି । ଆମେ ଚାରିଦିନ ହେଲା ଭୋକ ଓପାସରେ ପଡ଼ିଛୁ । ତାଙ୍କୁ କିଛି ବି ଯଦି ତୁମେ କହିବ ତେବେ ମୁଁ ଓ ମୋ ତବ୍ବର୍ (ସଂଯୁକ୍ତ ପରିବାର) ତୁମକୁ କଞ୍ଚା ଚୋବାଇ ଖାଇଯିବୁ ।" ମିଷ୍ଟର ପଟ୍ଟନାୟକ ରକ୍ତଚାଉଳ ଚୋବାଇ ଟ୍ରଙ୍କକୁ ଗୋଟେ ଗୋଇଠା ପକାନ୍ତି । ଡାଙ୍କୁଣିଟି ଖୋଲିଯିବା ସହ କିଛି କାଗଜ ଛିଟ୍‌କି ପଡ଼େ ବାହାରକୁ । ସିଏ ତା' ଭିତରେ କ'ଣ ଏମିତି ଅମୂଲ୍ୟ ରତ୍ନ ଅଛି ବୋଲି ନିରେଖି ଦେଖନ୍ତି । ନଇଁପଡ଼ି କାଗଜ ସବୁକୁ ଉଠାଉଥିବା ବେଳେ ଛଳଛଳ ଆଖିରେ ରାମାନନ୍ଦ କହନ୍ତି, "ସେମିତି କିଛି ନାହିଁ ଆଜ୍ଞା ! ଏସବୁ ମୋର କିଛି ହାତଲେଖା ନୋଟ୍ । ପାଦରେ ଦଳି, ମକଚି ଦେଇଥିବା ମୋ ଭାବନା, ଯୁଦ୍ଧର ଅସାରତା ତଥା ଶାନ୍ତିର ଆବଶ୍ୟକତାକୁ ନେଇ ଲେଖିବାକୁ ଚେଷ୍ଟା କରୁଛି ଏକ ଉପନ୍ୟାସ । ଏଇତକ ହିଁ ମୋର ସମ୍ପତ୍ତି ଯାହା ମୁଁ ସାଙ୍ଗରେ ନେଇକରି ଯାଉଛି ଆପଣା ଲାହୋରରୁ ଆପଣଙ୍କ ଭାରତକୁ ।" ପାଇଲଟ୍ ଟିକିଏ ନିରେଖି ଚାହାନ୍ତି ସେଇ ମଇଳା ପୋଷାକ ପରିହିତ ଲୋକ ଆଡ଼କୁ । କେଇବିଡ଼ା ହାତଲେଖା କାଗଜ ପାଇଁ ଆପଣା ସମଗ୍ର ପରିବାରକୁ ବଳି ଚଢ଼ାଇବାକୁ ପ୍ରସ୍ତୁତ ଥିବା ଲୋକଟି ଜଣେ ଲେଖକ ହିଁ ହୋଇପାରେ । କହିବା ଭଙ୍ଗୀରେ ପରିବର୍ତ୍ତନ ଆସିଯାଏ ତାଙ୍କର । ନମ୍ରତାର ସହ ପଚାରନ୍ତି, "ଆପଣଙ୍କ ନାଁ ?" ରାମାନନ୍ଦଙ୍କ ସଂକ୍ଷିପ୍ତ ଉତ୍ତର ଥିଲା - "ସାଗର" । (କ୍ରମଶଃ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୧ ଜୁଲାଇ, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

ଆତ୍ମଜା କବାଟ (୪୩)

ବିଭାଜିତ ଭାରତବର୍ଷର ପରବର୍ତ୍ତୀ ସାହିତ୍ୟ (୨)

ଡ. ରାଧାରଂଜନ ପଟ୍ଟନାୟକ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ତତ୍କାଳୀନ ସମୟ ରାଜନେତାମାନେ ଏଇଭଳି ଦଙ୍ଗାର ବୃଦ୍ଧିପାଇଁ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି କୁହାଯାଇପାରେ। ମଣିଷ ମନରେ ଜଳୁଥିବା ଏକ ଅନାସକ୍ତ ଭାବନାର ଅଗ୍ନି ସଂଯୋଗ କରିବା ପାଇଁ ପଛାଇ ନଥିଲେ ସେମାନେ। ବାରୁଦ ଗଦାରେ ନିଆଁ ଲଗାଇବା ହିଁ ଯେମିତି ତାଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା।

ଭୀଷ୍ମ ସାହାନୀ ତତ୍କାଳୀନ ସମୟର ଉତ୍ତେଜିତ ପରିସ୍ଥିତିକୁ ସ୍ୱୀକାର କରି ରାଜନେତାମାନଙ୍କ ଅପେକ୍ଷା ଇଂରେଜମାନଙ୍କ ଉପରେ ସମସ୍ତ ଦୋଷ ଲଦି ଦେଇଥିଲା। ଇତିହାସର କେତୋଟି ପୃଷ୍ଠାକୁ ମନେପକାଇ ସେ କହିଛନ୍ତି, ମୋଗଲ ସମ୍ରାଟ ଆଉରଙ୍ଗ ଜେବ୍ ତାଙ୍କ ଶାସନ କାଳରେ ଉତ୍ତେଜନା ସୃଷ୍ଟି କରିବାକୁ ଚାହିଁଥିଲେ ଏବଂ ସଫଳ ହେଲେ। ଆକ୍‌ବର କିନ୍ତୁ ଅଧିକ ଉଦାର ଥିଲେ ଏବଂ ଭାଇଚାରା ସୃଷ୍ଟି କରିବାକୁ ଚାହୁଁଥିଲେ। ତେଣୁ ପ୍ରତିକାଳ ଖଣ୍ଡରେ ବିଧି ଓ ବ୍ୟବସ୍ଥା ଶାସକଙ୍କ ଉପରେ ନିର୍ଭର କରୁଥିଲା। କିନ୍ତୁ ସ୍ୱାଧୀନତା ପ୍ରାପ୍ତି ସମୟରେ ଶାସକ ଅର୍ଥାତ୍ ବ୍ରିଟିଶ୍ ସରକାର ହିନ୍ଦୁ, ମୁସଲମାନଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବାକୁ ଚାହୁଁଥିଲେ ଏବଂ ସଫଳ ମଧ ହେଲେ। ତେଣୁ ସ୍ୱାଧୀନତା ପରର ଅଖଣ୍ଡ ଭାରତବର୍ଷର ମାନଚିତ୍ର ବଦଳିଗଲା। ପରସ୍ପର ମଧ୍ୟରେ ସହିଷ୍ଣୁତା ଏବଂ ମାନବୀୟ ସମ୍ପୂର୍ଣ୍ଣ ବଦଳିଗଲା। ରୀତିନୀତି, ଜୀବନଶୈଳୀ ଏବଂ ଖାଦ୍ୟପେୟର ଭିନ୍ନତା ମଧ୍ୟ ଆସିଲା। ତେଣୁ ଏଭଳି ଏକ ମାନସିକତାର ସମାଜ ବ୍ରିଟିଶ କାଳରୁ ହିଁ ସୃଷ୍ଟି ହୋଇଥିଲା। ସାମାଜିକତା ବୋଧ ହିନ୍ଦୁସ୍ତାନ ପାଇଁ ସର୍ବଦା ଆଦର୍ଶ ରହିଆସିଥିଲା। ମନୁଷ୍ୟ, ମନୁଷ୍ୟର ପ୍ରକୃତି ଏବଂ ପରସ୍ପର ସଂସ୍କାର ସମ୍ପନ୍ନ ବ୍ୟକ୍ତିବୋଧ ନେଇ ବଞ୍ଚିବାକୁ ଚାହୁଁଥିଲା। କିନ୍ତୁ ବିଭାଜନ ପ୍ରକ୍ରିୟା ସତେ ଯେମିତି ଏମାନଙ୍କ ଭିତରେ ଗୋଟାଏ ବିଭେଦର ପ୍ରାଚୀର ସୃଷ୍ଟିକଲା। ସାହିତ୍ୟ, ସଂସ୍କୃତି ମଧ ଦୁଇ ଖଣ୍ଡ ହୋଇଗଲେ। ଚିତ୍ରକଳା ବି ବାଦ୍ ପଡ଼ିଲା ନାହିଁ। ହିନ୍ଦୀ ଆଉ ଉର୍ଦ୍ଦୁର ଧର୍ମଭିତ୍ତିକ ଧ୍ୱଜା ଉଡ଼ିଲା। ରାଜ ଭାଷା ହିନ୍ଦୀ ହିନ୍ଦୁସ୍ତାନରେ ପ୍ରଚଳିତ ହେଲା। ପାକିସ୍ତାନରେ ଉର୍ଦ୍ଦୁକୁ ସର୍ବମାନ୍ୟ ମାନ୍ୟତା ଦିଆଗଲା। ହିନ୍ଦୁ ସାହିତ୍ୟିକମାନେ ନିଜ ଧର୍ମ, ପରମ୍ପରା, ସଂସ୍କୃତି, ଦେବଦବୀଙ୍କ ଉପରେ ସର୍ଜନା କଲାବେଳେ ମୁସଲିମ୍ ସମ୍ପ୍ରଦାୟର ସ୍ରଷ୍ଟାମାନେ ଭିନ୍ନ ମୋଡ଼ ନେଇଗଲେ। ତାଙ୍କ ଧର୍ମ, ତାଙ୍କର ସଭ୍ୟତା, ତାଙ୍କ ସଂସ୍କୃତିକୁ ନେଇ ଅନ୍ୟ ଏକ ସର୍ଜନାର କ୍ଷେତ୍ର ପ୍ରସ୍ତୁତ କଲେ। ସାହିତ୍ୟ ଭିତରେ ବି ବିଭାଜନର ସଂକ୍ରାମକ ରୋଗ ଅନୁପ୍ରବେଶ କଲା। ଯାହା ଫଳରେ ଆଜି ଦୁଇ ଦେଶ ଭିତରେ ଶତ୍ରୁତା ଏବଂ ଅସହିଷ୍ଣୁତା।

> **ଚଳଚ୍ଚିତ୍ର କ୍ଷେତ୍ରରେ ମଧ ଆସିଲା ବିରାଟ ପରିବର୍ତ୍ତନ। ସାହିତ୍ୟର ସର୍ଜନା ହେଇଥିବା କଥାବସ୍ତୁକୁ ନେଇ ଦୁଇ ରାଷ୍ଟ୍ରର ଭିନ୍ନଭିନ୍ନ ଚଳଚ୍ଚିତ୍ର ପ୍ରସ୍ତୁତ କରାଗଲା। ଏହି ଚଳଚ୍ଚିତ୍ର ବେଳେବେଳେ ଏମିତି ହେଲା ଯେ କେତେବେଳେ ହିନ୍ଦୁମାନଙ୍କ ବୀରତ୍ୱ ପ୍ରଦର୍ଶିତ ହେଉଥିଲାବେଳେ ପାକିସ୍ତାନର ଚଳଚ୍ଚିତ୍ରରେ ମୁସଲିମ୍‌ମାନଙ୍କର ଶକ୍ତି ପ୍ରଦର୍ଶିତ ହେବାକୁ ଲାଗିଲା। ପାରସ୍ପରିକ ବନ୍ଧୁତ୍ୱ ଆଉ ରହିଲା ନାହିଁ।**

ଚଳଚ୍ଚିତ୍ର କ୍ଷେତ୍ରରେ ମଧ ଆସିଲା ବିରାଟ ପରିବର୍ତ୍ତନ। ସାହିତ୍ୟର ସର୍ଜନା ହେଇଥିବା କଥାବସ୍ତୁକୁ ନେଇ ଦୁଇ ରାଷ୍ଟ୍ରର ଭିନ୍ନଭିନ୍ନ ଚଳଚ୍ଚିତ୍ର ପ୍ରସ୍ତୁତ କରାଗଲା। ଏହି ଚଳଚ୍ଚିତ୍ର ବେଳେବେଳେ ଏମିତି ହେଲା ଯେ କେତେବେଳେ ହିନ୍ଦୁମାନଙ୍କ ବୀରତ୍ୱ ପ୍ରଦର୍ଶିତ ହେଉଥିଲାବେଳେ ପାକିସ୍ତାନର ଚଳଚ୍ଚିତ୍ରରେ ମୁସଲିମ୍‌ମାନଙ୍କର ଶକ୍ତି ପ୍ରଦର୍ଶିତ ହେବାକୁ ଲାଗିଲା। ପାରସ୍ପରିକ ବନ୍ଧୁତ୍ୱ ଆଉ ରହିଲା ନାହିଁ। ପ୍ରତ୍ୟେକ ନିଜନିଜ ସାହିତ୍ୟକୁ ଶ୍ରେଷ୍ଠତ୍ୱର ଆସନ ଦେବାପାଇଁ ପ୍ରତିଯୋଗିତ ଆରମ୍ଭ କରିଦେଲେ। ଯେଉଁଠି ଏକଦା ଦୁଇ ସମ୍ପ୍ରଦାୟର ଲେଖକମାନେ ସମଧର୍ମୀ ଥିମ୍‌କୁ ନେଇ କାବ୍ୟକବିତା ରଚନା କରୁଥିଲେ, ତାହା ସତେ ଯେମିତି ଦୋହଲିଗଲା। ଉଗ୍ର ମାନସିକତା ଏହାର ପ୍ରତିଫଳନ। ସୁରକ୍ଷା ନାମରେ ପରସ୍ପର ଅଣୁଅସ୍ତ୍ର ଉପରେ ଏଭଳି ଗୁରୁତ୍ୱ ଦେଉଛନ୍ତି ଯେ, ଏସିଆ ମହାଦେଶର ଏକ ଭୟଙ୍କର ପରିସ୍ଥିତିର ସୃଷ୍ଟିର ନ ହେବ ଏ କଥାକୁ କେହି ଅସ୍ୱୀକାର କରିପାରିବ ନାହିଁ। ସାହିତ୍ୟ ଯାହା ଜୀବନ ସହିତ ଅଛି, ଯାହା ହୃଦୟକୁ ରସାସିକ୍ତ କରେ, ଯାହା ସମାଜର ବାସ୍ତବ ଚିତ୍ରକୁ ତା' ଛାତିରେ ଆଲିଙ୍ଗନ କରି ରଖେ ତା'ର ସଂଜ୍ଞା ସତେ ଯେପରି ବଦଳି ଯାଇଛି। ଆଜି ମାଟି ମଣିଷର କଥା ନ କହି ନିଜ ସଭ୍ୟତାର ଉଚ୍ଚାଙ୍ଗ ଦୃଶ୍ୟ ବର୍ଣ୍ଣନା କରିବା ପାଇଁ ସତେ ଯେମିତି ସଭିଏଁ ଉନ୍ମତ୍ତ ହୋଇଛନ୍ତି। ସମଗ୍ର ପୃଥିବୀ ଏବେ ଗ୍ଲୋବାଲ ଭିଲେଜରେ ପରିଣତ ହୋଇଛି। ଅର୍ଥାତ୍ ତମାମ ପୃଥିବୀ ହେଉଛି ପ୍ରତ୍ୟେକ ମଣିଷର ଗୋଟିଏ ପରିବାର। ଏଭଳି ଭାବନା ସୃଷ୍ଟି ହେବା ପରିବର୍ତ୍ତେ ଖଣ୍ଡିତ ଇଚ୍ଛା ସତେ ଯେମିତି ସଭିଙ୍କ ଉପରେ ସବାର ହୋଇଛି। ଯେଉଁଥିପାଇଁ ଏତେ ରକ୍ତପାତ ଏତେ ବୀଭତ୍ସତା!

ସତରେ ବିଭାଜିତ ଭାରତବର୍ଷରେ ସାହିତ୍ୟ କ'ଣ ମୁକ୍ତ ଛନ୍ଦର ସ୍ୱର ସୃଷ୍ଟି କରିବ ନାହିଁ? ଏଭଳି ଏକ ଧାରଣା ପ୍ରତ୍ୟେକଙ୍କ ପ୍ରାଣରେ ସୃଷ୍ଟି ହୋଇଛି। ସାହିତ୍ୟ ତ ଯୋଡ଼େ, ସାହିତ୍ୟ ତ ମିଳନ କରାଏ କିନ୍ତୁ ସ୍ୱାଧୀନତା ପରବର୍ତ୍ତୀ ପର୍ଯ୍ୟାୟରେ ଅଖଣ୍ଡ ଭାରତବର୍ଷ ଦୁଇଖଣ୍ଡ ହୋଇଗଲା। ପାକିସ୍ତାନ ଭାରତର ବିଭାଜିତ ରାଷ୍ଟ୍ର ସାହିତ୍ୟକୁ ଭାଗଭାଗ କରିଦେଲେ ଏହାଠାରୁ ଆଉ ଦୁଃଖର କଥା ଆଉ କ'ଣ ଥାଇପାରେ। ଶେଷରେ ଏତିକି କୁହାଯାଇପାରେ ଭାରତବର୍ଷର ବାଣୀସାଧକ ହୁଅନ୍ତୁ କିମ୍ୱା ପାକିସ୍ତାନର ସୃଜନସ୍ରଷ୍ଟା ହୁଅନ୍ତୁ- ଭାଇଚାରାର ନିବିଡ଼ ସମ୍ପର୍କର ପାରସ୍ପରିକ ବନ୍ଧନର ମନ୍ତ୍ରପାଠ କରିବା ଉଚିତ୍। ତେବେଯାଇ ନିଜନିଜ ସାହିତ୍ୟକୁ ନେଇ ଗର୍ବ କରିପାରିବେ। କବି ବା କଳାକାର ସାମାଜିକ ଉତ୍ତର ଦାୟିତ୍ୱର ସ୍ଲୋଗାନ ଦେବାରୁ ନିବୃତ୍ତ ରହୁଛନ୍ତି। ସତେ ଯେମିତି ସେମାନଙ୍କର ସର୍ଜନକ୍ଷମ ଆସ୍ପର୍ଦ୍ଧା ଦିନକୁ ଦିନ କ୍ଷୀଣ ହେବାରେ ଲାଗିଛି। ପ୍ରତ୍ୟେକ ଲେଖକ ସତ୍ୟଦ୍ରଷ୍ଟା ହେବା ଆବଶ୍ୟକ। ବୁଦ୍ଧି ଏବଂ ବୌଦ୍ଧିକ ଶକ୍ତିକୁ ପାଥେୟ କରି ନିଜ ବିବେକାନୁମୋଦିତ ସାହିତ୍ୟରେ ହାତ ଦେବା ବାଞ୍ଛନୀୟ।

ସାହିତ୍ୟ ଏବେ ରାଜନୀତି ଭିତରେ କବଳିତ। ରାଜନେତାମାନଙ୍କର ବିଚାରଧାରା ଉପରେ ସ୍ରଷ୍ଟାମାନେ ଲେଖିବା ପାଇଁ ତତ୍ପର ହୋଇ ଉଠୁଛନ୍ତି। ଯେମିତି ଦୁଇ ରାଷ୍ଟ୍ରର ଲେଖକମାନେ ସେମାନଙ୍କର ସ୍ୱାଧୀନତା ସମ୍ପୂର୍ଣ୍ଣ ଭାବେ ବିକି କରିଦେଇଛନ୍ତି। ନିଜ ସ୍ୱାଧୀନ ଚିନ୍ତାର ସର୍ଜନା ନ କରି ଦେଶକୁ ସୁହାଇଲା ଭଳି ସାହିତ୍ୟ ରଚନା କରୁଛନ୍ତି। ଏ ସାମ୍ରାଜ୍ୟବାଦୀ ଚିନ୍ତା ଓ ଚେତନାର ସଭିଏଁ ବୁଡ଼ି ରହିଛନ୍ତି। ଭୋଗବାଦ୍, ବଜାରବାଦ୍ ଏବଂ ରାଜନୀତିକ ସଂସ୍କୃତି ଭାରତବର୍ଷ ଏବଂ ପଡ଼ୋଶୀ ରାଷ୍ଟ୍ର ପାକିସ୍ତାନ ଉପରେ ଗଭୀର ପ୍ରଭାବ ପକାଇଛି। ତେଣୁ ନିଜନିଜ ଶବ୍ଦକୁ ଶକ୍ତିଶାଳୀ କରି ସତେ ଯେମିତି ସମ୍ପୃକ୍ତ ପ୍ରଶାସକମାନଙ୍କର ଜୟଗାନ କରୁଛନ୍ତି। ସଭିଏଁ ନିଜନିଜ ଆଧିପତ୍ୟ ବିସ୍ତାର କରିବା ପାଇଁ ପଶ୍ଚାଦପଦ ହେଉନାହାନ୍ତି। ଏହଭଳି ଏକ ପ୍ରସଙ୍ଗ ଆଜି ଉପମହାଦୀପ ପର୍ଯ୍ୟନ୍ତ ସୀମିତ ହୋଇନାହିଁ ବରଂ ସାରା ବିଶ୍ୱ ଇତିହାସରେ ଭାବନାତ୍ମ ଏବଂ ରାଜନୀତିକ ଗତି ନିର୍ଦ୍ଧାରଣ କରିଛି। ଆଜି ଦୁଇ ରାଷ୍ଟ୍ରର ଲେଖକମାନେ ନିଜ ନିଜ ରାଷ୍ଟ୍ର ପାଇଁ କଲମ ଧରିଛନ୍ତି। ଧରିବା ସ୍ୱାଭାବିକ। କିନ୍ତୁ ସେ କଲମରେ ପ୍ରତିହିଂସାର ଶବ୍ଦ ଛାଇ ନ ଯାଉ। ଉତ୍ତେଜନାର ପରିବେଶ ସୃଷ୍ଟି କରା ନଯାଉ। ଏକ ସ୍ଥିର ଅସ୍ତିତ୍ୱବାଦୀ ଚେତନାର କଳାଶିଳ୍ପକୁ ଉଜାଗର କରାଯାଉ। ତେବେ ହୁଏତ ସ୍ରଷ୍ଟାମାନେ ନିଜନିଜ ସ୍ୱତନ୍ତ୍ର ମନୋବୃତ୍ତିର ପରିପ୍ରକାଶ କରିପାରିବେ। ଏତଦ୍‌ବ୍ୟତୀତ ଦୁଇରାଷ୍ଟ୍ର ଇଲୋକ୍ଟ୍ରିକ୍ ମିଡ଼ିଆ, ଗଣମାଧମ ଏବଂ ସୋସିଆଲ ମିଡ଼ିଆ ମଧ ଏଭଳି ପଦକ୍ଷେପ ନେବା ଉଚିତ୍ ଯେଉଁଥିରେ ଦୁଇ ରାଷ୍ଟ୍ରର ସମଭାବାପନ୍ନ ହୃଦୟର ସମ୍ପର୍କ ଗଢ଼ିଉଠିବ ପୁଣି ଆମେ ସ୍ୱାଧୀନତାର ପ୍ରାଗୁଷାରେ ଯେଉଁ ନାନ୍ଦନିକ ସାହିତ୍ୟର ଚର୍ଚ୍ଚା କରୁଥିଲେ, ତାହା ହୁଏତ ଫେରିଆସିପାରିବ ଏବଂ ସାହିତ୍ୟ ସମାଜର କଲ୍ୟାଣ ପାଇଁ ଏକ ଅମୋଘ ଅସ୍ତ୍ର ହୋଇଯିବ- କାଳକାଳ ପାଇଁ। (ସମାପ୍ତ)

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ. ୯୪୩୮୨୯୦୦୭୨

ସ୍ମୃତି ଶତଦଳ

୨୦୩

ଆସାମର ଆତ୍ମୀୟତା

ଡା. ସରୋଜିନୀ ଷଡଙ୍ଗୀ

❤ ଲିଙ୍କ୍‌ରୋଡ୍, କଟକ-୧୨
ଫୋନ୍-୯୪୩୭୦୫୫୦୦୭

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଜଣ ଜଣଙ୍କର ରକ୍ତରେ ଥାଏ ଭ୍ରମଣ କରିବାର ଅଦ୍ଭୁତ ନିଶା- କାମରୁ ଟିକିଏ ରିହାତି ପାଇଲେ, କିମ୍ୱା ଛୁଟିଦିନ ହେଲେ, ସଙ୍ଗେ ସଙ୍ଗେ ଟିକେଟ୍ କାଟି, କାନ୍ଧରେ ଟୁରିଷ୍ଟ ବ୍ୟାଗ୍ ଝୁଲାଇ ବୀରଦର୍ପରେ ବିଭିନ୍ନ ଟୁରିଷ୍ଟ ସ୍ପଟ୍ ମାନଙ୍କୁ । ବେଳେବେଳେ ଆଗରୁ ମନସ୍ଥ କରିଥିବା କିମ୍ୱା ଆଦୌ ଦେଖିନଥିବା କିନ୍ତୁ ସ୍ୱପ୍ନରେ ବାରମ୍ୱାର ଦେଖିବାକୁ ଇଚ୍ଛା କରିଥିବା ଦର୍ଶନୀୟ ସ୍ଥାନମାନଙ୍କୁ ମଧ୍ୟ ବୁଲିଯିବାକୁ ପ୍ଲାନ୍ ତିଆରି କରନ୍ତି । ଆଉ କେତେ ଜଣ ତ' ଭ୍ରମଣ କରିବାର ମାସ ମାସ ଆଗରୁ ଭାରତ ବା' ପୃଥିବୀ ମାନଚିତ୍ର ଉପରେ ପେଟେଇ ପଡ଼ି, ଯୋଜନା ଅନୁଯାୟୀ ଗନ୍ତବ୍ୟ ସ୍ଥଳକୁ ଟିକେଟ୍ କାଟି, ପ୍ଲାନଡ଼ ପ୍ରୋଗ୍ରାମ୍ କରିଥାନ୍ତି, ଯେଉଁଥିରେ ଯିବା, ଆସିବା, ରହିବା, ଖାଇବା, ପିଇବା, ବା' ବୁଲିବାରେ ଆଦୌ ଅସୁବିଧା ହୋଇନଥାଏ । ଆଉ ଅଳ୍ପ କେତେ ଜଣ ଆମ ଭଳି ଭ୍ରମଣକାରୀ, (ଯେଉଁମାନେ ହାତଗଣତିରେ ଯିବେ) ଆଦୌ ଯୋଜନା ନ କରି ସଙ୍ଗେ ସଙ୍ଗେ ସମୟ ମିଳିଲେ, ଦିନେ, ଦୁଇଦିନ ମଧ୍ୟରେ ଭ୍ରମଣ କରିବାର ନକ୍ସା ବନାଇ, ସିନେମାଭଳି ଲୁଗା, ପଟା, ଜିନିଷପତ୍ର ଆଟାଚିରେ ଭର୍ତ୍ତି କରି ବୁଲିବାକୁ ବାହାରି ପଡ଼ନ୍ତି । ଅନେକ ସମୟରେ ସେମାନେ ଅସୁବିଧାର ହିଁ ସାମ୍ନା କରିଥାନ୍ତି ତ' ଆଉ କେତେବେଳେ ଠାକୁରଙ୍କ ଦୟାରୁ ସବୁ ଜିନିଷ ସୁରୁଖୁରୁରେ ତୁଲାଇ ନିଅନ୍ତି ।

ବିଶେଷ ଭାବରେ ଆମ ଭଳି ଡାକ୍ତରମାନେ, ଯେଉଁମାନେ ଅନବରତ ରୋଗୀ ସେବାରେ ବ୍ୟସ୍ତ ଥା'ନ୍ତି, ଆଦୌ ପ୍ଲାନ୍, ପ୍ରୋଗ୍ରାମ୍ ନକରି ବୁଲି ବାହାରନ୍ତି । ଟିକେଟ୍ ଓ ହୋଟେଲ୍ ବୁକିଂ ମଧ ସେଇ ସଙ୍ଗେ ସଙ୍ଗେ କରିବାକୁ ପସନ୍ଦ କରିଥା'ନ୍ତି । ଗ୍ରୀଷ୍ମ ଅବକାଶ, ଶୀତକାଳୀନ ଛୁଟି ବା' ଅନ୍ୟ କୌଣସି ଦିନ ଆମେ କୌଣସି ଦର୍ଶନୀୟ ସ୍ଥାନକୁ ଯାଇ ପାରି ନଥାଉ, ତେଣୁ ଆମେମାନେ କେବଳ ଆମର 'କନ୍‌ଫରେନ୍ସ' ସ୍ଥାନକୁ ହିଁ ଭ୍ରମଣର ସ୍ଥାନ ହିସାବରେ ବାଛି ଥାଉଁ ଏବଂ ସେଇ ସ୍ଥାନଟି, ଆମ ପାଇଁ ପାଠ ଓ ଭ୍ରମଣ ପାଇଁ ଉପଯୁକ୍ତ ସ୍ଥାନ ହିସାବରେ ବିବେଚିତ ହୋଇଥାଏ ।

ଆମର ଆନୁଆଲ୍ ଆନ୍ତଃ ଭାରତୀୟ ସ୍ତ୍ରୀରୋଗ ଚିକିତ୍ସକ ସଂଘ ତରଫରୁ ପ୍ରତିବର୍ଷ ଭାରତର ଗୋଟିଏ ଗୋଟିଏ ସ୍ଥାନରେ କନ୍‌ଫରେନ୍ସ ହୋଇଥାଏ । ମତେ ପ୍ରାୟ ଫ୍ୟାକଲ୍ଟି ମେମ୍ବର (ପ୍ରଫେସର) ହିସାବରେ ଭାଷଣ ଦେବାପାଇଁ ଚିଠି ଆସେ ଏବଂ ସେଇ ଅନୁସାରେ ଭାଷଣ ସହ, ତା' ଆଖପାଖ ଅଂଚଳ ବୁଲିବାର ସୁଯୋଗ ମିଳିଥାଏ ।

ମୁଁ ଓ ଡଃ ରମାରମଣ ଷଡ଼ଙ୍ଗୀ, ପିଲାମାନଙ୍କ ସହ ଭାରତର ସବୁ କୋଣ ଅନୁକୋଣ ବୁଲିଥିଲେ ମଧ ଆସାମ ଯାଇନଥିଲୁ, ତେଣୁ ମନରେ କ୍ଷୀଣ ଆଶାଟିଏ ଥିଲା, ଆସାମ ଯାଇ ବୁଲି ଆସିବା ପାଇଁ । ସେ ସୁଯୋଗ ମଧ ଆମ ପାଇଁ ଖୁବ୍ ଶୀଘ୍ର ଆସିଗଲା । ସେତେବେଳେ ଡଃ ରମାରମଣ ଷଡ଼ଙ୍ଗୀ ଏସ୍.ସି.ବି.ମେଡ଼ିକାଲ କଲେଜରେ ପ୍ରିନ୍ସିପାଲ୍ ଥା'ନ୍ତି । ସେ ଜଣେ କାର୍ଡ଼ିଓ ଥୋରାସିକ୍ ସର୍ଜନ ହିସାବରେ ଓଡ଼ିଶା ତଥା ଭାରତରେ ବେଶ୍ ଜଣାଶୁଣା ଏବଂ ଏସ୍.ସି.ବି ର ହୃଦ୍‌ବକ୍ଷଶଲ୍ୟ ବିଭାଗର ପ୍ରଫେସର ମଧ ଥିଲେ । ସେହି ସମୟରେ ଦିଲ୍ଲୀର "ଇଣ୍ଡିଆନ୍ ମେଡ଼ିକାଲ୍ କାଉନ୍‌ସିଲ୍" ତରଫରୁ ଡଃ ଷଡ଼ଙ୍ଗୀଙ୍କ ପାଖକୁ ଚିଠି ଆସିଲା ଯେ, ଆସାମର ଗୌହାଟୀ ମେଡ଼ିକାଲ କଲେଜର ହୃଦ୍ ବକ୍ଷଶଲ୍ୟ ବିଭାଗରେ ଏମ୍.ସି.ଏଚ୍ ବା' ସୁପର ପି.ଜି ଖୋଲିବା ପାଇଁ ସବୁ ସୁବିଧା ଅଛିକି ନାହିଁ, ତଥା ଓ.ଟି. ମେସିନ୍, ଯନ୍ତ୍ରପାତି ଏବଂ ଆବଶ୍ୟକୀୟ ପରିମାଣର ଫ୍ୟାକଲ୍ଟି ମେମ୍ବର ଅଛନ୍ତି କି ନାହିଁ ଦେଖି ସୁପାରିଶ୍ କରିବା ପାଇଁ । ଏଥିପାଇଁ ଡଃ ଷଡ଼ଙ୍ଗୀ ସ୍ୱୀକୃତି ପ୍ରଦାନ କଲେ । ଏ ସବୁ କଥାବାର୍ତ୍ତା ଭିତରେ ମୋର କ୍ଷୀଣ ଆଶାଟିଏ ଉଙ୍କି ମାରିଲା, ଗୌହାଟୀ ଯାଇ ବୁଲି ଆସିବା ପାଇଁ, ଏବଂ ସେ ଆଶା ମଧ ଫଳବତୀ ହେଲା ଯେତେବେଳେ ଡଃ ଷଡ଼ଙ୍ଗୀ ଖୁସିରେ ଏ ପ୍ରସ୍ତାବରେ ସ୍ୱୀକୃତି ଜଣାଇଲେ ।

ଗୌହାଟୀ କଥା ଶୁଣି ମୋ ଆଖି ଆଗରେ ନାଚି ଉଠିଲା ଆସାମର ମାଇଲ୍ ମାଇଲ୍ ବ୍ୟାପି ଚା' ବଗିଚାର ଦୃଶ୍ୟ, ଗୌରବମୟ ଗୌହାଟୀ ସହର, ଦେବୀ କାମାକ୍ଷାଙ୍କ ମନ୍ଦିର ଦର୍ଶନ, କାଜିରଂଗା, ଚେରାପୁଂଜି, ଜୋରହାଟ ଓ ସିଲଂର ଦୃଶ୍ୟ ।

ଏ ଜୀବନରେ ସମସ୍ତେ ବ୍ୟସ୍ତତା ଭିତରେ ସମୟ କଟାଇଥାନ୍ତି କିନ୍ତୁ ସକାଳୁ ଉଠି, ସୂର୍ଯ୍ୟଙ୍କର ଲୋହିତ କିରଣରେ ସ୍ନାନ କରି, ଖୋଲା ଝରକା ପାଖରେ, ଖବରକାଗଜ ସହ ବାମ୍ପ ଉଠୁଥିବା କପେ ଚ'କୁ କିଏ ବା ସ୍ୱାଗତ ନ କରେ ? ସେଇ ବାମ୍ପଉଠା କପେ ଗରମ ଚା' ସାରାଦିନର କ୍ଲାନ୍ତି ମେଣ୍ଟାଇ ଦେଇଥାଏ ଏବଂ ମନରେ ସତେଜତା, ଉଲ୍ଲାସ ଓ ଉତ୍ସାହ ଭରିଦେଇଥାଏ । ଏକ ବର୍ଷଣ ମୁଖର ଅପରାହ୍ନ ତଥା ଶୀତର ଶୀତଳ ସାୟାହ୍ନ ମଧ ଖୋଜିଥାଏ ଗରମ ଚା' କପେ, ଯାହା ଆଳସ୍ୟ କୁ ସଂଗେ ସଂଗେ ଦୂରେଇ ଦେଇ ମନ ପ୍ରଫୁଲ୍ଲ କରିଦେଇ ଥାଏ । ଯଦି ଅତିଥି ଭାବରେ କେଉଁଠି ଆପଣ ହଠାତ୍ ପହଂଚିଗଲେ, ଚା' ତିଆରି ପାଇଁ ଓ ଆଣିବା ପାଇଁ ବିଳମ୍ବ ହେଲେ, ସେଠି ମନକୁ ମନ ଥଟ୍ଟାରେ ପଦଟିଏ କହିହୋଇଯାଏ "କ'ଣ ? ଚା' ଆସାମରୁ ଆସୁଛି କି ?" ତେଣୁ ଗୌହାଟୀ ଯାଇଁ ସେ ମାଇଲ୍ ମାଇଲ ଚା' ବଗିଚା ଦେଖିବା ପାଇଁ ଆମେ ଦୁହେଁ ତତ୍ପର ହୋଇ ପଡ଼ିଲୁ ।

ଇଣ୍ଡିଆନ୍ ମେଡିକାଲ କାଉନସିଲ୍‌ର ନିର୍ଦ୍ଦେଶ ଅନୁସାରେ ଆମେ ଗୌହାଟୀ ମେଡ଼ିକାଲ୍ କଲେଜକୁ ଯିବା ପାଇଁ ପ୍ରସ୍ତୁତ ହେଲୁ । ଭୁବନେଶ୍ୱରରୁ କଲିକତା ଏବଂ କଲିକତାରୁ କନେକ୍ଟିଙ୍ଗ୍ ଫ୍ଲାଇଟ୍ ଥିଲା ଗୌହାଟୀକୁ । ସେଇ ଅନୁସାରେ ସକାଳୁ ବାହାରି ସନ୍ଧ୍ୟା ଆଗରୁ ଆମେ ଗୌହାଟୀରେ ଯାଇ ପହଂଚିଲୁ । ଗୌହାଟୀ ମେଡ଼ିକାଲ କଲେଜର ହୃଦବକ୍ଷଶଲ୍ୟ ବିଭାଗର ପ୍ରଫେସର ଚୌଧୁରୀ ଆମକୁ ନେବାକୁ ଏଆର୍ ପୋର୍ଟ ଆସିଥିଲେ ଏବଂ ନିଜେ ଡ୍ରାଇଭ୍ କରି ଏଆରପୋର୍ଟରୁ ଗୌହାଟୀ ସହରକୁ ନେଲେ । ରାସ୍ତାରେ ଗଲାବେଳେ ସବୁଠାରୁ ସୁନ୍ଦର ଓ ଚିତ୍ତାକର୍ଷକ ଦୃଶ୍ୟଥିଲା ବ୍ରହ୍ମପୁତ୍ର ନଦୀ ପରିଦର୍ଶନ । ବ୍ରହ୍ମପୁତ୍ର ଭାରତର ସବୁଠାରୁ ବୃହତ୍ତମ ନଦୀ, ଯାହାର ବିଶାଳତାକୁ ନିଜ ଆଖିରେ ନ ଦେଖିଲେ ବିଶ୍ୱାସ କରି ହୁଏ ନାହିଁ । ଶୀତଋତୁର ପ୍ରାରମ୍ଭରେ ଅସ୍ତଗାମୀ ସୂର୍ଯ୍ୟର ଲୋହିତ କିରଣ, ବ୍ରହ୍ମପୁତ୍ର ନଦୀର ପାଣିକୁ ଲାଲ୍‌ବର୍ଣ୍ଣ କରିଦେଇଥିଲା ଏବଂ ସଂଧ୍ୟାବେଳେ ନଦୀର ସୌନ୍ଦର୍ଯ୍ୟ ଆମକୁ ବିମୁଗ୍ଧ କରିଦେଇଥିଲା ।

ବ୍ରହ୍ମପୁତ୍ର ନଦୀର ଶୋଭା ବର୍ଣ୍ଣନା କରିବା ଆଗରୁ ଆସାମ ବିଷୟରେ କିଛି କହିବାକୁ ଚାହିଁବି । ଆସାମର ଭାଷା ଅନେକାଂଶରେ ବଙ୍ଗଳା ଓ ଓଡ଼ିଆ ଭାଷାର ସମ୍ମିଶ୍ରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ଭାରତର ଉତ୍ତରପୂର୍ବ ଦିଗରେ ଅବସ୍ଥିତ ଆସାମର ପ୍ରାକୃତିକ ବୈଚିତ୍ର୍ୟ ଅତି ସୁନ୍ଦର । ଉତ୍ତର ପୂର୍ବାଂଚଳରେ ଥିବା ରାଜ୍ୟ ଯଥା ଅରୁଣାଚଳ ପ୍ରଦେଶ, ମଣିପୁର, ତ୍ରିପୁରା, ମିଜୋରାମ୍ ଓ ପଶ୍ଚିମବଙ୍ଗର ସୀମାକୁ ଲାଗି ରହିଥିବା ଆସାମ, ଭୁଟାନ୍ ଓ ବାଂଲାଦେଶ ସହ ମଧ ସଂଯୁକ୍ତ । ବ୍ରହ୍ମପୁତ୍ର ଓ ଇରାକ୍ ନଦୀ ସହ ହିମାଳୟ ପର୍ବତର ଶ୍ୟାମଳ ଅରଣ୍ୟ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରି ଦେଇଛି । ଏହାଛଡ଼ା ଅନେକ ଜାତୀୟ ଉଦ୍ୟାନ ସହ କାଜିରଙ୍ଗା ଓ ମାନସ ଭଳି ବିଶ୍ୱର ବିରଳ ପ୍ରାକୃତିକ ସମ୍ପଦର ରାଜ୍ୟ ଭାବେ ତଥା ହାତୀ, ଗଣ୍ଡା ଠାରୁ ଆରମ୍ଭ କରି ଅନେକ ଜାତିର ପଶୁ ପକ୍ଷୀଙ୍କର ବାସସ୍ଥଳୀ ଭାବରେ ଆସାମ ସାରା ଭାରତ ବର୍ଷରେ ସୁଖ୍ୟାତି ଅର୍ଜନ କରିଛି ।

ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ରାଜ୍ୟ ଆସାମ ସ୍ୱାଗତ କରି ଆମକୁ ଯେମିତି କୋଳେଇ ନେବାକୁ ପ୍ରସ୍ତୁତ ଥିଲା ।

(କ୍ରମଶଃ)

ପୁସ୍ତକ ସମୀକ୍ଷା

'ସେଁର୍‌ରା'

(ଗଳ୍ପ ସଂକଳନ)
କବି: ଡିଲେଶ୍ୱର ରଣା
ପ୍ରକାଶକ- ଟାଇମ୍‌ପାସ
୯୩୦ (ପି) ଗ୍ରୀନ୍ ଭିଲ୍ଲା, ଏନ୍‌କେ
ମାର୍ଗ, ବରମୁଣ୍ଡା, ଭୁବନେଶ୍ୱର
ମୂଲ୍ୟ-୧୧୫/-



ଚିତ୍ର, ଚରିତ୍ର ଏବଂ ପରିବେଶରୁ ଗଳ୍ପର ପ୍ଲଟ ସଂଧାନ ଓ ସଂଗ୍ରହ କଲାବେଳେ ଗାଳ୍ପିକ ପାଇଁ ଆବଶ୍ୟକ ମୁଡ୍ ଏବଂ ନୈତିକତା । ଆରମ୍ଭିକ ଶୂନ୍ୟତା ଏବଂ ବିବ୍ରତବୋଧର ତୀବ୍ର ଆଲୋଡନ ପରେ ଶବ୍ଦ ବସାଣର ବେଳ । ସେତେବେଳକୁ କଥାର ପେଡ଼ି ଖୋଲିଥିବା କଥାକାରକୁ ଅକ୍ତିଆର କରି ସାରିଥାଏ କାଳିସୀ । ସେଇଠି ତା'ର 'ନେରେସନ୍' ପାଏ ଏବଂ ଆବିଷ୍କାର ଓ ଅଭିଯାତ୍ରା ପାଇଁ ବେଗ, ଆବେଗ ଓ ଦିଗ । ହାତୀ ମେରା ସାଥୀ, ବାଘ ମୋର ମାମୁ । ମାନବେତର ଜୀବକୁ ନେଇ ଫାଣ୍ଟାସି (ମନୋଜ ଦାସଙ୍କ କିମ୍ଭାରିଣୀ, ମହାପାତ୍ର ନୀଳମଣି ସାହୁଙ୍କ ବାଘର ବିଳାପ) ଭିତରେ କଳ୍ପନା ପ୍ରବଣତା ସହ ମାଟିର ସାଂସ୍କୃତିକ ଉପଧା କେତେ ତାତ୍ପର୍ଯ୍ୟପୂର୍ଣ୍ଣ ସତରେ । ଯେମିତିକି ତରୁଣ କଥାକାର ଡିଲେଶ୍ୱର ରଣାଙ୍କର ଗଳ୍ପ ସଂକଳନ ସେଁର୍‌ରା । ଶବ୍ଦର ଇଂନିଙ୍ଗସ୍ ଖେଳିବା ପାଇଁ ଡିଲେଶ୍ୱରଙ୍କର ଇଣ୍ଟ୍ୟୁସନ୍, କଳାତ୍ମକ ସର୍ତ୍ତ ଏବଂ ସିଦ୍ଧିକୁ ପାଠକଙ୍କ ନିକଟରେ ପହଞ୍ଚାଇବାକୁ ଦଶ୍‌କା ଦମ୍ ଭଳି 'ସେଁର୍‌ରା' ଗଳ୍ପ ସଂକଳନର ୧୦ଟି ଗଳ୍ପ, ଯାହା ଜନଜାତିର ଅନ୍ତର୍ଜଗତ ଓ ନିଜସ୍ୱ ପରିବେଶକୁ ନେଇ ନିଜସ୍ୱ ଶୈଳୀ ଏବଂ ନିଜସ୍ୱ ଭାଷାର ଅଦ୍ଭୁତ କ୍ରିୟାଶୀଳ ଆବେଦନରେ ଗଢ଼ିଛି ତଡାଗବୀଚିର ଜୀବନୀୟ ଅଯୂତ ସ୍ପନ୍ଦନ, ଠିକ୍ ମାଟିର ମୂର୍ଦ୍ଧନ୍ୟ ପୁରୁଷ ଗୋପୀନାଥଙ୍କ 'ପରଜା' ପରି । ତେବେ ଡିଲେଶ୍ୱରଙ୍କ ଗଳ୍ପଭୂମିରେ 'ପରଜା' ଉପନ୍ୟାସର ଶୋଷଣ ବିରୋଧୀ ଆଭିମୁଖ୍ୟ ସହ ଅଧିକ ପ୍ରତିଫଳିତ ହୋଇଛି ମାଟି ଏବଂ ଅରଣ୍ୟକ ପରିବେଶର ସାଂସ୍କୃତିକ ସ୍ପନ୍ଦନ । ସେ ସ୍ପନ୍ଦନ ସହସ୍ରାବ୍ଦ ଧରି ଅକ୍ଷତ ଏବଂ ସଜୀବ ।

'ପିଠି' ଗଳ୍ପର ଉପସଂହାରରେ ତରୁଣ କଥାକାର ଏହି ମର୍ମରେ ନିଜକୁ ନିଜେ ପ୍ରଶ୍ନ କରିଛନ୍ତି, "ମନେ ମନେ ଧନ୍ୟବାଦ ଦେଉଥିଲି ବୁଢ଼ାକୁ, ତା'ର ପିଠିକୁ; ଯେଉଁ ପିଠିରେ ଜଳଜଳ ଦିଶୁଥିଲା, ବୁଢ଼ା ମୁଣ୍ଡେଇ ଥିବା ଗୋଟେ ବର୍ଷ ବର୍ଷର ସଂସ୍କୃତି, ପରମ୍ପରା ଯାହା ହଜିବ ହଜିବ ହେଲାଣି, ଲୁଚିବ ଲୁଚିବ ହେଲାଣି । ତାକୁ ଅନ୍ୟ ପିଠିରେ ଓହ୍ଲାଇ ଦେଲେ ଶାନ୍ତିରେ ଶେଷ ନିଃଶ୍ୱାସ ମାରନ୍ତା, ମନ ହାଲ୍‌କା ଲାଗନ୍ତା । କିନ୍ତୁ କେହି ରାଜି ହେଲେ ତ !"

ମାଟି ଏବଂ ମୁଲକର ଜନଶ୍ରୁତିକୁ ବାସ୍କ ଚରିତ୍ରରେ ବଖାଣ ମଧମରେ ନବବିନ୍ୟାସ ଦେବା ମଧରେ ଗାଳ୍ପିକ ପରମ୍ପରା ଏବଂ ଜନ ଜୀବନର ଚଳଣି ଓ ଭାଷା ପ୍ରତି ଯେତିକି ବିଶ୍ୱସ୍ତ ଏବଂ ଅନ୍ତରଙ୍ଗ, ବିସ୍ଥାପିତ ଜନଜୀବନର ଦୁଃଖକୁ ମାର୍ମିକ ଢଙ୍ଗରେ ପ୍ରକାଶ କରିବାରେ ସେତିକି ପ୍ରତିବଦ୍ଧ । ଚିରନ୍ତନ ମୂଲ୍ୟବୋଧ ନିଖୁଣ ପ୍ରତିଛବି ସବୁ ଡିଲେଶ୍ୱରଙ୍କ ଗଳ୍ପର ପ୍ରାଣବତ୍ତା ।

ଭେସ୍‌କାପଦର ଗାଆଁର ଇତିହାସ, ମାକଡ଼୍‌ବିହା, ପର୍ମେ ଜାନିର ଟାଙ୍ଗି, ପଲିଆଗୀତ, ରଙ୍ଗିଗୁଡ଼ା ଗାଆଁ, ଧାଙ୍ଗଡ଼ୀଭେଟ, ବାର୍‌ହା ହାକା ପ୍ରମୁଖ ପ୍ରସଙ୍ଗ ଗୁଡ଼ିକ ସେଁର୍‌ରା ଗଳ୍ପ ପୁସ୍ତକର ଅନନ୍ୟ ଆକର୍ଷଣ । କାହାଣୀ ଅବତାରଣା ଓ ଶବ୍ଦ ଚୟନର ରୀତିରେ ପାଠକଙ୍କୁ ଗଳ୍ପ ପଠନର ବିମଳ ଆନନ୍ଦ ପ୍ରଦାନ କରିପାରିବା ଭଳି ଏହି ସଂକଳନ ଗଳ୍ପଗୁଡ଼ିକର ବୈଶିଷ୍ଟ ଗୁଡ଼ିକ ହେଲା

(୧) ନିଜ ମାଟି ଓ ମୁଲକ ଭାଷା ଓ ସଂସ୍କୃତିକୁ ଓଡ଼ିଆ ସାହିତ୍ୟର ମୁଖ୍ୟ ସ୍ରୋତକୁ ଆଣିବାର ସ୍ୱାଭିମାନପୂର୍ଣ୍ଣ ପ୍ରଚେଷ୍ଟା ।

(୨) ସଲପ୍ ରସ, ମାଣ୍ଡିଆ ଜାଉ, ଗୁଞ୍ଜେର ଶାଗ ଭିତରେ ବି ଜୀବନକୁ ଅତି ସହଜ ଏବଂ ସ୍ୱଚ୍ଛନ୍ଦ ଭାବରେ ବୁଝୁଥିବା ମଣିଷଙ୍କର ପ୍ରକୃତି ପଣତା ଏବଂ ଅସ୍ତିତ୍ୱ- ଅସ୍ମିତାଙ୍କ ପ୍ରକାଶ ।

(୩) ବାସ୍ତବ ଜୀବନର ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ ସହ କଳ୍ପନା ଓ ଅବଚେତନର ରହସ୍ୟମୟତା ଆଡ଼କୁ ପାଠକଙ୍କୁ ନେଇଯିବା ।

(୪) ଦୃଶ୍ୟମାନ ଜଗତ ସହିତ ଅଦୃଶ୍ୟ ଜଗତର ସେତୁ ସର୍ଜନା କରିବା ।

(୫) ବାସ୍ତବ ଘଟଣାର ଚଟୁଳ ଅଭିବ୍ୟକ୍ତି ସହ ଚରିତ୍ର ଏବଂ କାହାଣୀରେ ମାନବୀୟ ସଂବେଦନଶୀଳତାକୁ ସ୍ଥାପନ କରିବା ।

'ସେଁର୍‌ରା' ଗଳ୍ପ ସଂକଳନସ୍ଥ ଗଳ୍ପ ଗୁଡ଼ିକ ଏକବିଂଶ ଶତାବ୍ଦୀର ମନୋଟନି ନୁହନ୍ତି । ବିଜ୍ଞାନ ଏବଂ ବସ୍ତୁବାଦର ପ୍ରଭାବ ଠାରୁ ମଧ ତାଙ୍କର ଗଳ୍ପ ସଂପୂର୍ଣ୍ଣ ମୁକ୍ତ । ତାଙ୍କ ଗଳ୍ପର ଚରିତ୍ରମାନେ ମଲ୍‌ଟିନେସନାଲ କର୍ପୋରେଟ୍ ଭିତରେ ଜୀଉଁଥିବା ଚରିତ୍ର ନୁହଁନ୍ତି । ତାଙ୍କ ଗଳ୍ପର ଚରିତ୍ର ସବୁ ଚନ୍ଦର, ମୁରଲୀ, ପରମା, ଡମ୍ ବୁଢ଼ା, ପର୍ମେ ଜାନି, ଭମ୍‌ରା ଜାନି ଇତ୍ୟାଦି । ଏମିତିକି ଯନ୍ତ୍ରଯୁଗର କୋଳାହଳମୟ ଶବ୍ଦକୁ ବଦଳାଇ ଦେଇ ପେସନ୍ ପ୍ରୋ 'ବାଇକ୍' ବଦଳରେ ଗାଳ୍ପିକ ପେସନ ପ୍ରୋ 'ଫଟ୍‌ଫଟି' ଶବ୍ଦର ପ୍ରୟୋଗ କରିବାରେ ମଧ କାର୍ପଣ୍ୟ କରି ନାହାନ୍ତି । ସମୟ ଦିନ ଗୋଟାଏ । ଗାଳ୍ପିକ ନିଜ ବାସସ୍ଥଳୀରୁ କର୍ମକ୍ଷେତ୍ରକୁ ଯାଉଥିବା ବାଟରେ ଦେଖୁଛନ୍ତି ଅଶୀତିପର ଜଣେକ ବୃଦ୍ଧଙ୍କୁ । ସେ ବୃଦ୍ଧଙ୍କର ବେଶଭୂଷାଟି କେମିତି? ଗାଳ୍ପିକଙ୍କର ଭାଷାରେ- "ବୁଢ଼ା ବୋଇଲେ ଜବର ବୟସ ହୋଇଥିବ । ତା' ବୟସର ଗଛ ଗୁଡ଼ିକ ବି ଆମ ଗାଆଁରୁ ଉଭାନ୍ ହୋଇ ସାରିବେଣି । ପାଖାପାଖି ଅଶୀ ଛୁଇଁବଣି । ମୁହଁରେ ମେଞ୍ଚାଏ ଦାଢ଼ି ସାଲୁବାଲୁ । ମୁଣ୍ଡଟା ଅଧା ଚନ୍ଦା । ++++ ବୁଢ଼ା ଠିଆ ହୋଇଥାଏ । ମୋତେ କିନ୍ତୁ ଲାଗୁଥାଏ ସେ ଛିଡ଼ା ହୋଇନି, ସପ୍ତମ ଶ୍ରେଣୀ ବହିର ନଇଁଥିଲା ଖଜୁରୀଗଛ ପରି ବଙ୍କେଇ ଯାଇଛି +++ (ଗଳ୍ପ- ପିଠି, ପୃଷ୍ଠା-୧୮)

ଶବ୍ଦରେ ଭାବକୁ ଚହଟାଇ ପାରିଲେ ସାହିତ୍ୟ ହୁଏ ହୃଦୟଗ୍ରାହୀ । ଡିଲେଶ୍ୱରଙ୍କ ଗଳ୍ପ ଭିତରେ କାବ୍ୟମୟ କଥନ ପ୍ରମାଣ କରେ ଯେ ଶବ୍ଦରେ ସେ ଆଙ୍କିଛନ୍ତି ନିଜ ମୁଲକର କାରୁକାର୍ଯ୍ୟ । ବିଶେଷ କରି ଗଦ୍ୟ ଚିତ୍ରକଳ୍ପରେ ନୂତନ ଭୂମିନିର୍ମାଣ କଲା ଡିଲେଶ୍ୱରଙ୍କର ଶୈଳ୍ପିକ ଦକ୍ଷତାକୁ କରିଛି ପ୍ରତିପାଦନ । ସମୟର ସରସ ଏବଂ ନିରସ ପଣ ଉଭୟକୁ ସେ କରିଛନ୍ତି ଚେତନାସ୍ଥ । ସେଇଥିପାଇଁ ତାଙ୍କ ଲେଖନୀରୁ ସୃଷ୍ଟି ହୋଇଛି ଏହି ସଂକଳସ୍ଥ ଭୋକ, ଦାଶ୍‌ରୁ ମାଝୀ ଓ ଗୋଟେ ଖଣିଜ ଭର୍ତ୍ତି ଡଂଗରର କାହାଣୀ, କାନ୍ଧ, ବାପା, ଯେଉଁଠି ଦିନେ ସୁନ୍ଦ୍ରୁ ସିକୋକାର ଗାଆଁ ଥିଲା, ଲେଂଜା ପାତରର ପାତି ଧରା, ସାନଙ୍ଗ କାଡ୍ରାକାର ଠିକଣା ପରି ଚିତ୍ର ଚରିତ୍ରମୟ କଥା ବୈଚିତ୍ର୍ୟ । ଗାଳ୍ପିକଙ୍କର ରୂପକ ଓ ଗଦ୍ୟ ଚିତ୍ରକଳ୍ପର କେତୋଟି ଉଲ୍ଲେଖନୀୟ ଉଦାହରଣ ଏଠାରେ ଉପସ୍ଥାପନ କରାଯାଇପାରେ । ଯଥା- (କ) ଆଖି ମୁଦି ଡଂଗର ଦେବତାକୁ ସୁମରଣା କରିବା ସାଙ୍ଗେ ସାଙ୍ଗେ ଦିଶିଯାଏ ମାଳମାଳ ଆଲୁଅ ତରା ପରି ଧାଇଁ ଆସନ୍ତି ମୋ' ନିକଟକୁ (ଗଳ୍ପ- ପିଠି- ପୃଷ୍ଠା-୨୧) (ଖ) ଡେବିରି ନଖ ସନ୍ଧିରୁ ଜନ୍ମିଆସେ ବାଘ ଶାବକ (ଘ) ଗାଆଁର ଦକ୍ଷିଣ ଦିଶାକୁ ଯେଉଁ ଡଙ୍ଗର ଖଣ୍ଡିକ ଆବୋରି ଧରିଛି କୁଞ୍ଜୁକୁଞ୍ଜିଆ ଜଙ୍ଗଲ, ସେଇଠି ହିଁ ଘଟେ 'ମାକଡ଼୍‌ବିହା' । (ଘ) ଆକଶଟା ଧୋବ୍ ଫରଫର୍ । ପୁରା ସଫେଦ୍ । ପରସ୍ତ ପରସ୍ତ କରି ହାତ ପୋଛିଲେ ମଣିଷ ସତେ ଯେମିତି ପୃଥିବୀଟାକୁ ଆବିଷ୍କାର କରିବ (ଗଳ୍ପ- ଲେଂଜା ପାତରର୍ ପାତି ଧରା, ପୃଷ୍ଠା- ୪୬) । (ଙ) ଭୋଦୁଅ ଆକାଶର ସିର୍‌ସିର୍ ଧାରେ ଜହ୍ନ ଆଲୁଅ ଖପରଲି ଛାଉଣୀର ଗୋଟେ କଣା ଦେଇ ଗଳି ପଡୁଛି କୁରୁମାର ବାଁ ଗାଲରେ (ଗଳ୍ପ- କାନ୍ଧ, ପୃ- ୭୪)

ଜଣେ ପ୍ରତିଭାବାନ୍ ଏବଂ ପ୍ରତିଶ୍ରୁତିବଦ୍ଧ ଲେଖକ କଳା ଭିତରେ ସାଂଗୀତିକ ମୂର୍ଚ୍ଛନା ଭରିଦେବାକୁ ହୃଦୟ ଉତ୍ସର୍ଗ କରିଥାଏ । ପ୍ରାଭିଷ୍ଟ କହୁଛନ୍ତି Memory of Melodyର କଥା । ସେଇ ସାଙ୍ଗୀତିକ ଭୂମି ଉପରେ ଜୀବନର ନାଚଗୀତର ଆସର । ଗାଳ୍ପିକ ଡିଲେଶ୍ୱର ସ୍ୱକୀୟ ଗଳ୍ପମାନଙ୍କର ଲୋକସଂଗୀତ ଗୁଡ଼ିକର ଗଳ୍ପ ଓ ଚରିତ୍ରର ପ୍ରାସଙ୍ଗିକତାକୁ ଆଧାର କରି ଚମତ୍କାର ଭାବରେ କରିଛନ୍ତି ସଂଯୋଜିତ । ବନ୍ୟତରୁଣୀ କୁର୍‌ମେଲ ଦେଇ ସହ ଗାଧୁଆ ତୁଠ ସଂଲଗ୍ନ ପିପ୍ପଲ ଗଛରେ ତାକୁ ଆଖେଇ ଥିବା ମାଙ୍କଡ଼ର ଗୀତି ସଂଳାପ- 'ମାକର କି ଝାକର ବଏଲେ ହୁଁ ତୋ'/ ମୋହରି ସାଜ ଦେ'ରେ ମାକର ହୁଁରେ/ ++++ ଏ ନଦୀ କୁରୁମେଲ୍ ଦେଇ ହୁଁ ତୋ/ ଆର୍ ଖଣେ ଦୂର ଆ ତାଲ୍ ବଏଲେ ହୁଁ ତୋ+++

ତେବେ ଆରବ ମରୁଭୂମିର ଖଜୁରୀରସ ଏବଂ ଡଙ୍ଗର କୋଳର ସଲପ ରସର ମହତ୍ତ୍ୱକୁ ମାନିବାକୁ ପଡ଼ିବ । ରସରୁ ହିଁ ସୃଷ୍ଟି ହୋଇଛି ଆରବ୍ୟ ରଜନୀର କୁହୁକ ଭରା କାହାଣୀ ଏବଂ ଡିଲେଶ୍ୱର ରଣାଙ୍କର 'ମାକଡ଼ବିହା' ଓ ପାଲଟା ବାଘ ପରି କଳ୍ପଲୋକର ଚିତ୍ରିତ କଥା ସୃଜନୀ । ଡିଲେଶ୍ୱରଙ୍କର କଥାକୁହା କଲମର କୁହୁକ ଆଦ୍ୟ କୃତି 'ସେଁର୍‌ରା' ପାଠକୀୟ ମହଲକୁ ସରଗରମ୍ କରୁ, ଏତିକି କାମନା ।

ସମୀକ୍ଷା:
+ ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ
ମାନବ ସମ୍ବଳ ପରିଚାଳନା ବିଭାଗୀୟ ମୁଖ୍ୟ,
ଆର.ଜେ. କଲେଜ ଅଫ୍ ବିଜିନେସ୍ ଆଣ୍ଡ
ମ୍ୟାନେଜମେଣ୍ଟ ଷ୍ଟଡିଜ୍, ଚାନ୍ଦିପୁର ରୋଡ, ବାଲେଶ୍ୱର
ମୋ: - ୯୪୩୭୮୩୪୯୬୪

ସନ୍ଦେହ ଘେରରେ ଶାସନ ଗ୍ରାମ ପୋଖରୀ ଘାଟ ଅର୍ଥକୁ ନେଇ ଚର୍ଚ୍ଚା

ବସ୍ତା,୧୦/୦୭ (ନି.ପ୍ର): ବସ୍ତା ବ୍ଲକ ତାଡ଼ଦା ପଞ୍ଚାୟତ ଶାସନ ଗ୍ରାମ ର ଦିଗୀ ପୋଖରୀକୁ କେନ୍ଦ୍ର କରି ପଞ୍ଚାୟତ ସମେତ ବସ୍ତା ବ୍ଲକରେ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଘଟଣାପଛରେଥିବା ଅଭିଯୋଗ, ସତ୍ୟ ନାଁ ଷଡ଼ଯନ୍ତ୍ର ତାହା ତଦନ୍ତ ହେଲେ ସମସ୍ତ ଘଟଣାର ଗୁମର ଫିଟିବ ବୋଲି ଗ୍ରାମବାସୀ ଆଶାବାନ୍ଧି ରହିଛନ୍ତି । ତେବେ ଏହି ଛକ୍କା ପଞ୍ଝା ଭିତରେ ବ୍ଲକ ପ୍ରଶାସନ କୁ ନାକେଦମ ହେବାକୁ ପଡିଛି। ଏଠାରେ ସୂଚନା ଥାଉକି, ସୂଚନା ଅଧିକାର ଆଇନ ର ତଥ୍ୟ ଆଧାରରେ, ଗ୍ରାମରେ ଥିବା ଦିଗି ପୋଖରୀର ପକ୍କାଘାଟ ନିର୍ମାଣରେ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଯେପରିକି ଗୋଟିଏ ପକ୍କାଘାଟ ନିର୍ମାଣ କରି ଦୁଇଟି ବିଲ କରାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରାଯାଇଛି । ଯାହା ଫେସବୁକରେ ଭାଇରାଲ ହେବା ସହିତ, ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଯାହାକୁ କେନ୍ଦ୍ର କରି ତାଡ଼ଦା ପଞ୍ଚାୟତ ସମେତ, ବସ୍ତା ବ୍ଲକ ଚର୍ଚ୍ଚାରେ ରହିଥିଲା। ତେବେ ବସ୍ତା ବ୍ଲକର ଉପ ନିର୍ବାହୀଯନ୍ତ୍ରୀ ପରୀକ୍ଷିତ ମାହାଳିକ ଘଟଣାକୁ ଗୁରୁତର ସହିତ ନେଇ, ପଂଚାୟତ ଜେଇ ମାଇନ ମାରାଣ୍ଡି ସହିତ ଘଟଣା ସ୍ଥଳକୁ ଯାଇ, ତଦନ୍ତ କରିଥିଲେ। ତେବେ ୨୦୧୬-୧୭ ଆର୍ଥିକ ବର୍ଷ ରେ, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ବିଶ୍ୱାଳ ପକ୍କାଘାଟ ନିର୍ମାଣ ପାଇଁ ୧ ଲକ୍ଷ ୨୦ହଜାର ଟଙ୍କା ମଞ୍ଜୁର କରିଥିଲେ, ତେବେ ତାହା କାର୍ଯ୍ୟକାରୀ ହୋଇପାରି ନଥିଲା। ପୁଣି ୨୦୧୭ - ୧୮ ଆର୍ଥିକ ବର୍ଷରେ ବର୍ତ୍ତମାନର ସରପଞ୍ଚ ଚମ୍ପାବତୀ ସୋରେନ ୧ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରିଥିଲେ। ମାତ୍ର ଦୁଇଟି ପ୍ରକଳ୍ପ କୁ ପୃଥକ ପୃଥକ ନକରି ,ଗ୍ରାମବାସୀଙ୍କ ଅନୁରୋଧ ଓ ସମ୍ମତି କ୍ରମେ, ପଲ୍ଲି ସଭା ଓ ଗ୍ରାମ ସଭାରେ ରିଜୋଲୋସନ କରି ଗୋଟିଏ ପକ୍କାଘାଟ ସହିତ,ମୁଖ୍ୟ ରାସ୍ତା କୁ ସଂଯୋଗ କରିବା ପାଇଁ ୪୦ ଫୁଟ ଲମ୍ବ ଓ ୧୦ ଫୁଟ ଓସାର ବିଶିଷ୍ଟ ରାସ୍ତା କରାଯାଇଥିବା କଥା ସ୍ଥାନୀୟ ବାସିନ୍ଦା ବେଣୁଧର ଜେନା, ବେଣୁଧର ସୋରେନ, ଦିଲ୍ଲୀପ ଦତ୍ତ, କାର୍ଯ୍ୟ ନିର୍ବାହୀ ଭବେଶ ଚରଣ ପାତ୍ର, ସରପଞ୍ଚଚମ୍ପାବତୀ ସରେନ ପ୍ରମୁଖ କହିଛନ୍ତି। ତେବେ ଏନେଇ ଉପନିର୍ବାହୀ ଯନ୍ତ୍ରୀ ପରିକ୍ଷିତ ମାହାଳିକଙ୍କୁ ପଚାରିବାରୁ, କୌଣସି ଚଞ୍ଚକତା ହୋଇନାହିଁ। ଯାହା କିଛି ହୋଇଛି ସରକାରୀ ନୀତିନିୟମ ଭିତରେ ହୋଇଛି, ବୋଲି ସୂଚନା ଦେଇଛନ୍ତି।

ସରକାରୀ ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଓ କରୋନା ସଚେତନତା

ଜଳେଶ୍ୱର,୧୦/୦୭ (ନି.ପ୍ର): ବାଲେଶ୍ୱର ସରକାରୀ ମେଡିକାଲ କ୍ରୀୟାନୁଷ୍ଠାନ କମିଟି ଜଳେଶ୍ୱର ଶାଖା ପକ୍ଷରୁ ଆଜି ଶୁକ୍ରବାର ଜଳେଶ୍ୱର ହାଟପଡିଆଠାରେ ଏକ ମାଗଣ ସ୍ୱାସ୍ଥ୍ୟ ଶିବିର ଓ କରୋନା ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ପଶ୍ଚିମବଂଗକୁ ଲାଗି ରହିଥିବା ଜଳେଶ୍ୱର ଅଂଚଳରେ କରୋନା ସଂକ୍ରମଣ କମୁନଥିବାରୁ ଲୋକମାନଙ୍କୁ ସଚେତନତା କରିଯିବାଲାଗି ଏହା ପ୍ରୟାସ ବୋଲି ଜଣାଯାଇଛି ।ଏହି ଶିବିରକୁ ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ । ଡାକ୍ତର ତାରାକାନ୍ତ ନନ୍ଦ ଲୋକମାନଙ୍କ ରୋଗ ନିରୂପଣ କରିଥିବା ବେଳେ କମିଟି ପକ୍ଷରୁ ମାକ୍ସ, ସେନିଟାଇଜର ବଣ୍ଟନ କରି କରୋନାର ସମ୍ଭାବ୍ୟ ୩ୟ ଲହର ସଂପର୍କରେ ସଚେତନ କରାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ କମିଟିର ଜିଲା ସଭାପତି ମମତା ମହାପାତ୍ର, ସାଧାରଣ ସଂପାଦକ ପ୍ରଦୀପ ଦାସ, ନିଳାଦ୍ରୀ ଭୂଷଣ ହୋତା, କୁମୁଦ ରଂଜନ ଗିରି, ଗୌରାଙ୍ଗ ପାଣିଗ୍ରାହୀ, ବିଷ୍ଣୁପଦ ମହାନ୍ତି, ଦିଲ୍ଲିପ ଗିରି, କମଳ ଚକ୍ରବର୍ତ୍ତୀ, ନିରଞ୍ଜନ ପରିଡା, ଅଜିତ୍ ମହାନ୍ତି, ସୁକୁମାର ରଣା, ତାରାକାନ୍ତ ନନ୍ଦ, ଅରୁଣ ବେଜ, ରମାକାନ୍ତ ଭଂଜ, କପିଳେଶ୍ୱର ମହାନ୍ତି, ହେମ ହରିପଦ ଦାସ, ତାରାପଦ ମହାନ୍ତି, ନବେନ୍ଦ୍ର ପ୍ରଧାନ, ମନୋରଂଜନ ଦାସ, ସୁଧିର ମହାନ୍ତି, ଅବନୀ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

ଦରଦାମ୍ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ସାଇକେଲ୍ ଶୋଭାଯାତ୍ରା ୧୪ରେ

ଭୁବନେଶ୍ୱର,୧୦/୦୭ (ନି.ପ୍ର): କେନ୍ଦ୍ର ଓ ରାଜ୍ୟ ସରକାର ଲୋକମାନଙ୍କୁ ଭୁଆଁ ବୁଲେଇ ପେଟ୍ରୋଲ ଡିଜେଲ ଆଉ ଗ୍ୟାସ୍ ଉପରେ ଟ୍ୟାକ୍ସ ମାଧ୍ୟମରେ ଅତ୍ୟଧିକ ଆଦାୟ କରି ଦର୍ ବୃଦ୍ଧି ପାଉଥିବାରୁ ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶଙ୍କ ନେତୃତ୍ୱରେ ଆସନ୍ତା ୧୪ ତାରିଖ ଦିନ ୧୦ ଘଟିକା ସମୟରେ ଏକ ସାଇକେଲ୍ ଶୋଭାଯାତ୍ରା ବାହାରି ଭୁବନେଶ୍ୱର ସହର ପରିକ୍ରମା କରିବ। ଆଜି ଏଥିପାଇଁ ଗୋଟିଏ ପ୍ରସ୍ତୁତି ବୈଠକ ଜିଲ୍ଲା ସଭାପତି ଶ୍ରୀ ଦାଶଙ୍କ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। ଏଥିରେ ବ୍ଲକ୍ ସଭାପତି ଅଶୋକ ଦାସ , ମନୋରଞ୍ଜନ ଜେନା , ଇନ୍ଦ୍ରଜିତ ପରିଡ଼ା, ଶ୍ରୀଧର ବାଳିଆରସିଂ, ମିହିର ଆଚାର୍ଯ୍ୟ, ପ୍ରଭାସ ମହାପାତ୍ର ଓ ଶୁଭ୍ରଜିତ ଲେଙ୍କା ପ୍ରମୁଖ ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ ।

ବିବାହ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ରୂପ୍‌ସା,୧୦/୦୭ (ନି.ପ୍ର): ହଳଦୀ ପଦା ପଞ୍ଚାୟତ ନୟାପଡ଼ା ଗ୍ରାମନିବାସୀ ଲକ୍ଷ୍ମୀଧଦର ମଲ୍ଲିକଙ୍କ ଜ୍ୟେଷ୍ଠପୁତ୍ର ଜିତେନ୍ଦ୍ର ମଲ୍ଲିକ ଏବଂ ତାଙ୍କର ସହଧର୍ମିଣୀ ଜସ୍ମିନ ମଲ୍ଲିକଙ୍କ ଶୁଭବିବାହ ଉପଲକ୍ଷେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରୂପ୍‌ସାର ଗଛମଣିଷ ରବିନ୍ଦ୍ର କୁମାର ବେହେରା ଓ ହଳଦୀପଦାର ପ୍ରକୃତି ବନ୍ଧୁ ଚୈତନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଚକ୍ରଧର ଆଚାର୍ଯ୍ୟ ବେଦପାଠ କରିଥିଲେ । ହଳଦିପଦା ପଞ୍ଚାୟତର ବିଜେପିର ପଞ୍ଚାୟତର ସଭାପତି ବିଦୟ କୁମାର ସାହୁ ଏବଂ ଅନ୍ୟମାନେ ଯଥା ୱାର୍ଡମେମ୍ବର କାର୍ତ୍ତିକ ଚନ୍ଦ୍ର ବେହେରା, ମଧୁସୂଦନ ସେଠୀ, ଟୁଟୁ ଜେନା, ଦୁଃଖିଶ୍ୟାମ ଜେନା, ପ୍ରଶାନ୍ତ ମଲ୍ଲିକ, ଅନ୍ତର୍ଯ୍ୟାମୀ ମହାପାତ୍ର, ନଗେନ୍ଦ୍ର ବାରିକ, ସତ୍ୟବାନ ଗିରି, ସଂଯୁକ୍ତା ମହାପାତ୍ର, ହରପ୍ରିୟା ବାରିକ, ବିଷ୍ଣୁପ୍ରିୟା ଗିରି କାର୍ଯ୍ୟକ୍ରମରେ ଯୋଗ ଦେବା ସହିତ ବହୁ ବନ୍ଧୁବାନ୍ଧବ ବରକନ୍ୟାଙ୍କୁ ଆଶୀର୍ବାଦ କରିବା ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗର ହାତ ବଢ଼ାଇଥିଲେ । ପରିଶେଷରେ ଆମ୍ବଗଡ଼ିଆ ବିକାଶ ପରିଷଦର ସଭାପତି ଅନ୍ତର୍ଯ୍ୟାମୀ ଧନ୍ୟବାଦ ଅର୍ପଣ କରିଥିଲେ ।

ବନ ମହୋତ୍ସବରେ ଜ୍ୟୋତିର୍ବିଦ ମନ୍ମଥ ମିଶ୍ରଙ୍କୁ ସମ୍ବର୍ଦ୍ଧିତ

ବାଲେଶ୍ୱର,୧୦/୦୭ (ନି.ପ୍ର): ନେହେରୁ ଯୁବ କେନ୍ଦ୍ର ସଂଗଠନ ଓ ଉତ୍କଳ କଲଚୁରାଲ ମିଳିତ ଉଦ୍ୟମରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଚାରା ଗଛ ଦିଗ୍ରହିଆ ଗ୍ରାମ ଖଣିଖମ୍ବ ଗ୍ରାମରେ ରୋପଣ ହୋଇଛି । ଏହି ବନମହୋତ୍ସବରେ ପଣ୍ଡିତ ମନ୍ମଥ ମିଶ୍ରଙ୍କୁ ବନ ମହୋତ୍ସବ ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନେହେରୁ ଯୁବ କେନ୍ଦ୍ର ସଂଗଠନର ଜିଲ୍ଲା ଯୁବ ଅଧିକାରୀ ରମେଶ କପୂର୍ ପଣ୍ଡିତ ମନ୍ମଥ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉତ୍କଳ କଲଚୁରାଲ୍ ଅଧକ୍ଷ ବିକ୍ରମ ବାରିକ୍ ଉପସ୍ଥିତ ଥିବାବେଳେ ନେହେରୁ ଯୁବ କେନ୍ଦ୍ର ସ୍ୱେଚ୍ଛାସେବୀ ପିତାମ୍ବର ପରିଡ଼ା, ପୂର୍ବତନ ସ୍ୱେଚ୍ଛାସେବୀ ଚନ୍ଦନ ମଲିକ୍, ମାନୁ, ପ୍ରଦୀପ ପ୍ରଧାନ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ତୁଲାଇଥିଲେ ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ହେର୍‌ଫେର୍ ନେଇ ଭାଜପାର ରାଜ୍ୟପାଳଙ୍କୁ ଦାବିପତ୍ର

ଉଦଳା,୧୦/୦୭ (ନି.ପ୍ର): ରାଜ୍ୟରେ ପ୍ରଧାନ ମନ୍ତ୍ରୀ ଆବାସ ଦୁର୍ନୀତିକୁ ନେଇ ଉଦଳାରେ ବିଜେପି ପକ୍ଷରୁ ବି.ଡି.ଓଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ଦାବିପତ୍ର,ପ୍ରଦାନ କରାଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରଞ୍ଜନ ମୋଦୀ, ସଦସ୍ୟା ପ୍ରମିଳା ପଣ୍ଡା, ବରିଷ୍ଠ ନେତା ଶରତ୍ ଚନ୍ଦ୍ର ଦାସ, ପ୍ରଭାତ୍ ପରିଡା, ଲକ୍ଷ୍ମଣ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ଭାଗିରଥି ସେଠୀ, ଦୟାନିଧି ମହାନ୍ତ, ଆଦର୍ଶ ଜେନା ଓ ଯୋଗେନ୍ଦ୍ର ସେନାପତି ଙ୍କ ସମେତ ବହୁ କର୍ମୀ ଉପସ୍ଥିତି ରେ ବି.ଡି.ଓ ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ୨୦୨୨ ମସିହା ସୁଦ୍ଧା ପ୍ରତ୍ୟେକ ଗରିବଙ୍କ ମୁଣ୍ଡ ଉପରେ ଏକ ଛାତ ଘର ରହୁ, ଏହା ଥିଲା ପ୍ରଧାନ ମନ୍ତ୍ରୀଙ୍କ ସ୍ୱପ୍ନ। ସେଥିପାଇଁ ଓଡିଶାକୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ୨୯.୯୧ ଲକ୍ଷ ପକ୍କା ଘର ପାଇଁ ଆବଶ୍ୟକ ସହାୟତା କେନ୍ଦ୍ର କରିଛି। ଏବେ ୮.୧୭ ଲକ୍ଷ ଘର ପାଇଁ ଆବଶ୍ୟକ ଅନୁଦାନ କେନ୍ଦ୍ର ସରକାର ଓଡିଶାକୁ ଯୋଗାଇ ଦେଇଛନ୍ତି। ତେବେ ଏହାର କାର୍ଯ୍ୟାନ୍ୱୟନ ଠିକ୍ ଭାବରେ ହେଇ ପାରିନାହିଁ। ପ୍ରକୃତ ହିତାଧିକାରୀ ଘର ନପାଇ ଅଯୋଗ୍ୟ ହିତାଧିକାରୀଙ୍କୁ ଏହା ଦିଆ ଯାଉଛି। ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ୧୦୦୦ କୋଟି ଟଙ୍କା ଦୁର୍ନୀତି ହୋଇଛି ବୋଲି କେନ୍ଦ୍ରୀୟ ଟିମ୍ ରିପୋର୍ଟ ଦେଇଛି।

ରାଷ୍ଟ୍ରୀୟ ଲୋକ ଅଦାଲତ

ଜଳେଶ୍ୱର,୧୦/୦୭ (ନି.ପ୍ର): ଆଜି ଜଳେଶ୍ୱର କୋର୍ଟ ପରିସରରେ ରାଷ୍ଟ୍ରିୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜେଏମ୍ଏଫସି କୋର୍ଟରେ ୯ଟି ଏନ୍.ଆଇ ଏକ୍ଟ କେସ୍, ସିଭିଲ ଜଜ୍ (ସିନିୟର) ଡିଭିଜନ୍ ଅଦାଲତରେ ୩୬ଟି କେଶ, ଜୁନିୟର ଡିଭିଜନ୍ କୋର୍ଟରେ ୬୪ଟି କେଶ ଫଇସଲା ହୋଇଛି । ସବ୍ ଜଜ୍ ଇନ୍ଦିରା ପ୍ରିୟଦର୍ଶନୀ, ଜୁନିୟର ସିଭିଲ ଜଜ୍ ପାର୍ଥ ପ୍ରତିକ୍, ଜେଏମ୍ଏଫ୍‌ସି ଇରା ପଟ୍ଟନାୟକ ଉପସ୍ଥିତ ଥିବା ବେଳେ ସରକାରୀ ଓକିଲ ପତିତ ପାବନ ପ୍ରଧାନ, ସୁବୋଧ ଗିରି, ବିରେନ୍ଦ୍ର ମହାନ୍ତି, ରବିନ୍ ଦାସ, ଏସାକ୍ ବେଗ୍, ସୀତାଂଶୁ ଦାସ, ସୁନିଲ ଜେନା, ପ୍ରଣୟ ନାୟକ ପ୍ରମୁଖ ସହଯୋଗ କରିଥିଲେ । ଏଥିରେ ମୋଟ ୮ଲକ୍ଷ ୪୨ହଜାର ୧୮୫ଟଙ୍କା ଆପୋଶ ବୁଝାମଣାରେ ଆଦାୟ ହୋଇଥିଲା ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତିକୁ ନେଇ ବ୍ଲକ ଘେରାଓ

ଜଳେଶ୍ୱର,୧୦/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ କାର୍ଯ୍ୟାଳୟ ନିକଟରେ ଭାରତୀୟ ଜନତାପାଟୀ ପକ୍ଷରୁ ବିକ୍ଷୋଭ ଓ ବ୍ଲକ ଘେରାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପ୍ରକୃତ ହୀତାଧିକାରୀଙ୍କୁ ଗୃହ ନ ଦିଆଯାଇ ଚଞ୍ଚକତା କରାଯାଉଥିବା ନେଇ କେନ୍ଦ୍ରୀୟ ଟିମ୍ ଦେଇଥିବା ରିପୋର୍ଟ ଅନୁସାରେ ରାଜ୍ୟରେ ୧୦୦୦ କୋଟି ଟଙ୍କାର ଦୁର୍ନିତୀ ସମ୍ପର୍କରେ ନେତୃବୃନ୍ଦ ବକ୍ତବ୍ୟ ରଖିଥିଲେ । ତ୍ରୁଟିପୂର୍ଣ୍ଣ ତାଲିକା ଅନୁଯାୟୀ ଆବାସଗୃହ ବଣ୍ଟନ କରାଯାଉଥିବା ବିରୋଧରେ ଆଜି ବ୍ଲକ ଘେରାଓ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜୋନ୍ ସଭାପତି ମନୋଜ ସାସମଲ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସଂପାଦିକା ସିପ୍ରା ବାଜପେୟୀ, ୯ନଂ ଜୋନ୍ ସଭାପତି ତପନ ବିଶ୍ୱାଳ, ୮ନଂ ଜୋନ୍ ସଭାପତି ପ୍ରଣବ ପଣ୍ଡା, ୧୦ନଂ ଜୋନ୍ ସଭାପତି ପ୍ରତାପ ସେନାପତି, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ରାଜ୍ୟ ପରିଷଦ ସଦସ୍ୟ ସମୀର ପାତ୍ର, ଅରୁଣ ବେଜ, ଚନ୍ଦ୍ର ଶେଖର ନନ୍ଦ, ମିଡିଓ ସଂଯୋଜକ ସୁବ୍ରତ ଘୋଷ, ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀ, ଜିଲା ଉପସଭାପତି ସାବିତ୍ରୀ ଜେନା, ସୁମତୀ ଦେ, ଦେବୁ ଦତ୍ତ, ଆଦିତ୍ୟ ନାରାୟଣ ପାତ୍ର, ବିଶ୍ୱରୂପ ଦାସ, ରବିନ୍ଦ୍ର ଜେନା ପ୍ରମୁଖ ବହୁ କର୍ମୀଙ୍କ ଉପସ୍ଥିତ ଥିଲେ ।

କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୨୦ ଗିରଫ

ଭୁବନେଶ୍ୱର,୧୦/୦୭ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୨୦ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୩୫ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୩,୪୭,୫୦୦ଟଙ୍କା। ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

ଜଳେଶ୍ୱରରେ ନୂତନ ସିଡିପିଓଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର,୧୦/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକରେ ଆଜି ଶୁକ୍ରବାର ନୂତନ ସିଡିପିଓ ଭାବେ ହୋଇ ନିହାରୀକା ମହାନ୍ତି ଯୋଗ ଦେଇଛନ୍ତି । ସେ ବାରଙ୍ଗରୁ ବଦଳି ହୋଇ ଏଠାକୁ ଆସିବାପରେ କାର୍ଯ୍ୟାଳୟର ମୁଖ୍ୟ ପରିଦର୍ଶିକା ବିନତା ସିଂ, ରାଜେଶ ଭଂଜ, ବୁଦ୍ଧିରାମ ସିଂ, ଅଙ୍ଗନୱାଡି ସଂଘ ନେତ୍ରୀ ଲକ୍ଷ୍ମୀପ୍ରିୟା ଦାସ, ସବିତା ପରିଡା, ବନଜା ଦାସ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ, କଳ୍ପନା ଦେ, ଛବିରାଣୀ ପରିଡା, ନମିତା ହୁଇ, ଚନ୍ଦନା ମହାନ୍ତି, ତୃପ୍ତିରାଣୀ ମହାନ୍ତି, ପ୍ରଣିତା ପ୍ରଧାନ, କୁନ୍ତଳା ପାତ୍ର, ସଂଧ୍ୟାରାଣୀ ଜେନା, ମମତା ଦାସମହାପାତ୍ର, ସୁଚିତ୍ରା ଆସ, ଚମ୍ପାବତି ନାଗ, ସ୍ୱାଗତିକା ଜେନା, ମିନତୀ ପାଣିଗ୍ରାହୀ, ତାରାରାଣୀ ଜେନା, ସ୍ୱର୍ଣ୍ଣଲତା ପ୍ରଧାନ, ତପସ୍ୱିନୀ ଦାସ, ଜୟଶ୍ରୀ ସିଂହ, କଳ୍ପନା ନନ୍ଦୀ, ମମତା ରାଉତ, ମମତା ସାହୁଙ୍କ ସହିତ ବହୁ କର୍ମୀ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସେ ଜଳେଶ୍ୱରରେ ଆସିଡିଏସ୍‌ର ବାକି ଥିବା କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ସହିତ ସମସ୍ତଙ୍କ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବେ ବୋଲି ସାମ୍ବାଦିକ ମାନଙ୍କୁ କହିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

ବାମପନ୍ଥୀଙ୍କ 'ଓଡ଼ିଶା ବନ୍ଦ' ଡାକରାକୁ ....

ବିଭିନ୍ନ ଗଣ ସଂଗଠନମାନଙ୍କର ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ମିଳିତ ବୈଠକରେ ଏଆଇଟିୟୁସି ପକ୍ଷରୁ ରାମକୃଷ୍ଣ ପଣ୍ଡା, ନାରାୟଣ ରେଡ୍ଡି ଓ ବିଜୟ ଜେନା, ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ, ବିକେଏମୟୁର ରାଜ୍ୟ ସମ୍ପାଦକ ସୁର ଜେନା, ଅଖିଳ ଭାରତ ଯୁବ ସଂଘର ରାଜ୍ୟ ସମ୍ପାଦକ ଅବକାଶ ସାହୁ, ଏଆଇଏସଏଫର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନା, ଶିକ୍ଷକ ମହାସଂଘର ଡ. ଅମୀୟ ମହାନ୍ତି ଓ ଉତ୍କଳ ମହିଳା ସମିତିର ସଭାନେତ୍ରୀ ପ୍ରମୋଦିନୀ ପାଇକରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି ବୈଠକରେ ଗୃହୀତ ପ୍ରସ୍ତାବରେ କୁହାଯାଇଛି– ଅତ୍ୟଧିକ ଟିକସ ଯୋଗୁଁ ଡିଜେଲ ଓ ପେଟ୍ରୋଲ ଦର ୧୦୦ ଟଙ୍କା ଟପିଲାଣି। ମଧ୍ୟବିତ, କର୍ମଚାରୀ, ଛାତ୍ର ଓ ଯୁବକ ସମସ୍ତେ ଏଥିରେ ପ୍ରଭାବିତ। ଏହା ସାଙ୍ଗକୁ ଖାଇବା ତେଲ, ଡାଲି, ଆଳୁ, ପିଆଜ, ଚିନି, ଔଷଧ ପ୍ରଭୃତି ନିତ୍ୟବ୍ୟବହାର୍ଯ୍ୟ ଜିନିଷର ମାତ୍ରାଧିକ ଦର ବୃଦ୍ଧି ସାଧାରଣ ମଣିଷର ତେଲ ଲୁଣର ସଂସାରକୁ ଉଚ୍ଛନ୍ନ କରିଦେଲାଣି। ଏଣୁ ଏହିସବୁ ସଂଗଠନର କର୍ମୀମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ବନ୍ଦରେ ସାମିଲ ହେବେ ବୋଲି ଘୋଷଣା କରିବା ସହିତ ବ୍ୟାଙ୍କ, ବୀମା ଓ ଅନ୍ୟାନ୍ୟ ସେକ୍ଟରର କର୍ମଚାରୀ ସଂଗଠନମାନ ବନ୍ଦକୁ ସମର୍ଥନ ଓ ଏଥିରେ ସାମିଲ ହେବା ପାଇଁ ନିବେଦନ କରିଛନ୍ତି।

ଦୁଇରୁ ଅଧିକ ସନ୍ତାନ ଥିଲେ....

ପୂର୍ଣ୍ଣ ବୈତନିକ ଛୁଟି ମଧ ମିଳିବ, ଜାତୀୟ ପେନସନ ଯୋଜନାରେ କର୍ମଚାରୀଙ୍କ ଅଂଶ ୩ ପ୍ରତିଶତ ବୃଦ୍ଧି ପାଇବ, ବିଲ୍ ପାରିତ ହୋଇ ଆଇନରେ ପରିଣତ ହେଲେ ଏହାକୁ କାର୍ଯ୍ୟକାରୀ କରିବାକୁ ଷ୍ଟେଟ୍ ପପୁଲେସନ ଫଣ୍ଡ ତିଆରି ହେବ । ସେହିଭଳି, ଜନସଂଖ୍ୟା ନିୟନ୍ତ୍ରଣ ବାବଦରେ ବିଷୟକୁ ସ୍କୁଲ ସ୍ତରରେ ବାଧ୍ୟତାମୂଳକ କରିବା କଥା ବି ଉଲ୍ଲେଖ ଅଛି । ଡ୍ରାଫ୍ଟ ବିଲରେ କୁହାଯାଇଛି ଯେ, ଉତ୍ତରପ୍ରଦେଶରେ ସୀମିତ ଅର୍ଥନୈତିକ ସମ୍ବଳ ରହିଛି । ପ୍ରତିଟି ମଣିଷକୁ ଖାଦ୍ୟ, ପିଇବା ପାଣି, ଭଲ ଘର, ଗୁଣାତ୍ମକ ଶିକ୍ଷା ଯୋଗାଇବା ଜରୁରୀ, ଘରୋଇ କ୍ଷେତ୍ରକୁ ବିଜୁଳି, ଅର୍ଥନୈତିକ ଓ ଜୀବନ ଜୀବିକା ସୁଯୋଗ ଦେବା କଥା, ସମସ୍ତ ବ୍ୟକ୍ତିଙ୍କୁ ସୁରକ୍ଷିତ ଏବଂ ସୁଗମ ଜୀବନ ଉପଲବ୍ଧ କରାଇବା ସରକାରଙ୍କ କାମ, ସାମୁହିକ ବିକାଶକୁ ଆଖି ଆଗରେ ରଖି ଜନସଂଖ୍ୟା ନିୟନ୍ତ୍ରଣ ଏବଂ ଏଥିରେ ସ୍ଥିରତା ଆଣିବା ନିହାତି ଜରୁରୀ ବୋଲି ଯୁକ୍ତି ଦର୍ଶାଇ ଏହି ବିଲକୁ ତିଆରି କରାଯାଇଥିବା ବେଳେ ଏହାକୁ ମୁସଲିମ୍ ବିରୋଧୀ ଭାବେ ଅଭିହିତ କରି ଆନ୍ଦୋଳନ ଆରମ୍ଭ ହୋଇଛି । ୨୦୨୨ରେ ହେବାକୁ ଥିବା ନିର୍ବାଚନ ଆଗରୁ ନିଜର ବିଫଳତା ଲୁଚାଇ ଭୋଟ ଧ୍ରୁବୀକରଣ କରିବାର ଏହା ଏକ ମାଧ୍ୟମ ବୋଲି ଚର୍ଚ୍ଚା ଆରମ୍ଭ ହୋଇଛି ।

ଦିନକ ପରେ ବଡ଼ ଦାଣ୍ଡରେ....

ଏବେ ସେ ୱାଇଜିଏଲପି ଅଫିସରେ ଚାକିରି କରନ୍ତି ହେଲେ ରଥ ସମୟରେ ଚାକିରିରୁ ଦୁଇ ମାସ ଛୁଟି ନେଇ ରଥଖଳାକୁ ଆସି କାଠ ଚିରା କାମରେ ନିୟୋଜିତ ରୁହନ୍ତି । ଏସବୁ ଭିତରେ ରଥଯାତ୍ରାର ସୁରକ୍ଷା ନେଇ ଆଜି ସମୀକ୍ଷା କରାଯାଇଛି । ରଥଯାତ୍ରା ପାଇଁ ପୁରୀ ସହରରେ ମୂତୟନ ହେବେ ୬୫ ପ୍ଲାଟୁନ ଫୋର୍ସ । ସହରକୁ ୧୨ଟି ଜୋନ କରାଯିବ ସହ ସହରର ମୁଖ୍ୟ ପ୍ରବେଶ ପଥ ଓ ବଡ଼ଦାଣ୍ଡ ଛାତ ଉପରେ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ମୂତୟନ ହେବେ । ଶ୍ରୀମନ୍ଦିରରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ୪ଜୋନ ଓ ସହର ଚତୁଃପାଶ୍ୱର୍କୁ ୮ଟି ଜୋନରେ ବିଭକ୍ତ କରାଯାଇଛି ।

ଗୋଟିଏ ଦିନରେ ୨୩୩୪କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୦/୦୭ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୩୩୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୩୭୪୭୦ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ୯୦୬୫୧୯ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୨୬୩୬୪ ରହିଛି। ଆଜି ଚିହ୍ନଟ ହୋଇଥିବା ୨୩୩୪ ଜଣଙ୍କ ମଧ୍ୟରୁ ୧୩୪୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୯୯୨ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୫୨୯ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୬୪ ଜଣ, ବରଗଡ଼ରୁ ୧୭ ଜଣ, ଭଦ୍ରକରୁ ୧୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୩, କଟକରୁ ୩୭୧, ଦେବଗଡ ଜିଲ୍ଲାରୁ ୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୩୪ ଜଣ, ଗଜପତି ଜିଲ୍ଲାରୁ ୨ , ଗଞ୍ଜାମରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୦୧ ଜଣ, ଯାଜପୁରରୁ ୧୭୯ ଜଣ, ଝାରସୁଗୁଡ଼ାରୁ ୬ ଜଣ, କଳାହାଣ୍ଡିରୁ ୯ ଜଣ, କନ୍ଧମାଳ ଜିଲ୍ଲାରୁ ୨୯ ଜଣ. କେନ୍ଦ୍ରାପଡ଼ାରୁ ୧୯୬ ଜଣ, କେନ୍ଦୁଝରରୁ ୫୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୩୮୦ ଜଣ, କୋରାପୁଟରୁ ୧୯ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୧୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୧୦୪ ଜଣ, ନବରଙ୍ଗପୁରରୁ ୦୭ ଜଣ, ନୟାଗଡ଼ରୁ ୯୪ ଜଣ, ନୂଆପଡ଼ାରୁ ୩ ଜଣ, ପୁରୀରୁ ୧୦୬ ଜଣ, ରାୟଗଡ଼ାରୁ ୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୨୧ ଜଣ, ସୋନପୁରରୁ ୧୨ ଜଣ, ସୁନ୍ଦରଗଡ଼ରୁ ୮୭ ଜଣ ଓ ଷ୍ଟେଟ୍ ପୁଲରୁ ୭୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

ପାଣିରେ ପଡି ଦୁଇ ଜଣଙ୍କର ମୃତ୍ୟୁ

ବାଲିଆପାଳ,୧୦/୦୭ (ନି.ପ୍ର): ଆଜି ପାଣିରେ ବୁଡି ବାଲିଆପାଳ ଅଂଚଳର ଜଣେ ରାସମିସ୍ତ୍ରୀ ଓ ଜଣେ ଶିଶୁର ମୃତ୍ୟୁ ହୋଇଛି । ରାଜମିସ୍ତ୍ରୀ ଜଣଙ୍କ ହେଲେ ଜାମକୁଣ୍ଡା ପଂଚାୟୟତ ପାଳ ଜାମକୁଣ୍ଡା ଗ୍ରାମର ଶଶିଭୂଷଣ ଜେନାଙ୍କ ପୁଅ ସନ୍ତୋଷ ଜେନା(୪୨)। ସନ୍ତୋଷ ତାଳପଦା ଗ୍ରାମକୁ କାମ କରିବାକୁ ଯାଇଥିଲେ । ମଧ୍ୟାହ୍ନରେ ପକ୍କା କାର୍ଯ୍ୟପାଇଁ ଏକ ପୋଖରୀରୁ ପାଣି ଆଣିବା ପାଇଁ ଲାଗିଥିବା ପମ୍ପ ଖରାପ ହେବାରୁ ମରାମତି କରିବାକୁ ଯାଇଥିଲେ । ତେବେ ବହୁତ ସମୟ ଧରି ସେ ନ ଫେରିବାରୁ ତାଙ୍କ ସହ ଯୋଗୀ ମାନେ ଖୋଜା ଖୋଜି କରିବାରୁ ପୋଖରୀ ପାଣିରେ ତାଙ୍କର ମୃତଦେହ ସନ୍ଦେହ ଜନକ ଭାବରେ ଭାସୁଥିବାର ଦେଖିବାକୁ ମିଳିଥିଲ । ଏନେଇ ଜାମକୁଣ୍ଡା ଫାଣ୍ଡିରେ ୨୩/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବବ୍ୟବଚ୍ଛେଦ କରାଯାଇଛି । ସେହିପରି ପ୍ରତାପପୁର ପଂଚାୟତର ପ୍ରତାପୁର ଗ୍ରାମର କ୍ଷୀତିଶ ଜେନାଙ୍କର ୨ ବର୍ଷର ଶିଶୁ ପୁତ୍ର ବାବୁ ଜେନା ପାଣିରେ ବୁଡି ମୃତ୍ୟୁ ବରଣ କରିଛନ୍ତି । ବାବୁ ଘର ଅଗଣାରେ ଖେଳୁଥିବା ବେଳେ ନିକଟସ୍ଥ ପୋଖରୀ ପାଣିକୁ ଚାଲିଯାଇଥିଲା । ପରିବାର ଲୋକ ଖୋଜା ଖୋଜି କରିବାରୁ ତାର ମୃତ୍ୟୁ ଦେହ ପାଣିରେ ଭାସୁଥିବା ଦେଖିବାକୁ ମିଳିଥିଲା । ତାଙ୍କୁ ପାଣିରୁ ଉଠାଇ ନିକଟସ୍ଥ ପ୍ରତାପପୁର ଡାକ୍ତରଖାନାକୁ ନିଆଯାଇଥିଲେ ମଧ ସେତେ ବେଳେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ ।

କରୋନାରୁ ସୁସ୍ଥ ହେଲେ ଆଉ ୩୧୨୦ ଆକ୍ରାନ୍ତ

ଭୁବନେଶ୍ୱର,୧୦/୦୭ (ନି.ପ୍ର): ରାଜ୍ୟରେ ଆଜି କରୋନା ସଂକ୍ରମଣରୁ ୩୧୨୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୯୦୯୬୩୯ରେ ପହଂଚିଛି ।ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ କଟକ ଜିଲ୍ଲାରୁ ସର୍ବାଧିକ ୫୯୫ ଜଣ ଓ ଖୋର୍ଦ୍ଧା ଜିଲ୍ଲାରୁ ୫୪୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ବାଲେଶ୍ୱରରୁ ୨୫୮, ଯାଜପୁରରୁ ୨୦୪, ମୟୂରଭଂଜରୁ ୧୯୩, ପୁରୀରୁ ୧୭୯, ଭଦ୍ରକରୁ ୧୪୪, ନୟାଗଡ଼ରୁ ୧୦୪, ଜଗତସିଂହପୁରରୁ ୮୭, କୋରାପୁଟରୁ ୭୭ ଓ କେନ୍ଦ୍ରାପଡ଼ାରୁ ୭୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ମାଲକାନଗିରି ଜିଲ୍ଲାରୁ ୬୪, ଅନୁଗୁଳରୁ ୬୧, ଢେଙ୍କାନାଳରୁ ୫୮, ସୁନ୍ଦରଗଡ଼ରୁ ୫୩, ରାୟଗଡ଼ାରୁ ୫୧, କେନ୍ଦୁଝରରୁ ୫୦, କନ୍ଧମାଳରୁ ୩୭, ବରଗଡ଼ରୁ ୩୪, ନବରଂଗପୁରରୁ ୩୩, ବଲାଙ୍ଗୀରରୁ ୨୫, ସମ୍ବଲପୁରରୁ ୧୮, କଳାହାଣ୍ଡିରୁ ୧୬, ସୁବର୍ଣ୍ଣପୁରରୁ ୧୪, ଗଂଜାମ ଏବଂ ଝାରସୁଗୁଡାରୁ ୧୦ ଜଣ ଲେଖାଏଁ, ବୌଦ୍ଧରୁ ୯, ନୂଆପଡ଼ାରୁ ୮, ଦେବଗଡ଼ରୁ ୭, ଗଜପତିରୁ ୬ ଏବଂ ରାଜ୍ୟପୁଲରୁ ୯୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି ।

ବାଲେଶ୍ୱରରେ ପ୍ରଭାବହୀନ ସପ୍ତାହାନ୍ତ ବନ୍ଦ

ବାଲେଶ୍ୱର,୧୦/୦୭ (ନି.ପ୍ର): କରୋନା ସଂକ୍ରମଣ ହ୍ରାସ ପାଇଁ ସରକାରଙ୍କ ପକ୍ଷରୁ ତାଲାବନ୍ଦ ସାଙ୍ଗକୁ ତୃତୀୟ ପର୍ଯ୍ୟାୟରେ ବି ଜାରି ହୋଇଥିବା ସପ୍ତାହାନ୍ତ ବନ୍ଦ ବାଲେଶ୍ୱରରେ ପ୍ରଭାବଶୂନ୍ୟ ପରିଲକ୍ଷିତ ହୋଇଛି। ଆଜିଥିଲା ଜୁଲାଇ ମାସର ଦୁଇଦିନିଆ ଦ୍ୱିତୀୟ ସପ୍ତାହାନ୍ତ ବନ୍ଦର ପ୍ରଥମ ଦିବସ। ଜିଲାର ବାଲେଶ୍ୱର, ନୀଳଗିରି, ସୋର ଓ ଜଳେଶ୍ୱର ପ୍ରଭୃତି ୪ ସହରାଞ୍ଚଳ ସମେତ ତତସଂଲଗ୍ନ ଗ୍ରାମାଞ୍ଚଳରେ ବି ବଳବତ୍ତର ରହଛି। ବାଲେଶ୍ୱର ସହର ଉପକଣ୍ଠ ଫୁଲାଡ଼ି, ନଗ୍ରମ, ସାରଗାଁ ପଂଚାୟତ, ପାତ୍ରପଡ଼ା ଓ ଗବଗାଁ, ରେମୁଣା ବଜାର ଓ ଗୋଲେଇ ଅଂଚଳ ସମେତ ଗନିପୁର, ଶ୍ରୀକୃଷ୍ଣପୁର, କୁରୁଡା, ବାଲିଆ, ସରସ୍ୱତୀପୁର, ଭୀମପୁରା, ଗଣେଶ୍ୱରପୁର, କରଞ୍ଜିଆ, ହରିପୁର ପ୍ରଭୃତି ପଂଆୟତରେ ମଧ ଏହି କଟକଣା ଲାଗୁ ହୋଇଛି। ତେବେ ପ୍ରଥମ ଲହର କରୋନା କାଳର ସପ୍ତାହାନ୍ତ ବନ୍ଦ ଭଳି ଦ୍ୱିତୀୟ ଲହରରେ ଏହା ବିଶେଷ ଫଳପ୍ରଦ ହୋଇନଥିବା ଲକ୍ଷ୍ୟ କରାଯାଇଛି। ପ୍ରଥମେ ପ୍ରଥମେ ଏହି କଟକଣା ଲାଗୁ ବେଳେ ଜନସାଧାରଣ ଯେଭଳି ଗୁରୁତ୍ୱ ଦେଉଥିଲେ ଏବେ ତାହା ଦେଖିବାକୁ ମିଳୁନାହିଁ। ଦୈନନ୍ଦିନ ଜୀବନଚର୍ଯ୍ୟା ଭଳି ଲୋକେ ନିଃଶଙ୍କୋଚରେ ସହର ରାସ୍ତାରେ ଯାନବାହ ଚଳାଇ ବୁଲାବୁଲି କରୁରଥିବା ବେଳେ ରାସ୍ତାପାର୍ଶ୍ୱ ଦୋକାନୀ ବି ଛକଛାକରେ ଜିନିଷପତ୍ର ବିକ୍ରି କରୁଛନ୍ତି। ପୂର୍ବରୁ କାଁ ଭାଁ ପୁଲିସ ଗାଡ଼ି ଯା'ଆସ କରୁଥିବା ବେଳେ ଏବେ ତାହା ମଧ୍ୟ ଦେଖିବାକୁ ମିଳୁନାହିଁ। ଜିଲା ପୁଲିସ କିମ୍ବା ପ୍ରଶାସନ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ଲକ୍ଷ୍ୟ କରାଯାଇଛି। ଅନ୍ୟପକ୍ଷରେ ସହର ପାଖାପାଖି ପଞ୍ଚାୟତ ଅଞ୍ଚଳରେ ସପ୍ତାହାନ୍ତ ବନ୍ଦର ଚିହ୍ନବର୍ଣ୍ଣ ନଥିବା ଭଳି ଜଣାପଡୁଛି। ଅଧିକାଂଶ ଦୋକାନର ସଟର ଅଧା ଖୋଲା ରଖି ବ୍ୟବସାୟୀମାନେ ଗ୍ରାହକଙ୍କୁ ସାମଗ୍ରୀ ବିକ୍ରି କରୁଥିବା ବେଳେ ଛକମାନଙ୍କରେ ଲୋକେ ତାସପାଲିର ଆସର ମଧ୍ୟ ଜମେଇ ଦେଉଛନ୍ତି। ପରବର୍ତ୍ତୀ ସମୟରେ ପୁଣି ଖୋଲା ମେଲା ସ୍ଥିତି ଦେଖିବାକୁ ମିଳୁଛି। ମୋଟ ଉପରେ ତାଲାବନ୍ଦ ଭଳି ସପ୍ତାହାନ୍ତ ସଟଡାଉନରେ ବି ସାହାଣ ମେଲା ସ୍ଥିତି ଲକ୍ଷ୍ୟ କରାଯାଇଛି।

ବାଲେଶ୍ୱରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଫଇସଲା ହେଲା ୩୮୮ ମାମଲା

ବାଲେଶ୍ୱର,୧୦/୦୭ (ନି.ପ୍ର): ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବାଲେଶ୍ୱରରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲାଜଜ କୋର୍ଟ, ତାଲୁକ ଆଇନସେବା କେନ୍ଦ୍ର ଜଳେଶ୍ୱର, ସୋର, ନୀଳଗିରୀ, ବସ୍ତା ଏବଂ ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲା ଓ ଦୌରାଜଜ ହିରଣ୍ମୟ ବିଶୋଇଙ୍କ ଅଧ୍ୟକ୍ଷତାରେ ଏହି ଲୋକ ଅଦାଲତ ଆୟୋଜିତ ହୋଇଥିଲା। ଜିଲା ଏବଂ ଦୌରା ଜଜଙ୍କ ସମେତ ଅନ୍ୟାନ୍ୟ ସମସ୍ତ ବିଚାର ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦାନ କରିଥିଲେ। ଏହି ଲୋକ ଅଦାଲତରେ ଫଇସଲା ହୋଇଥିବା ମୋଟ ୩୮୮ ମାମଲା ମଧ୍ୟରେ ଦେଓାନୀ-୨୩୪, ଚେକ୍ ବାଉନସ ମାମଲା-୩୨, ବ୍ୟାଙ୍କ ରିକଭରି ମାମଲା-୦୭, ମୋଟରଯାନ ଦୁର୍ଘଟଣା ମାମଲା-୬୩, ବୈବାହିକ ବିବାଦ ମୋକଦ୍ଦମା ୨୪, କ୍ରିମିନାଲ କମ୍ପାଉଂଡେବଲ-୧୭, ଏକ୍‌ଜ୍ୟକ୍ୟୁସନ-୧୧ଟି ମାମଲା ରହିଛି। ଫଇସଲା ମାମଲା ମଧ୍ୟରୁ ଚେକ ବାଉନସରୁ ୧,୧୫,୭୪,୦,୬୩ ଟଙ୍କା, ବ୍ୟାଙ୍କ ଋଣ ଆଦାୟ ମାମଲା ବାବଦକୁ ୧୪,୬୩,୯୨୬ ଟଙ୍କା, ମୋଟର ଜନିତ ଦୁର୍ଘଟଣା ମାମଲା ବାବଦକୁ ୩,୮୯,୬୫,୦୦୦ ଟଙ୍କା ଆଦାୟ କରାଯାଇଥିଲା। ଏହା ବ୍ୟତୀତ ପ୍ରାକ ମୋକଦ୍ଦମା ଜନିତ ୧୩୫ଟି ବ୍ୟାଙ୍କ ମୋକଦ୍ଦମା ଫଇସାଲା କରାଯାଇ ୩୬,୯୪,୦୦୦ ଟଙ୍କା ଆଦାୟ କରାଯାଇଛି । ଏଥି ସହିତ ଟେଲିଫୋନ ଏବଂ ଅନ୍ୟାନ୍ୟ ୧୧ ଗୋଟି ମାମଲା ଇସାଲା କରାଯାଇଅଛି। ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ବିଜୟ କୁମାର ଦାସ ପରିଚାଳନା କରିଥିଲେ।

୨ଶହ ନିମ୍ନରେ ବାଲେଶ୍ୱର ଦୈନିକ କରୋନା ସଂକ୍ରମଣ

୨୪ ଘଣ୍ଟାରେ ୧୬୪ ସଂକ୍ରମିତ ଓ ସୁସ୍ଥ ୨୫୮

ବାଲେଶ୍ୱର,୧୦/୦୭ (ନି.ପ୍ର): ବାଲେଶ୍ୱରରେ କରୋନା ସଂକ୍ରମଣ ଗତ କିଛିଦିନ ଧରିର ୨ଶହ ତଳେ ରହିବା ନେଇ ସବୁ ମହଲରେ ଆଶ୍ୱସ୍ତି ପ୍ରକାଶ ପାଇଛି । ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜିଲାର ବିଭିନ୍ନ ଅଞ୍ଚଳରୁ ୧୬୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରେ ବାଲେଶ୍ୱର ସହରର ଗୋପାଳଗାଁରୁ ୭ଜଣ, ମୋତିଗଞ୍ଜରୁ ୭, ସହଦେବଖୁଣ୍ଟାରୁ ୨, ଫକୀର ମୋହନ ଗୋଲେଇରୁ ୨, ମାକଲପୁରରୁ ୨ ଓ କାଦରାବାଦରୁ ୨ଜଣଙ୍କ ସମେତ ଆକତପୁର, ବାରବାଟୀ, ରେଲୱେ କଲୋନୀ, ଫକୀରମୋହନ ନଗର, ଆଇଟିଆଇ ଛକ, ମାନସିଂବଜାର, ପଡୁଆଁପଦା, ପୋଲିସ ଲାଇନ, ବଟେଶ୍ୱର, ଖପରାପଦା, ସେଲ୍ସ ଟ୍ୟାକ୍ସ କଲୋନୀ, ଶୋଭାରାମପୁର ପ୍ରଭୃତି ଅଞ୍ଚଳରୁ ଜଣେ ଲେଖାଏଁ ସଂକ୍ରମିତ ରହିଛନ୍ତି। ସେହିଭଳି ବାହାନଗା ବ୍ଲକରୁ ୪ଜଣ, ବାଲିଆପାଳରୁ ୧୪, ବସ୍ତାରୁ ୯, ଭୋଗରାଇରୁ ୨୭, ଜଳେଶ୍ୱରରୁ ୨୬, ଖଇରାରୁ ଜଣେ, ନୀଳଗିରରୁ ୯, ଔପଦାରୁ ୫, ରେମୁଣାରୁ ୨୪, ସଦରରୁ ୮, ସିମୁଳିଆରୁ ୨ ଓ ସୋରରୁ ଜଣେ ନୂଆ ସଂକ୍ରମିତ ଭାବେ ଚିହ୍ନଟ ହୋଇଛନ୍ତି। ତେବେ ସମସ୍ତ ନୂଆ ସଂକ୍ରମିତ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା କୁହାଯାଇଛି। ଅଦ୍ୟାବଧି ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୩୫,୫୧୭ରେ ପହଞ୍ଚିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ୨୫୮ଜଣ ସୁସ୍ଥ ହୋଇଛନ୍ତି। ଏବେ ସୁଦ୍ଧା ଜିଲାରେ ମୋଟ ୩୩,୪୩୬ଜଣ ସଂକ୍ରମିତ ସୁସ୍ଥ ହୋଇଥିବା ସରକାରୀ ଭାବେ କୁହାଯାଇଛି। ଏବେ ସକ୍ରିୟ ଥିବା ୧,୯୪୨ଜଣ କରୋନା ଆକ୍ରାନ୍ତଙ୍କ ମଧ୍ୟରୁ ୧,୮୪୧ଜଣ ଗୃହ ସଙ୍ଗରୋଧରେ ଏବଂ ୧୦୧ଜଣ କୋଭିଡ ଡାକ୍ତରଖାନା ଓ କୋଭିଡ ଯତ୍ନ କେନ୍ଦ୍ର ରହି ଚିକିତ୍ସିତ ହେଉଛନ୍ତି। ତେବେ ଗତ ୨୪ ଘଣ୍ଟା ମଧ୍ୟରେ କରୋନା ଆକ୍ରାନ୍ତ କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇ ନ ଥିବା ବେଳେ ଜିଲାରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୩୪ରେ ସ୍ଥିର ରହିଛି। ଅନ୍ୟପକ୍ଷରେ ଟିକା ଅଭାବରୁ ବାଲେଶ୍ୱରରେ ସାମୂହିକ ଟିକାକରଣ ଏବେ ବନ୍ଦ ରହିଛି।

ବାରିପଦା ରକ୍ତଭଣ୍ଡାରରେ ଅଗ୍ନିକାଣ୍ଡ : ଜଳିଗଲା ଲକ୍ଷାଧିକ ଟଙ୍କାର ଜିନିଷ

ବାରିପଦା,୧୦/୦୭ (ନି.ପ୍ର): ବାରିପଦା ରକ୍ତଭଣ୍ଡାରରେ ଗୁରୁବାର ସକାଳ ସମୟରେ ଅଗ୍ନିକାଣ୍ଡ ଦେଖାଦେଇଥିଲା । ଇଲେକ୍ଟ୍ରିକ୍ ସର୍ଟସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି । ସକାଳ ୭ଟା ୩୦ମିନିଟ ସମୟରେ କମ୍ପ୍ୟୁଟର ରୁମରେ ଧୂଆଁ ଦେଖି ତୁରନ୍ତ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ କର୍ମଚାରୀ । ଅଳ୍ପ ସମୟ ମଧ୍ୟରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ଅଗ୍ନିଶମ ବିଭାଗ । ସର୍ଟସର୍କିଟ୍ ଯୋଗୁଁ ଲାଗିଥିବା ନିଆଁରେ ରକ୍ତଭଣ୍ଡାରରେ ଲାଗିଥିବା ଦୁଇଟି ଏସି, କମ୍ପ୍ୟୁଟର ଓ କିଛି ଆସବାବପତ୍ର ପୋଡିଯାଇଥିବା ଜଣାପଡିଛି । ତେବେ ରକ୍ତଭଣ୍ଡାରରେ ରକ୍ତ ରହୁଥିବା ସ୍ଥାନରେ କୌଣସି କ୍ଷତି ହୋଇନଥିବା ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଜଣାଇଛନ୍ତି । ତୁରନ୍ତ କ୍ଷତି ହୋଇଥିବା ଜିନିଷ ନୂତନ ଭାବେ ଲଗାଯାଇ ପୂର୍ବ ଭଳି କାର୍ଯ୍ୟକ୍ଷମ କରାଯିବ । ତେବେ ଜରୁରୀ କାଳୀନ ରକ୍ତଦାନ ଚାଲୁରହିବ ବୋଲି ପ୍ରକାଶ କରିଛନ୍ତି ଅଧିକାରୀ ।

ରାଜ୍ୟରେ କରୋନାରେ ଆଉ ୫୮ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୦/୦୭ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୫୮ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୪୪୭୬ ହୋଇ ଯାଇଛି । ଗତ ୨୪ ଘଂଟା ଭିତରେ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୧ ଜଣଙ୍କ ମୃତ୍ୟୁ ଘଟିଛି। ଅପରପକ୍ଷରେ ବରଗଡ଼ ଓ ପୁରୀ ଜିଲ୍ଲାରୁ ୭ ଜଣ ଲେଖାଏଁ, ଗଞ୍ଜାମ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୬ ଜଣ ଲେଖାଏଁ, ସମ୍ବଲପୁରରୁ ୪, କେନ୍ଦ୍ରାପଡ଼ାରୁ ୩, କଟକ, ଢେଙ୍କାନାଳ, କେନ୍ଦୁଝର ଓ ନୟାଗଡ଼ରୁ ୨ ଜଣ ଲେଖାଏଁ ଏବଂ ଅନୁଗୁଳ, ଗଜପତି, ଯାଜପୁର, ଝାରସୁଗୁଡ଼ା, କଳାହାଣ୍ଡି ଓ ମୟୂରଭଞ୍ଜ ଜିଲ୍ଲାରୁ ଜଣେ ଲେଖାଏଁ ସଂକ୍ରମିତ ପ୍ରାଣ ହରାଇଛନ୍ତି। ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ। ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ କୁହା ଯାଇଛି ।

ବଦଳିଲେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର

ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ କେ ଆର ଧାନଦେଓ ଆସିବେ ମୟୂରଭଞ୍ଜ

ବାରିପଦା,୧୦/୦୭ (ନି.ପ୍ର): ବଦଳିଲେ ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର । ସେ ଭାରତୀୟ ପୋଲିସ ସେବା ୨୦୧୩ କ୍ୟାଡ଼ରର ହୋଇଥିବା ବେଳେ ପ୍ରଥମେ ନୂଆପଡା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଭାବେ ଯୋଗଦାନ ଏବଂ ପରବର୍ତ୍ତୀ ସମୟରେ ମୟୂରଭଞ୍ଜ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଭାବେ ୨୦୧୯ମସିହା ଅଗଷ୍ଟ ୨୭ତାରିଖରେ ଯୋଗ ଦେଇଥିଲେ । ତେବେ ଆଜି ଆରକ୍ଷୀ ଅଧିକ୍ଷକ ଶ୍ରୀ ପରମାରଙ୍କୁ ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ଚିଠି ନଂ ୨୪୧୦୦/୦୯-୦୭-୨୧ରେ ବଦଳି କରାଯାଇଛି । ଶ୍ରୀ ପରମାରଙ୍କୁ ନବରଙ୍ଗପୁର ଜିଲ୍ଲା ଦାୟିତ୍ୱ ପ୍ରଦାନ କରାଯାଇଥିବା ବେଳେ ନୂତନ ଭାବେ ମୟୂରଭଞ୍ଜ ଜିଲ୍ଲାକୁ ୨୦୧୬ ବ୍ୟାଚର ଭାରତୀୟ ପୋଲିସ ସେବାରେ ଯୋଗଦାନ କରିଥିବା ମାଲକାନଗିରି ଜିଲ୍ଲା ଆରକ୍ଷୀ ଅଧିକ୍ଷକ କେ ଆର ଧାନଦେଓ ଯୋଗ ଦେବାର ବିଜ୍ଞପ୍ତି ପ୍ରକାଶ ପାଇଛି ।

କଂଗ୍ରେସ ପକ୍ଷରୁ ଦରଦାମ ବୃଦ୍ଧି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବାରିପଦା,୧୦/୦୭ (ନି.ପ୍ର): କରୋନା ମହାମାରୀ ସମୟରେ ସବୁ ବର୍ଗର ଲୋକଙ୍କ ଆର୍ଥିକ ପରିସ୍ଥିତି ବିଗିଡି ଯାଇଥିବା ବେଳେ, ଦେଶରେ ପେଟ୍ରୋଲ, ଡିଜେଲ, ରନ୍ଧନଗ୍ୟାସ ତଥା ନିତ୍ୟବ୍ୟବହାର୍ଯ୍ୟ ଜିନିଷର ଦିନକୁ ଦିନ ଅହେତୁକ ଭାବରେ ବଢିଚାଲିଥିବା ଦରଦାମକୁ ନେଇ ସାଧାରଣ ଗରୀବ ଓ ମଧ୍ୟବିତ ଲୋକେ ତ୍ରାହିତ୍ରାହି ଡାକ ଛାଡିଲେଣି । ଏହାକୁ ବିରୋଧ କରି ଆଜି ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ବ୍ଲକ ସ୍ତରରେ କଂଗ୍ରେସ କର୍ମୀ ମାନେ ପ୍ରତିବାଦ ଜଣାଇବା ପରେ ଆଜି ପୂର୍ବାହ୍ନରେ ଜିଲ୍ଲା କଂଗ୍ରେସ କମିଟି ଓ ମହିଳା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବାର ଦେଖା ଯାଇଛି । ପ୍ରଥମେ କଂଗ୍ରେସ କର୍ମୀ ମାନେ କଂଗ୍ରେସ କାର୍ଯ୍ୟାଳୟ ପରିସ୍ରୁ ଏକ ସାଇକେଲ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରି ପେଟ୍ରୋଲ ଡିଜେଲ ଦରବୃଦ୍ଧିର ପ୍ରତିବାଦ ଜଣାଇବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ ପୂର୍ବକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ ବୃଦ୍ଧିକୁ ରୋକିବାକୁ ତୁରନ୍ତ ପଦକ୍ଷେପ ନ ନେଲେ ସାଧାରଣ ଲୋକଙ୍କ ହିତ ପାଇଁ ଏହି ଆନ୍ଦୋଳନକୁ କଂଗ୍ରେସ ବ୍ୟାପକ କରିବ ବୋଲି କୁହାଯାଇଛି । ବାରିପଦା ନଗର କଂଗ୍ରେସ ସଭାପତି ଆଇନଜିବୀ ଶାନ୍ତନୁ ପାଲ ଙ୍କ ନେତୃତ୍ୱରେ ଆୟୋଜିତ ଏହି ବିକ୍ଷୋଭ ସମାବେଶରେ କଂଗ୍ରେସର ଜିଲ୍ଲା ସଭାପତି ହେମନ୍ତ ଦାସ, ବରିଷ୍ଠ କଂଗ୍ରେସ ନେତା ବିଜନ ଦାସ, ଜ୍ୟୋତି ପ୍ରକାଶ ରଥ, ଅରବିନ୍ଦ ଦାସ, ଯୋଗେଶ ଅଗ୍ରୱାଲା, ପ୍ରଦୀପ ମିଶ୍ର , ସୁଦୀପ ମନ୍ତ୍ରୀ, ଜ୍ୟୋତିପ୍ରକାଶ ଦାସ, ଚୈତନ୍ୟ ମାଝି, ବୁଦ୍ଧିରାମ ସିଂ, ଅମୂଲ୍ୟ ଦାସ, ସ୍ୱାଗନ ଦାସ, ରତନଲାଲ ଶର୍ମା, କାର୍ତିକ ମହାନ୍ତି, ଦେବାନ୍ଦ୍ର ସିଂ ପ୍ରମୁଖଙ୍କ ସହିତ ମହିଳା କଂଗ୍ରେସ ଜିଲ୍ଲା ସଭାପତି ସୁସ୍ମିତା ଘୋଷାଲଙ୍କ ନେତୃତ୍ୱରେ ଇତିଶ୍ରୀ ମିଶ୍ର , ଶୁଭସ୍ମିତା ବେହେରା, ରଶ୍ମିତା ମିଶ୍ର, ଇନ୍ଦୁମତି ମହାନ୍ତି ପ୍ରମୁଖ କହୁ ମହିଳା କର୍ମୀ ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ରାଜଧାନୀରେ ୨୪ ଘଂଟାରେ ୩୧୪ ପଜିଟିଭ୍

ଭୁବନେଶ୍ୱର,୧୦/୦୭ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶନିବାର ଦିନ ଆଉ ୩୧୪ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୬୫ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୨୪୯ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୩୩୦ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ଖଣ୍ଡଗିରିରୁ ସର୍ବାଧିକ ୩୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ପଟିଆ ରୁ ୧୭ ଜଣ , ଆଇଆରସି ଭିଲେଜରୁ ୧୪ ଜଣ, ଓଲ୍ଡଟାଉନ୍ ରୁ ୧୨ ଜଣ , ନିଳାଦ୍ରୀବିହାର ରୁ ୧୧ ଜଣ , ବରମୁଣ୍ଡାରୁ ୧୦ ଜଣ, ଚନ୍ଦ୍ରଶେଖରପୁରରୁ ୯ଜଣ,ସହୀଦନଗର , ସତ୍ୟନଗର, ମଂଚେଶ୍ୱର ଓ ନୟାପଲ୍ଲୀ ରୁ ୮ ଜଣ ଲେଖାଏଁ, ପାତ୍ରପଡା ଓ ଲକ୍ଷ୍ମୀସାଗରରୁ ୭ ଜଣ ଲେଖାଏଁ , ବଡଗଡରୁ ୬ ଜଣ, ସାମନ୍ତରାପୁର , ଭୀମଟାଙ୍ଗୀ, ବମିଖାଲ , ୟୁନିଟ୍ ୩ ରୁ ୫ଜଣ ଲେଖାଏଁ ଆକ୍ରାନ୍ତ ରହିଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୩୩୯୧ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୯୧୬୭୯ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୧୮୮ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୫୦୩ ରହିଛି।

ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଗୋପବନ୍ଧୁଙ୍କ ୯୩ ତମ ଶ୍ରାଦ୍ଧ ଦିବସ ପାଳିତ

ଉଦଳା,୧୦/୦୭ (ନି.ପ୍ର): ସେବା ଓ ତ୍ୟାଗର ମୂ ମନ୍ତ ପ୍ରତୀକ, ଓଡିଆ ଭାଷାକୁ ସମୃଦ୍ଧ କରିବା ଏବଂ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିବା ଉତ୍କଳ ମଣି ଗୋପବନ୍ଧୁ ଙ୍କ ୯୩ ତମ ଶ୍ରାଦ୍ଧ ଦିବସରେ ଗୋପବନ୍ଧୁ ମେମୋରିଆଲ୍ ସେବାଟ୍ରଷ୍ଟ ତରଫରୁ ମହା ସମାରୋହରେ ପାଳିତ ହୋଇଯାଇଛି। ସକାଳ ୮ ଘଟିକା ସମୟରେ ଟ୍ରଷ୍ଟର ସଭାପତି ସମାଜ ସେବୀ ପ୍ରମିଳା ପଣ୍ଡା, ସମ୍ପାଦକ ବସନ୍ତ ପରିଡା, ଉପ ସଂଯୋଜକ ସୁବ୍ରତ ମହାନ୍ତି, ଉପଦେଷ୍ଟା ସତ୍ୟବ୍ରତ ମିଶ୍ର ଓ ଅଟୋ ମାଲିକ ସଂଘର ସଭାପତି ଲକ୍ଷ୍ମଣ ମହାପାତ୍ର ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ଗୋପବନ୍ଧୁଙ୍କ ଦେଶ ମାତୃକା ପାଇଁ ଗୋପବନ୍ଧୁଙ୍କ ଅବଦାନ ଏବଂ ତାଙ୍କ ତ୍ୟାଗ ତଥା ସେବାପୂର୍ଣ୍ଣ ଜୀବନ et Function ... ସଂପର୍କରେ ସ୍ମୃତି ଚାରଣ କରିଥିଲେ। ଶ୍ରୀମତୀ ପଣ୍ଡା କହିଲେ ଯେ ଅନ୍ୟ ହିତ ପାଇଁ ଯଦି ଆମେ ନିଜକୁ ସମର୍ପିତ କରିପାରିବୁ ତାହାହିଁ ହେବ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି। ଅନ୍ୟ ମାନଙ୍କ ମଧ୍ୟରେ ସଂଗଠକ ମନୋରଞ୍ଜନ୍ ମଲ୍ଲି. ଭଂଜସେନାର ସଂଯୋଜକ ରବି ମହାନ୍ତି, ଯାତ୍ରା କଳାକାର ସନ୍ତୋଷ ବେହେରା, ସମ୍ବାଦିକ ଅରୁଣ ମହାନ୍ତି, ଶୁଭାଶିଷ ପତି, କମଳାକାନ୍ତ ରଣା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହାପରେ ଉଦଳା ବନବିଭାଗ ରେଞ୍ଜର ଙ୍କ ଉପସ୍ଥିତିରେ କେତୋଟି ବୃକ୍ଷ ରୋପଣ କରାଯାଇଥିଲା।

ସ୍ୱାସ୍ଥ୍ୟବିଭାଗର ଜଳେଶ୍ୱରକୁ ଉପହାସ : ଜଳେଶ୍ୱରରେ ନିଯୁକ୍ତ ଡାକ୍ତର କଟକରେ କାର୍ଯ୍ୟକରୁଥିବା ଅଭିଯୋଗ

ଜଳେଶ୍ୱର,୧୦/୦୭ (ନି.ପ୍ର): ବାଲେଶ୍ୱର ଜିଲାର ଉପାନ୍ତ ଜଳେଶ୍ୱରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟନ୍ତ ହୋଇଥିବା ବେଳେ ଏଥିନେଇ ବିଭିନ୍ନ ସଂଗଠନ ସହିତ ସମାଜ କଲ୍ୟାଣ ବିକାଶ ପରିଷଦ ଓ ନାଗରିକ ସମାଜ ପକ୍ଷରୁ ସରକାରଙ୍କୁ ଆବେଦନ, ଆନ୍ଦୋଳନ, ସାମ୍ବାଦିକ ସମ୍ମିଳନୀ ଇତ୍ୟାଦି ଚାଲୁ ରହିଛି । ୧୦ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏମ୍‌ବିବିଏସ୍ ଡାକ୍ତର ନ ଥିବା ବେଳେ ଫାର୍ମାସିଷ୍ଟ ଓ ଆୟୁଷ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟସେବା ଚାଲିଛି । ଏପରିକି ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନଥିବାରୁ ଜିକେଭଟ୍ଟର ହସ୍‌ପିଟାଲ ଏବେ ରେଫେରାଲ ୟୁନିଟ୍‌ଭାବେ କାର୍ଯ୍ୟ କରୁଛି । ଜିଲା ମୁଖ୍ୟ ଡାକ୍ତରଖାନାରୁ ୫୦କି.ମି. ଦୂରରେ ଥିବା ଏହି ବ୍ଲକରୁ ସାଧାରଣ ରୋଗୀଟିଏ ସ୍ୱାସ୍ଥ୍ୟସେବା ପାଇବା ଅସମ୍ଭବ ହୋଇ ପଡିଛି । ଜିକେ ଭଟ୍ଟର ହସ୍‌ପିଟାଲ ଉପରେ ଜଳେଶ୍ୱର ବ୍ଲକ ଛଡା ପାଖ ଭୋଗରାଇ, ବାଲିଆପାଳ, ବସ୍ତା, ମୟୂରଭଂଜ ଜିଲାର ରାସଗୋବିନ୍ଦପୁର ବ୍ଲକର କିଛି ଅଂଶ, ଏବଂ ପଶ୍ଚିମବଂଗର ଦାନ୍ତୁନ ଓ ମୋହନପୁର ଥାନା ଇଲାକାରୁ ବହୁ ରୋଗୀ ନିର୍ଭର କରନ୍ତି। ଜିକେଭଟ୍ଟର ହସ୍‌ପିଟାଲରେ ୧୩ଜଣ ଡାକ୍ତର ରହିବାକୁ ଥିବା ବେଳେ ୫ଜଣ ବିଶେଷଜ୍ଞ ଡାକ୍ତର ରହିବାର କଥା । ମାତ୍ର ଜଣେ ଶିଶୁ ବିଶେଷଜ୍ଞଙ୍କୁ ଛାଡିଦେଲେ ଅନ୍ୟ ବିଶେଷଜ୍ଞ ପଦବୀ ଖାଲି ପଡିଛି। କିଛିଦିନ ପୂର୍ବରୁ ବ୍ଲକ୍‌କୁ ୧୦ଜଣ ଡାକ୍ତର ନିଯୁକ୍ତ କରାଯାଇଥିଲେ ମଧ୍ୟ ସେମାନେ ବିଭିନ୍ନ ଆଳ ଦେଖାଇ ଏଠାରେ କାର୍ଯ୍ୟ କରିନାହାନ୍ତି । ଅନ୍ୟପକ୍ଷରେ ନିକଟରେ ଜିକେଭଟ୍ଟର ଡାକ୍ତରଖାନାକୁ ସର୍ଜରୀ ବିଭାଗର ଜଣେ ଡାକ୍ତର (ଡାଃ ପ୍ରଶାନ୍ତ ଚିନାରା)ଙ୍କୁ ନିଯୁକ୍ତ କରାଯାଇଥିଲେ ମଧ୍ୟ ସେ କଟକଏସିବି ମେଡିକାଲରେ କାର୍ଯ୍ୟ କରିବାର ନିର୍ଦ୍ଦେଶନାମା ରହିଛି । ତେଣୁ ଏହା ଜଳେଶ୍ୱର ବାସୀଙ୍କ ଲାଗି ଉପହାସ ବୋଲି କଂଗ୍ରେସ ପ୍ରବକ୍ତା ସୁଦର୍ଶନ ଦାସ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିବା ସହିତ ଆସନ୍ତା ଦିନରେ ଜଳେଶ୍ୱରରେ ଦୟନୀୟ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ନାଗରିକ ସମାଜ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି ।

ବନ ବିଭାଗର ମାରାଥନ ଚଢାଉ, ପୁଣି ଏକ ବେଆଇନ କରତକଳ ସହ ଲକ୍ଷାଧିକ ଟଙ୍କାର କାଠ ଜବଦ

ବାଲିଆପାଳ,୧୦/୦୭ (ନି.ପ୍ର): ବେଆଇନ କରତ କଳ ଉପରେ ପୁଣି ଆଜି ବନବିଭାଗ ପକ୍ଷରୁ ମାରାଥନ ଚଢାଉ କରାଯାଇଛି । ବୋଳଂ ଗ୍ରାମରେ ଦୀର୍ଘ ଦିନ ଧରି ଚାଲିଥିବା ବାବୁଲା ମଣ୍ଡଳଙ୍କ ଏଇ ବେଆଇନ କରତ କଳ ଉପରେ ବନବିଭାଗ ପକ୍ଷରୁ ଚଢାଉ କରାଯାଇ ଲକ୍ଷାଧିକ ଟଙ୍କା ଯନ୍ତ୍ରାଂଶ ଏବଂ କାଠ ଜବଦ କରାଯାଇଛି । ମିଲ ମାଲିକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ବାଲିଆପାଳ ବ୍ଲକରେ ଦାନ୍ତୁଣିଦା, ବ୍ଲକଛକ, ବିଷ୍ଣୁପୁର, କାଳିପଦା, ଭିକାଗଡିଆ, ନୂଆଗାଁ,ର ତେଇ, ଚଉମୁଖ, ନିଖିରା, ଲଙ୍ଗଳେଶ୍ୱର ପ୍ରଭୃତ ୧୪ଟି ସ୍ଥାନରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ଅନ୍ୟ ବେଆଇନ କରତ କଳ ମାଲିକ ମାନଙ୍କ ମଧ୍ୟରେ ଛନକା ପଶିଛି । ଚଢାଉ ଭୟରେ ଆଜି ବହୁ ମିଲ ମାଲିକ ସେମାନଙ୍କ ସମିଲର ଯନ୍ତ୍ରାଂଶ ଗୁଡିକ ଖୋଲି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରୁଥିବା ଜଣାଯାଇଛି । ଆଜିର ଏହି ଚଢାଉରେ ବାଲେଶ୍ୱର ଜିଲା ଅତରିକ୍ତ ବନଖଣ୍ଡ ଅଧିକାରୀ ଶରତ କୁମାର ବେହେରା,ଚାନ୍ଦୀପୁର ରେଞ୍ଜ ଅଫିସର ଗଣେଶ ପ୍ରସାଦ ଲେଙ୍କା,ଲଙ୍ଗଳେଶ୍ୱର ଭାରପ୍ରାପ୍ତ ବନଅଧିକାରୀ ପ୍ରକାଶ କୁମାର ମହାନ୍ତି,ସିଂଲା ଆଇଆଇସି ପ୍ରଶାନ୍ତ କୁମାର ଜେନା ସମେତ ୫୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at
Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo